

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS

RNI Regn No- ODIODI/2014/57766.



ବର୍ଷ- ୧୧ ସଂଖ୍ୟା-୧୫୪ ଭୁବନେଶ୍ୱର ରବିବାର, ଫେବୃୟାରୀ ୧୬.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.154 Bhubaneswar, Sunday, Februarry 16, 2025


# ୨୪ ବର୍ଷରେ ଯାହା ହୋଇନି ୮ ମାସରେ କରିଛୁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୫/୨: ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧନ୍ୟବାଦ ପ୍ରସ୍ତାବର ଆଲୋଚନା କରିଛନ୍ତି। ଗତ ୧୩ ତାରିଖ ଦିନ ଚଳିତ ବର୍ଷ ପାଇଁ ଓଡ଼ିଶା ବିଧାନସଭାର ପ୍ରଥମ ଅଧିବେଶନରେ ରାଜ୍ୟପାଳ ତାଙ୍କ ଅଭିଭାଷଣ ଏହି ପବିତ୍ର ଗୃହରେ ଉପସ୍ଥାପନ କରିଥିଲେ। ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ମାନ୍ୟବର ସଦସ୍ୟମାନେ ବିଚାର ବିମର୍ଶ ତଥା ଆଲୋଚନା କରିଛନ୍ତି। ମୁଁ ଏ ଗୃହର ସଦସ୍ୟମାନଙ୍କୁ ଏହି ଆଲୋଚନାରେ ଭାଗନେଇ ତାଙ୍କର ସୁଚିନ୍ତିତ ମତାମତ ରଖି ଥିବାରୁ ଧନ୍ୟବାଦ ଜଣାଉଛି ବୋଲି ଶ୍ରୀ ମାଝୀ କହିଛନ୍ତି। ଯୁବସମାଜ ପାଇଁ ନିଯୁକ୍ତି, କୃଷକମାନଙ୍କ ପାଇଁ ସହାୟତା, ମହିଳା ସଶକ୍ତୀକରଣ ଏବଂ ଅବହେଳିତ ସମ୍ପ୍ରଦାୟର ଅଧିକାରର ସୁରକ୍ଷା ଉପରେ ଗୁରୁତ୍ୱ ଆରୋପ କରି ଆମ ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଆମ ସରକାରଙ୍କ ପ୍ରତିବଦ୍ଧତାକୁ ଅବତାରଣ କରିଛନ୍ତି। ଏହି ଧନ୍ୟବାଦ ପ୍ରସ୍ତାବ ଉପରେ ଚାଲିଥିବା ଆଲୋଚନା ସମୟରେ ବିଭିନ୍ନ ବିରୋଧୀଦଳର ସଦସ୍ୟ ମାନେ ଗୋଟିଏ କଥା ବାରମ୍ବାର ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ଆମ ସରକାର ଆଠ ମାସରେ ବିଶେଷ କିଛି କରି ନାହାନ୍ତି। ମୁଁ ଆପଣ ସମସ୍ତଙ୍କୁ କହିବାକୁ ଚାହେଁ ଯେ ଏପରି ତୁଳନାରେ ମୁଁ ବହୁତ ଆନନ୍ଦିତ, କାରଣ ୨୪ ବର୍ଷ ଅର୍ଥାତ ୨୯୦ ମାସର ବିଗତ ସରକାରଙ୍କ କାର୍ଯ୍ୟକାଳ ସହିତ ବିରୋଧୀଦଳ ମୋ ଆଠ ମାସର କାର୍ଯ୍ୟକାଳକୁ ତୁଳନା କରୁଛନ୍ତି। କାରଣ, ସେମାନେ ଚାହୁଁଛନ୍ତି ଗତ ୨୪ ବର୍ଷରେ ଯେତିକି ବିକାଶ ହୋଇଥିଲା, ମାତ୍ର ଆଠ ମାସରେ ଆମେ ତା' ଠୁ ଅଧିକ ବିକାଶ କରି ଦେଖାଇ ଥାଆନ୍ତୁ। ଆମେ କରିଛୁ ମଧ୍ୟ। ବିଗତ ସରକାରଙ୍କ ୨୪ ବର୍ଷରେ ଓଡ଼ିଶା କେତେ ପାଇଲା, କେତେ ପାଇ ପାରିଥାନ୍ତା, ତାହା ଉପରେ ଆଲୋଚନା କଲେ, ଏକ ଲମ୍ବା ତାଲିକା ହୋଇଯିବ। ବିଗତ ଦୁଇ ଦଶନ୍ଧିର ଶାସକ ଦଳ, ଏବଂ ବର୍ତ୍ତମାନର ବିରୋଧୀ ଦଳଙ୍କୁ ମୁଁ ବାଚସ୍ପତି ମହୋଦୟାଙ୍କ ମାଧ୍ୟମରେ ଏତିକି କହିବି ଯେ ଗତ ୨୪ ବର୍ଷରେ କୃଷି କ୍ଷେତ୍ରରେ ଏତେ ଅଗ୍ରଗତି ଆପଣ କରିଥିଲେ ଯେ ରାଜ୍ୟର ଚାଷୀଙ୍କ ଆୟ ସବୁ ରାଜ୍ୟମାନଙ୍କ ମଧ୍ୟରେ ନିମ୍ନରୁ ଦ୍ୱିତୀୟ। ଉତ୍କଳ ଘଣ୍ଟ କବି ଯଦୁମଣି କହିଥିଲେ, 'ଛାମୁ ଯାହା ଦେଲେ ହରଷେ, ପାଉ ପାଉ ଗଲା ବରଷେ'। ଚାଷୀଙ୍କୁ କୁଇଣ୍ଟାଲ ପିଛା ଯେଉଁ ୧୦୦ ଟଙ୍କା ବୋନସ ଦେବା ପାଇଁ ମିଛ ପ୍ରତିଶୃତି ଦିଆ ଯାଇଥିଲା, ତାହା ପୂରଣ କରିବାରେ ବିଫଳ ହେଲେ । କିନ୍ତୁ, ଆମ ସରକାର ୨୪ ବର୍ଷ ନୁହେଁ, ବରଂ ୨୪ ମିନିଟରେ ପ୍ରଥମ କ୍ୟାବିନେଟରେ କୁଇଣ୍ଟାଲ ପିଛା ୮୦୦ ଟଙ୍କା ଇନପୁଟ ସହାୟତା ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇ କାର୍ଯ୍ୟକାରୀ କରିଛନ୍ତି। ରାଜ୍ୟର ଅଧା ଜନସଂଖ୍ୟାଙ୍କୁ ମହିଳା ସଶକ୍ତିକରଣ ନାଁ'ରେ ଭ୍ରମିତ କରି ୨୪ ବର୍ଷ ପର୍ଯ୍ୟନ୍ତ ସ୍ଲୋଗାନରେ ଚାଲିଗଲା। କିନ୍ତୁ, ଆମ ସରକାର ମାତ୍ର ୨୪ ମିନିଟରେ ରାଜ୍ୟର ପ୍ରାୟ ଏକ କୋଟି ମହିଳାଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଦେବାକୁ ନିଷ୍ପତ୍ତି ଗ୍ରହଣ କରି ବର୍ତ୍ତମାନ ସୁଦ୍ଧା ୯୮ ଲକ୍ଷରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପ୍ରଦାନ କରିସାରିଛନ୍ତି। ଏହି ସୁଭଦ୍ରା ଯୋଜନା ସହାୟତା ଏବଂ କୃଷକ ସମୃଦ୍ଧି ଯୋଜନା ଯୋଗୁଁ ଓଡିଶାର ମୁଣ୍ଡପିଛା ଆୟ, ବିଶେଷ ଭାବେ ଚାଷୀ ପରିବାରଙ୍କ ମାସିକ ଆୟରେ ନିଶ୍ଚିତ ଭାବେ ବୃଦ୍ଧି ହେବ। ଯଦି ତୁଳନା କରିବାକୁ ଚାହୁଁଛନ୍ତି, ତେବେ ଏହା ହେଉଛି ୨୪ ବର୍ଷର ସରକାର ବନାମ ୮ ମାସର ଆମ ସରକାର ମଧ୍ୟରେ ତୁଳନା। ଜାତୀୟ



ଗ୍ରାମୀଣ ଜୀବିକା ମିଶନ ଅଧୀନରେ 'ଲକ୍ଷପତି ଦିଦି' ଅଭିଯାନର ଉଦ୍ଦେଶ୍ୟ ହେଉଛି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ମାନଙ୍କୁ ବାର୍ଷିକ ଅତି କମରେ ୧ ଲକ୍ଷ ଟଙ୍କା ରୋଜଗାର କରିବାରେ ସାହାଯ୍ୟ କରିବା। ୨୦୨୭ ସୁଦ୍ଧା ୨୫ ଲକ୍ଷ ମହିଳାଙ୍କୁ ଲକ୍ଷପତି ଦିଦି ଭାବେ ସଶକ୍ତ କରିବାକୁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ରାଜନୈତିକସ୍ତରରେ ମହିଳାଙ୍କୁ ସଶକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦିଗଦର୍ଶନରେ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ପାରିତ ହୋଇସାରିଛି। ଏହି ଅଧିନିୟମ ବଳରେ ୨୦୨୯ ମସିହା ଠାରୁ ସାରା ଦେଶର ମହିଳାମାନେ ସଂସଦ ଏବଂ ବିଧାନସଭାରେ ଏକ ତୃତୀୟାଂଶ ଆସନରେ ଆରକ୍ଷଣ ପାଇବେ ଏବଂ ଦେଶର ଶାସନ-ପ୍ରଶାସନରେ ମହତ୍ୱପୂର୍ଣ୍ଣ ଭୂମିକା ତୁଲାଇବେ। କିନ୍ତୁ, ଆମକୁ ପଚରାଯାଉଛି, ଆଠ ମାସରେ ଆମେ କ'ଣ କରିଛୁ? ସେ କଥା ଆମ ରାଜ୍ୟବାସୀ ବିଚାର କରିବେ। ଆମେ ୨୪ ବର୍ଷର ଶାସନ କରି ରାଜ୍ୟର ୬୪ ପ୍ରତିଶତ ଶିଶୁଙ୍କୁ ଏବଂ ୬୪ ପ୍ରତିଶତ ବୟସ୍କା ମହିଳାଙ୍କୁ ଅପପୁଷ୍ଟିର କରାଳ ଛାୟା ମଧ୍ୟକୁ ଠେଲି ଦେଇ ନାହୁଁ। କିନ୍ତୁ, ଏହି ଆଠ ମାସରେ ଅପପୁଷ୍ଟି ପରି ସମସ୍ୟାକୁ ଦୂର କରିବା ପାଇଁ ମିଡ-ଡେ ମିଲରେ ମୁଣ୍ଡପିଛା ଖର୍ଚ୍ଚ ବୃଦ୍ଧି କରାଯାଇଛି । ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଯାହା ୨୪ ବର୍ଷରେ ହୋଇ ନ ଥିଲା, ୨୪ ମିନିଟରେ ଆମ ସରକାର କରି ଦେଖାଇ ଦେଲେ। ପ୍ରଥମ କ୍ୟାବିନେଟରେ ହିଁ ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ ପାଇଁ ପଦକ୍ଷେପ ନିଆ ଯାଇଥିଲା। ଶ୍ରୀମନ୍ଦିର ପରିସରରେ ପ୍ରବେଶକୁ ସୁଗମ କରିବା ପାଇଁ ୪ଟି ପବିତ୍ର ଦ୍ୱାର ଖୋଲାଯାଇଛି। ସେ ସମୟରେ କୁହାଯାଇଥିଲା, "ଯଦି ଚାରିଦ୍ୱାର ଖୋଲି ଦିଆଯାଏ, କେଜାଣି କ'ଣ ମହା ପ୍ରଳୟ ହୋଇଯିବ, ଭକ୍ତଙ୍କ ସୁନାମୀ ଆସି କ'ଣ ନାଇ କ'ଣ ହୋଇଯିବ'। କେବଳ ଜଗନ୍ନାଥ ସଂସ୍କୃତି ନୁହେଁ, ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ପ୍ରଚାର ପ୍ରସାର ପାଇଁ ଆମ ସରକାର ୨୦୦ କୋଟି ଟଙ୍କାର ପ୍ରାରମ୍ଭିକ କର୍ପସ ପାଣ୍ଠି ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଆଜି ଆମ ପାଇଁ ନିରକ୍ଷରତା ଏକ ସମସ୍ୟା ନୁହେଁ। ଗୁଣାତ୍ମକ ଶିକ୍ଷା ହେଉଛି ଏକ ଆହ୍ୱାନ। ଆପଣମାନ ଜାଣିଥିବେ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ମଧ ଷଷ୍ଠ ଶ୍ରେଣୀର ସାଧାରଣ ଅଙ୍କ କି ମାନସାଙ୍କ କରିପାରୁନାହାନ୍ତି। ଗୁଣାତ୍ମକ ଶିକ୍ଷାକୁ ସୁଧାରିବା ପରିବର୍ତ୍ତେ ୨୪ ବର୍ଷର ସରକାରଙ୍କୁ ହଠାତ ମନେ ପଡିଲା ୫-ଟି ସ୍କୁଲ। ଶିକ୍ଷାଦାନ ପ୍ରତି ଧ୍ୟାନ ନ ଦେଇ ରୂପାନ୍ତରଣ ନାଁ'ରେ ସ୍କୁଲରେ ଚୂନ ମାରିବା ଆରମ୍ଭ ହୋଇଗଲା ଏବଂ ସବୁଠାରୁ ବଡ କଥା ହେଉଛି, ୫-ଟି ସ୍କୁଲ ଉଦଘାଟନ ନାଁରେ ଇଭେଣ୍ଟ ମ୍ୟାନେଜମେଣ୍ଟ କରାଗଲା। ପୁନର୍ବାର ନିର୍ବାଚିତ ହୋଇ ଆସିଥିବା ବିଜେଡିର ମାନ୍ୟବର ବିଧାୟକ ଓ ବିଧାୟିକା ମାନେ ବି ସେଥିରେ ଅଂଶଗ୍ରହଣ କରିଥିଲେ। କିନ୍ତୁ, ଥରୁଟିଏ ଯଦି ଏହି ରଙ୍ଗବୋଳା ସ୍କୁଲକୁ ଯାଇ ଶିକ୍ଷାର ମାନ ପରଖି ଥାଆନ୍ତେ, ତେବେ ଆଜି ଆମ ପ୍ରାଥମିକ ଶିକ୍ଷାର ଏତେ ଅଧୋଗତି ହୋଇ ନ ଥାନ୍ତା। ପ୍ରାଥମିକ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ଆମ ସରକାର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରିବେ। ରାଜ୍ୟର ପ୍ରତିଟି ଗ୍ରାମ ପଞ୍ଚାୟତରେ ଏହି ଆଦର୍ଶ ବିଦ୍ୟାଳୟରେ ଅତ୍ୟାଧୁନିକ ଭିତ୍ତିଭୂମି ସହିତ ପ୍ରଶିକ୍ଷିତ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଶିକ୍ଷାଦାନ ଦେଇ ଶିକ୍ଷାର ମାନରେ ସୁଧାର ଆଣିବେ।

## ପାଣ୍ଡିଆନ ମନ୍ତବ୍ୟକୁ ନେଇ ହଙ୍ଗାମା



ଭୁବନେଶ୍ୱର,୧୫/୨: ବରିଷ୍ଠ ବିଜେପି ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ପାଣ୍ଡିଆନ ମନନ୍ତବ୍ୟକୁ ନେଇ ଆଜି ଶୂନକାଳରେ ହଟଗୋଳ ହୋଇଥିଲା । ଶ୍ରୀ ମିଶ୍ର କହିଥିଲେ ଯେ ଚାଷୀ ପ୍ରସଙ୍ଗରେ ବିରୋଧିମାନେ ଗୃହରେ ହଙ୍ଗୋଳ କରି ବିଧାନସଭା ଚଳାଇ ଦେଉନାହାନ୍ତି । ସେହି ଚାଷୀ ପ୍ରସଙ୍ଗରେ ବିଜେଡି ଦେଇଥିବା ମୁଲତବି ପ୍ରସ୍ତାବକୁ ବାଚସ୍ପତି ଗ୍ରହଣ କରି ଆଲୋଚନା ପାଇଁ ଡାକିଥିଲେ ମଧ୍ୟ ବିରୋଧି ହଙ୍ଗୋଳ କଲେ । ମୁଲତବି ଆଲୋଚନାରେ ଅଂଶଗ୍ରହଣ କଲେ ନାହିଁ । ବିଧାନସଭାର ବହୁମୁଲ୍ୟ ସମୟ ନଷ୍ଟ ହେଲା । ଗୃହରେ ହଙ୍ଗୋଳ ନେଇ ଲବିରେ ଜଣେ ବିଜେଡି ସଦସ୍ୟ କହିଲେ ଯେ ପାଣ୍ଡିଆନ କହିବାରୁ ଆମେ ଏଭଳି କରିଛୁ । ପାଣ୍ଡିଆନ କ'ଣ ଏ ଗୃହକୁ ଚଳାଉଛନ୍ତି ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଥିଲେ । ଏହାକୁ ବିଜେଡି ସଦସ୍ୟମାନେ ତୀବ୍ର ବିରୋଧ କରିଥିଲେ । ବିଜେଡି ସଦସ୍ୟମାନେ ଏଭଳି ମନ୍ତବ୍ୟର ବିରୋଧକରି ଗୃହ ମଧ୍ୟକୁ ଆସି ପ୍ରତିବାଦ କରୁଥିବାବେଳେ ଶାସକଦଳର ସଦସ୍ୟମାନେ ନିଜ ନିଜ ଆସନରେ ଛିଡାହୋଇ ସେମାନଙ୍କ ପ୍ରତି ମନ୍ତବ୍ୟ ଦେଉଥିଲେ । ପରେ ବାଚସ୍ପତି ସୁରମା ପାଢୀ ବିରୋଧିଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କୁ କହିବାକୁ ଡାକିଥିଲେ । ଶ୍ରୀମତୀ ମଲ୍ଲିକ କହିଥିଲେ ଯେ କେଉଁ ବିଧାୟକ ଲବିରେ ଜୟନାରାୟଣଙ୍କୁ ଏହା କହିଛନ୍ତି ସେ ତାଙ୍କ ନାମ ପ୍ରକାଶ ପ୍ରକାଶ କରନ୍ତୁ । ଏଥି ସହିତ ଗୃହର ବିବରଣୀରୁ ପାଣ୍ଡିଆନଙ୍କ ନାମ ବାଦ ଦେବାପାଇଁ ଶ୍ରୀମତୀ ମଲ୍ଲିକ ବାଚସ୍ପତିଙ୍କ ରୁଲିଂ ଦାବି କରିଥିଲେ । ଏଥି ସହିତ ସେ କହିଥିଲେ ଯେ ବିଧାନସଭାର ନିୟମ ଅନୁଯାୟୀ ଯେଉଁ ବ୍ୟକ୍ତି ଗୃହର ସଦସ୍ୟ ନାହାନ୍ତି ବା ଗୃହରେ ଉପସ୍ଥିତ ନାହାନ୍ତି ତାଙ୍କ ସଂକ୍ରାନ୍ତରେ ଏଠାରେ ଆଲୋଚନା କରାଯାଇ ପାରିବନାହିଁ । ମୁଖ୍ୟ ସଚେତକ ଶ୍ରୀମତୀ ମଲ୍ଲିକଙ୍କ ବକ୍ତବ୍ୟ ପରେ ବିଜେଡି ସଦସ୍ୟମାନେ ନିଜ ନିଜ ଆସନକୁ ଫେରିଯାଇଥିଲେ । ଏହା ପର ଗୃହରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ଆରମ୍ଭ ହୋଇଥିଲା ।

## କେବଳ ଅସମର୍ଥ ବରିଷ୍ଠ ନାଗରିକଙ୍କୁ ଭରଣପୋଷଣ ଦେବେ ପୁଅଝିଅ

### ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

କଟକ,୧୫/୨: କେବଳ ଜଣେ ବରିଷ୍ଠ ନାଗରିକ ହୋଇଗଲେ ସନ୍ତାନ ବା ସଂପର୍କୀୟଙ୍କ ନିକଟରୁ ଭରଣପୋଷଣ ପାଇବା ପାଇଁ ହକଦାର ହେବେ ନାହିଁ। ମାତାପିତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଆଇନ, ୨୦୦୭ ଅନୁସାରେ ଏଥିପାଇଁ ନିର୍ଦ୍ଦେଶ ପାଇ ପାରିବେ ନାହିଁ। କିନ୍ତୁ ଯଦି ବରିଷ୍ଠ ନାଗରିକ ଜଣକ ରୋଜଗାର କରିବାକୁ ଅସମର୍ଥ ଥିବେ ଅଥବା ତାଙ୍କର ଆୟର କୌଣସି ପନ୍ଥା ନଥିବ ତେବେ ସେ ଭରଣପୋଷଣ ପାଇବା ପାଇଁ ହକଦାର। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଜ ପାଳନ ପୋଷଣରେ ଅସମର୍ଥ ବରିଷ୍ଠ ନାଗରିକଙ୍କୁ ଯଦି ତାଙ୍କ ସନ୍ତାନ ବା ସଂପର୍କୀୟ ଉପେକ୍ଷା କରୁଥିବେ ତେବେ ଏଭଳି କ୍ଷେତ୍ରରେ ଭରଣପୋଷଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇ ପାରିବ। ଜଷ୍ଟିସ୍ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଭଳି ରାୟ ଦେଇଛନ୍ତି। ଏଥିସହିତ ବାପାଙ୍କୁ ଭରଣପୋଷଣ ଦେବା ପାଇଁ ପୁଅକୁ ପ୍ରଦାନ କରାଯାଇଥିବା ନିର୍ଦ୍ଦେଶକୁ ହାଇକୋର୍ଟ ଖାରଜ କରିଛନ୍ତି। ଭରଣପୋଷଣ ପ୍ରସଂଗରେ ପୁନର୍ବାର ଶୁଣାଣି କରିବା ଲାଗି ଟ୍ରିବୁନାଲ୍‌କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପକ୍ଷ ରଖିବାକୁ ଉଭୟପକ୍ଷଙ୍କୁ ଟ୍ରିବୁନାଲ୍ ସୁଯୋଗ ଦେବେ। ଏହି ଆବେଦନ ବିଚାରାଧୀନ ଥିବା ବେଳେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଆବେଦନକାରୀ ପୁଅଙ୍କ ତରଫରୁ ଜମା କରାଯାଇଥିବା ରାଶି ଟ୍ରିବୁନାଲ୍‌ରେ ମାମଲାର ଫଇସଲା ପର୍ଯ୍ୟନ୍ତ



ସ୍ଥାୟୀ ଜମା ଭାବେ ରହିବ। ୧ ମାସ ଭିତରେ ଟ୍ରିବୁନାଲ୍ ମାମଲାର ଫଇସଲା କରିବେ। ଟ୍ରିବୁନାଲ୍‌ଙ୍କ ନିକଟରେ ଉଭୟ ବାପପୁଅ ଫେବ୍ରୁଆରି ୨୪ରେ ଉପସ୍ଥିତ ରହିବେ ବୋଲି ହାଇକୋର୍ଟ କହିବା ସହିତ ଶୁଣାଣିରେ ଅନ୍ତ ଘଟାଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୬୯ ବର୍ଷୀୟ ବାପାଙ୍କୁ ପୁଅ ଘରୁ ବାହାର କରିଦେବା ସହିତ ପାଳନପୋଷଣ କରୁ ନଥିବା ଅଭିଯୋଗ ହୋଇଥିଲା। ପୀଡ଼ିତ ବାପା ୫ ହଜାର ଟଙ୍କା ମାସିକ ଭରଣପୋଷଣ ଦାବି କରି ରାୟଗଡ଼ା ଉପଜିଲ୍ଲାପାଳ ତଥା ଭରଣପୋଷଣ ଟ୍ରିବୁନାଲ୍‌ରେ ପୁଅ ବିରୋଧରେ ମାମଲା ରୁଜୁ କରିଥିଲେ। ୨୦୨୪, ଫେବ୍ରୁଆରି ୧୬ରେ ଟ୍ରିବୁନାଲ୍ ମାମଲାର ଶୁଣାଣି କରି ପୁଅକୁ ଘର ଫାଟକ ଚାବି ବାପାଙ୍କୁ ପ୍ରଦାନ କରିବା ସହିତ ମାସିକ ୫ ହଜାର ଟଙ୍କା ଭରଣପୋଷଣ ବାବଦରେ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ରାୟ ବିରୋଧରେ ପୁଅ ରାୟଗଡ଼ା ଜିଲ୍ଲାପାଳ ତଥା ଅପିଲ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଥିଲେ। ଜିଲ୍ଲାପାଳ ୨୦୨୪, ଜୁଲାଇ ୨୩ରେ ରାୟ ପ୍ରକାଶ କରି ଫେବ୍ରୁଆରି ୧୬ର ନିର୍ଦ୍ଦେଶକୁ କାଏମ ରଖିଥିଲେ। ଏପରି ରାୟକୁ ଚ୍ୟାଲେଞ୍ଜ କରି ପୁଅ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବାପା ନିଜକୁ ପାଳନପୋଷଣରେ ଅସମର୍ଥ ଥିବା ନେଇ କୌଣସି ତଥ୍ୟ ପ୍ରମାଣ ଟ୍ରିବୁନାଲ୍‌ଙ୍କ ନିକଟରେ ଦାଖଲ ହୋଇ ନଥିବା ବେଳେ ମାସିକ ଭରଣପୋଷଣ ରାଶି ପ୍ରଦାନ ନିର୍ଦ୍ଦେଶ ଦିଆଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଆବେଦନରେ ଦର୍ଶାଯାଇଥିଲା।

## ବଢିଲା ଇ- କେଓ୍ୱାଇସି ଅପଡେଟ ଅବଧି: ମନ୍ତ୍ରୀ

ଭୁବନେଶ୍ୱର,୧୫/୨: ମାର୍ଚ୍ଚ ୩୧ ଯାଏଁ ବଢିଲା ଇ- କେଓ୍ୱାଇସି ଅପଡେଟ ଅବଧି । ଏନେଇ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି । ପଞ୍ଚମ ଥର ପାଇଁ ସମ୍ପ୍ରସାରଣ କଲେ ରାଜ୍ୟ ସରକାର । ଆଜି ସରୁଥିଲା ଇ- କେଓ୍ୱାଇସି ଅପଡେଟ ଅବଧି । ୪୫ ଦିନ ବୃଦ୍ଧି କରାଯାଇଛି । ଏହି ୪୫ ଦିନରେ ଇ କେଓ୍ୱାଇସି ଅପଡେଟ ହୋଇପାରିବ ବୋଲି ଆଶା କରାଯାଉଛି ।ଯେଉଁ ହିତାଧିକାରୀ ମାନେ ଏ ଯାଏଁ ଅପଡେଟ କରିନାହାନ୍ତି ତାହାକୁ ଦୃଷ୍ଟିରେ ରଖି ସରକାର ଆଗକୁ ତାରିଖ ବଢାଯାଇଛି ।୨ କୋଟି ୯୯ ଲକ୍ଷ ୮ ହଜାର ୪୫୭ ଜଣ ଇ – କେଓ୍ୱାଇସି କରିଛନ୍ତି । ନେଟଓ୍ୱର୍କ ସମସ୍ୟା ପାଇଁ କିଛି ସ୍ଥାନରେ ଅପଡେଟ ହୋଇନାହିଁ । ୩୪୧ ପିଡିଏସ ପଏଣ୍ଟରେ ନେଟଓ୍ୱର୍କ ସମସ୍ୟା ରହିଛି । ୨୩୦ଟି ଅଞ୍ଚଳରେରେ ନୋ ନେଟଓ୍ୱାର୍କ , ୧୧୧ ଟି ଅଞ୍ଚଳରେ ସ୍ଲୋ ନେଟଓ୍ୱର୍କ ରହିଛି ।

## ୬ ବର୍ଷରେ ରାଜ୍ୟରେ ୮ ହଜାର ୧୫୯ଟି ବାଲ୍ୟବିବାହ ହୋଇଛି



ଭୁବନେଶ୍ୱର,୧୫/୨: ଦେଶ ସ୍ୱାଧୀନତାର ୭୮ବର୍ଷ ଅତିକ୍ରମ କରିସାରିଛି। ସରକାର 'ବିକଶିତ ଓଡ଼ିଶା, ବିକଶିତ ଭାରତ' ପାଇଁ କାମ କରୁଛନ୍ତି ବୋଲି କହୁଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ ଗମନାଗମନରେ ପରିବର୍ତ୍ତନ ହୋଇଛି। ଅତ୍ୟାଧୁନିକ ସୁବିଧା ଥିବା ସମୟରେ ପୂରାତନ ମାନସିକତା ନେଇ ରାଜ୍ୟରେ ଲକ୍ଷଲକ୍ଷ ଲୋକଙ୍କୁ ବଞ୍ଚିବାକୁ ପଡୁଛି। ସରକାରୀ କାଗଜପତ୍ରରେ ବିବାହ ପାଇଁ ବୟସ ସୀମା ସିନା ଧାର୍ଯ୍ୟ ହୋଇଛି, ଏହାକୁ ଠିକ୍ ଭାବେ ସବୁଠି ପାଳନ ହେଉନାହିଁ। ଫଳସ୍ୱରୂପ ବାଲ୍ୟବିବାହର ପ୍ରଥା ଏବେ ବି ରହିଛି। ଆଉ ଓଡ଼ିଶା ଭଳି ରାଜ୍ୟରେ ମଧ ଏହା କମିନାହିଁ। ବିଧାନସଭାର ବଜେଟ୍ ଅଧିବେଶନର ତୃତୀୟ ଦିନରେ ଶନିବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉତ୍ତରରୁ ଏହା ସ୍ପଷ୍ଟ ହୋଇଛି। ବିଜେଡି ବିଧାୟକ ବଦ୍ରି ନାରାୟଣ ପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି, ଗତ ୬ ବର୍ଷରେ ରାଜ୍ୟରେ ୮ ହଜାର ୧୫୯ଟି ବାଲ୍ୟବିବାହ ହୋଇଛି। ଏହି ସମୟ ମଧ୍ୟରେ ନବରଙ୍ଗପୁରରେ ସର୍ବାଧିକ ୧୩୪୭ଟି ବାଲ୍ୟବିବାହ ହୋଇଛି। ତାଲିକାର ଦ୍ୱିତୀୟରେ ଥିବା ଗଞ୍ଜାମ ଜିଲ୍ଲାରେ ୯୬୬ଟି ବାଲ୍ୟ ବିବାହ ହୋଇଛି। କୋରାପୁଟରେ ୬୩୬ ବାଲ୍ୟ ବିବାହ ହୋଇଛି। ସମ୍ବେଦନଶୀଳ ପ୍ରସଙ୍ଗକୁ ଯଦି ଦେଖିବେ, ରାଜ୍ୟରେ ୬ ବର୍ଷ ମଧ୍ୟରେ ୩୨୮ ଶିଶୁ ଶ୍ରମିକ ଉଦ୍ଧାର ହୋଇଛନ୍ତି। ବାଲ୍ୟବିବାହରେ ରୋକ ଲଗାଇବାକୁ ବ୍ଲକସ୍ତରରେ, ଅଙ୍ଗନବାଡ଼ିସ୍ତରରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ପ୍ରତି ୩ ମାସରେ ବ୍ଲକ, ଗ୍ରାମପଞ୍ଚାୟତସ୍ତରରେ ସଚେତନତା ସଭା କରାଯାଉଛି। ୧୮ ବର୍ଷ ପୂର୍ବରୁ ବାଲ୍ୟବିବାହ ଘଟଣା ନାଇଜର, ଗୁଏନା, ବାଂଲାଦେଶ ଓ କେନ୍ଦ୍ରୀୟ ଆଫ୍ରିକୀୟ ଗଣତନ୍ତ୍ରରେ ୬୦%ରୁ ଅଧିକ। ୨୦୦୩-୨୦୦୯ର ସର୍ଭେ ଅନୁସାରେ ବାଂଲାଦେଶ, ଇଥିଓପିଆ ଓ ନାଇଜରରେ ୨୦%ରୁ ଅଧିକ ବାଲ୍ୟବିବାହ ୧୫ବର୍ଷ ବୟସ ପୂର୍ବରୁ ହେଉଛି। ସମାଜର ସ୍ୱୀକୃତି ଭିତରେ ୨ ଆତ୍ମା, ୨ ପରିବାରର ମିଳନକୁ ବିବାହ କୁହାଯାଏ। ଉଭୟ ବର ଓ କନ୍ୟା ପରିପକ୍ୱତାର ସିଡ଼ି ଚଢି ଏକ ନିର୍ଦ୍ଦିଷ୍ଟ ବୟସରେ ଉପନିତ ହେଲେ ପରିବାର ବିବାହ କରିବା ପାଇଁ ଆତୁର ଥାଆନ୍ତି। କିନ୍ତୁ ବୟସ ଯଦି ବିବାହ ଉପଯୋଗୀ ନ ହୁଏ ତାକୁ ଆମେ ବାଲ୍ୟବିବାହ ବୋଲି କହୁ। କେବେ ପ୍ରଥା ଭଳି ସମାଜରେ ମାଡ଼ିଥିବା ବାଲ୍ୟବିବାହ ଆଜିର ଆଧୁନିକ ସମୟରେ ସେତେଟା ପ୍ରଭାବ ବିସ୍ତାର କରିପାରୁନଥିଲେ ହେଁ ଆଜି ବି କିଛି ଏମିତି ସ୍ଥାନ ରହିଛି ଯେଉଁଠି ବାଲ୍ୟବିବାହକୁ ସବୁଜ ସଂକେତ ମିଳୁଛି। କିଛି ସ୍ଥାନରେ ଏବେ ବି ବାଲ୍ୟବିବାହ ହେଉଛି। କିଛି ଘଟଣା ଉପରେ ପ୍ରଶାସନର ନଜର ପଡୁଛି।

## ବଜେଟ୍ ପୂର୍ବରୁ ଆସିଲା ଅର୍ଥନୈତିକ ସର୍ଭେ ରିପୋର୍ଟ

ଭୁବନେଶ୍ୱର,୧୫/୨: ବଜେଟ୍ ପୂର୍ବରୁ ଆସିଲା ଅର୍ଥନୈତିକ ସର୍ଭେ ରିପୋର୍ଟ। ୨୦୨୪-୨୫ ଆର୍ଥିକ ବର୍ଷରେ ଓଡିଶା ଅର୍ଥନୀତିର ଆକାର ୯.୫ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି ଯାହା ପ୍ରାୟ ୧୧୩ ବିଲିୟନ ଆମେରିକୀୟ ଡଲାର ଅଟେ । ୨୦୨୪-୨୫ ମସିହାରେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାର ବାସ୍ତବରେ ୭.୨ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି । ଏହି ବର୍ଷରେ ଓଡିଶା ଅର୍ଥନୀତିର ସମସ୍ତ କ୍ଷେତ୍ରରେ ସୁଦୃଶ୍ୟ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି । ଏହା ସର୍ବଭାରତୀୟ ସ୍ତରର ୬.୪ ପ୍ରତିଶତ ତୁଳନାରେ ଅଧିକ । ଆର୍ଥିକ ବର୍ଷ୨୦୨୪-୨୫ ରାଜ୍ୟ ଅର୍ଥନୀତିରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଯୋଗଦାନ ପ୍ରାୟ ୧୯ ପ୍ରତିଶତ ଓ ଏହାର ଅଭିବୃଦ୍ଧି ହାର ୩.୩ ପ୍ରତିଶତ ଅଟେ । ଯାହା ସର୍ବଭାରତୀୟ ସ୍ତରର ଅଭିବୃଦ୍ଧି ସହ ପ୍ରାୟତଃ ସମାନ। ଅପର ପକ୍ଷରେ ରାଜ୍ୟ ଅର୍ଥନୀତିରେ ଶିଳ୍ପ କ୍ଷେତ୍ରର ଯୋଗଦାନ ୪୪ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୬.୧ ପ୍ରତିଶତ ଯାହାକି ସର୍ବଭାରତୀୟ ସ୍ତର ସହିତ ପ୍ରାୟ ସମାନ । ୨୦୨୪-୨୫ ଆର୍ଥିକ ବର୍ଷରେ ମୁଣ୍ଡପିଛା ଆୟ ୧୦.୬ ପ୍ରତିଶତ ବୃଦ୍ଧି ପାଇ ୧.୮୩ ଲକ୍ଷ ଟଙ୍କା ସ୍ତରରେ ପହଞ୍ଚିଛି ଏବଂ ସର୍ବଭାରତୀୟ ମୁଣ୍ଡପିଛା ଆୟ ଠାରୁ ଏହାର ବ୍ୟବଧାନ ଏକ ଅଙ୍କ (୮.୮ ପ୍ରତିଶତ)କୁ ହ୍ରାସ ପାଇଛି । ଅନ୍ୟ ରାଜ୍ୟ ତୁଳନାରେ କ୍ୟାପିଟ୍ ଇନ୍ ?କମ୍ ହିସାବରେ ଓଡିଶା ଏକାଦଶ ସ୍ଥାନରେ ରହିଛି ।

## ଓଡିଆ ଭାଷା ପ୍ରତିଷ୍ଠାନର ନିଜସ୍ୱ ଦପ୍ତର ନାହିଁ



ଭୁବନେଶ୍ୱର,୧୫/୨: ଓଡିଆ ଭାଷା ପ୍ରତିଷ୍ଠାକୁ ୧୮ବର୍ଷ ପୂରିଥିବାବେଳେ ବର୍ତ୍ତମାନ ସୁଦ୍ଧା ଏହାର ନିଜସ୍ୱ ଦପ୍ତରଟିଏ ଗଠନ ହୋଇପାରିଲା ନାହିଁ । ବର୍ତ୍ତମାନ ସୁଦ୍ଧା ଏହା ଦୁଇଟି ସ୍ଥାନ ବଦଳାଇ ଏବେ ତୃତୀୟ ସ୍ଥାନ ଖାରବେଳଭବନରେ କାର୍ଯ୍ୟ କରୁଛି । ଓଡିଆ ଭାଷା ପ୍ରତିଷ୍ଠାନର ସ୍ଥିତି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଦେଇଥିବା ଉତ୍ତରରୁ ଏହି ସୂଚନା ମିଳିଛି । ମନ୍ତ୍ରୀ କହିଛନ୍ତି ଯେ ୨୦୦୬ ମସିହାରେ ଓଡିଆ ଭାଷା ପ୍ରତିଷ୍ଠାନ ଗଠନ ହେବା ପରଠାରୁ ପ୍ରଥମେ ଏହା ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ରର ପ୍ରଥମ ମହଲାରେ ୨୦୧୫ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲା । ଏହାପରେ ୨୦୧୬ରୁ ୨୦୨୩ ପର୍ଯ୍ୟନ୍ତ ଏହା ସଂସ୍କୃତି ବିଭାଗ ଅଧିନସ୍ଥ ସଂସ୍କୃତି ଭବନରେ କାର୍ଯ୍ୟ କରିଥିଲା । ଗତବର୍ଷ ଠାରୁ ଏହା ଖାରବେଳ ଭବନର ପ୍ରଥମ ମହଲାରେ ପ୍ରତିଷ୍ଠାନ କାର୍ଯ୍ୟ କରୁଛି । ତେବେ ଭାଷା ପ୍ରତିଷ୍ଠାନର ନିଜସ୍ୱ ଦପ୍ତର ଗଠନ ପାଇଁ ରାଜ୍ୟ ସରକାର ୨୦୦୯ ମସିହାରେ ଖାରବେଗନର ଅଞ୍ଚଳରେ ୧୭,୫୦୦ ବର୍ଗଫୁଟର ଏକ ଜମି ଯୋଗାଇ ଦେଇଥିଲେ । ଏହି ଜମି ଉପରେ ଘର ତିଆରି କରିବାପାଇଁ ୨୦୦୫-୨୦୦୬ ବର୍ଷରେ ୧କୋଟି ୫ହଜାର ଟଙ୍କା ଯୋଗାଇ ଦେଇଥିଲେ । ପରବର୍ତ୍ତୀ ସମୟରେ ୨୦୧୭ ମସିହାରେ ରାସ୍ତା ଓ କୋଠାବାଡି ନିର୍ମାଣ, ଭୁବନେଶ୍ୱର ଡିଭିଜନର ନିର୍ବାହୀଯନ୍ତ୍ରୀ ଏ ସମ୍ପର୍କରେ ଆଉ ନ ଆଗେଇବାପାଇଁ ଓଡିଶା ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକଙ୍କୁ ଜଣାଇଥିଲେ । ଏହା ପରଠାରୁ ଓଡିଆ ଭାଷା ପ୍ରତିଷ୍ଠାନର ନିଜସ୍ୱ ଦପ୍ତର ଗଠନ ଯୋଜନା ଏକ ପ୍ରକାର ଶୀତଳଭଣ୍ଡାରରେ ରହିଯାଇଛି । ଯାହା ଫଳରେ ରାଜ୍ୟର ସ୍ୱାଭିମାନ ସହିତ ଜଡିତ ଏହି ସରକାରୀ ସଂସ୍ଥାଟି ମୁଣ୍ଡ ଗୁଞ୍ଜିବାପାଇଁ ବାର ଦୁଆର ବୁଲିବା ସାର ହୋଇଛି । କେବଳ ନିଜସ୍ୱ ଦପ୍ତର ନୁହେଁ, ଏଠାରେ ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ଅଧାରୁ ଅଧିକ ଖାଲି ପଡିଛି । ସଂସ୍ଥାର ମୁଖ୍ୟ ହେଉଛନ୍ତି ନିର୍ଦ୍ଦେଶକ । ତେବେ ବର୍ତ୍ତମାନ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଏହାର ଦାୟିତ୍ୱରେ ରହିଛନ୍ତି । ସଂସ୍ଥା ପାଇଁ ମଞ୍ଜୁରୀପ୍ରାପ୍ତ ୩୧ଟି ପଦବୀ ମଧ୍ୟରୁ ୧୬ଟି ଖାଲିପଡିଛି । ପ୍ରକଳ୍ପ ପରାମର୍ଶଦାତା ପାହ୍ୟାରେ ୪ଟି ପଦବୀ ଥିବାବେଳେ ସବୁତକ ଖାଲି ପଡିଛି । ଅତି କମ୍‌ରେ ୨ଟି ପଦବୀ ପୂରଣ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ଦୁଇଟିଯାକ ସହକାରୀ କାର୍ଯ୍ୟକ୍ରମ୍ ସଂଯୋଜକ ପଦବୀ ଖାଲି ପଡିଥିବାବେଳେ ଅଡିଟର, ବରିଷ୍ଠ ଷ୍ଟେନୋ, ଡାଟାଏଣ୍ଟ୍ରି ଅପରେଟର ପଦବୀରେ କେହି ନାହାନ୍ତି ।

# ସରକାରଙ୍କ ଫୋକସ୍‌ରେ ବିଦ୍ୟାଳୟ ଭିତ୍ତିଭୂମି



## ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣରେ ୨୫୦ କୋଟି ଖର୍ଚ୍ଚ

ଭୁବନେଶ୍ୱର,୧୫/୨: ରାଜ୍ୟର ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ କରିବାକୁ ୨୦୨୪-୨୫ ଆର୍ଥିକ ବର୍ଷରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗକୁ ୧୯୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଅନୁରୂପ ଭାବେ ସରକାରୀ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ ୬୦ କୋଟି ଟଙ୍କା ମିଳିଛି। ଯାହାକି ୨୦୨୩-୨୪ ଆର୍ଥିକବର୍ଷ ତୁଳନାରେ ଅଧିକ। ୨୦୨୩-୨୪ରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ୯୬ କୋଟି ଓ ମାଧ୍ୟମିକ ବିଦ୍ୟାଳୟକୁ ୫୩ କୋଟି ଟଙ୍କା ପ୍ରଦାନ କରାଯାଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଧାନସଭାରେ ସୂଚନା ଦେଇଛନ୍ତି। ଓଡ଼ିଶାରେ ଜାତୀୟ ଶିକ୍ଷା ନୀତି(ଏନ୍‌ଇପି) ଲାଗୁ ସମ୍ପର୍କରେ ବିଧାୟକ ବିଜୟ କୁମାର ଦଳବେହେରାଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ଯେ ୨୦୨୫-୨୬ ଶିକ୍ଷାବର୍ଷରେ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଛି। ଏହି ଶିକ୍ଷାନୀତି ଆଧାରରେ ଆବଶ୍ୟକୀୟ ଶିକ୍ଷକ, ଭିତ୍ତିଭୂମି, ପାଠ୍ୟସୂଚୀ, ପାଠ୍ୟକ୍ରମକୁ ପ୍ରାଧାନ୍ୟ ଦିଆଯାଉଛି। ବିଭିନ୍ନ କମିଟି ଓ ବିଶେଷଜ୍ଞମାନଙ୍କ ମତାମତ ଆଧାରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ପଦକ୍ଷେପ ନିଆଯାଉଛି। ସ୍ଥାନୀୟ ପ୍ରସଙ୍ଗୀକରଣ ସହ ଜାତୀୟ ପାଠ୍ୟକ୍ରମ ରୂପରେଖକୁ ରାଜ୍ୟ ପାଠ୍ୟକ୍ରମ ରୂପରେଖ ଭାବେ ଓଡ଼ିଶାରେ ଗ୍ରହଣ କରାଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କେନ୍ଦ୍ର ସରକାରଙ୍କ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ଓ ନୂଆଦିଲ୍ଲୀର ଏନ୍‌ସିଇଆରଟି ସହଯୋଗରେ ଜାନୁଆରି ୨୧ରୁ ୨୩ ଯାଏଁ ଆୟୋଜିତ ତିନିଦିନିଆ ଜାତୀୟସ୍ତରୀୟ କର୍ମଶାଳାରେ ଶିକ୍ଷାବିତ୍, ଏସ୍‌ସିଇଆରଟିର ବରିଷ୍ଠ ଅଧ୍ୟାପକ, ଶିକ୍ଷାବିତ୍ ଓ ଗଣଶିକ୍ଷା ବିଭାଗର ସମସ୍ତ ନିର୍ଦ୍ଦେଶାଳୟର ଅଧିକାରୀମାନେ ଭାଗନେଇଥିଲେ। ଜାତୀୟ ପାଠ୍ୟକ୍ରମ ଆଧାରରେ ରାଜ୍ୟ ପାଠ୍ୟକ୍ରମ ରୂପରେଖ ପ୍ରସ୍ତୁତ କରିବାକୁ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନଙ୍କ ଅଧକ୍ଷତାରେ ଏକ ଷ୍ଟିୟରିଂ କମିଟି ଗଠନ କରାଯାଇଛି। ଏହି କମିଟି ବିଭିନ୍ନ ବିଷୟବସ୍ତୁକୁ ଚିହ୍ନଟ କରିବ ଏବଂ ଓଡ଼ିଶାର ସାଂସ୍କୃତିକ, ଭୌଗଳିକ, ଲଜିଷ୍ଟିକ୍ ବିଷୟବସ୍ତୁକୁ ନେଇ ପାଠ୍ୟକ୍ରମ ପ୍ରସ୍ତୁତ କରିବ। ଶିକ୍ଷାବର୍ଷର ସେପଟ୍ଟେମ୍ବର ୧ରେ ପ୍ରଥମ ଶ୍ରେଣୀରେ ନାମଲେଖା ପାଇଁ ପିଲାଙ୍କ ବୟସ ୬ ବର୍ଷ କିମ୍ବା ଅଧିକ ହେବ ବୋଲି ରାଜ୍ୟ ସରକାର ବିଜ୍ଞପ୍ତି ଜାରି କରିଛନ୍ତି। ୨୦୨୫-୨୬ ଶିକ୍ଷାବର୍ଷରୁ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ 'ଶିଶୁ ବାଟିକା' ନାମକ ଏକ ଅତିରିକ୍ତ ପ୍ରାକ୍-ବିଦ୍ୟାଳୟ ଶ୍ରେଣୀ ଖୋଲାଯିବାର ବ୍ୟବସ୍ଥା ହୋଇଛି। ଯେଉଁଠାରେ ୫ରୁ ୬ ବର୍ଷ ବୟସର ପିଲାମାନଙ୍କ ପ୍ରାକ୍-ବିଦ୍ୟାଳୟ ଶିକ୍ଷା ପାଇଁ ନାମଲେଖା ହେବ। ଶିକ୍ଷକ ଅଭାବ ଦୂର କରିବାକୁ ରାଜ୍ୟ ସରକାର ୨୭ ହଜାର ୪୨୮ ପଦବି ପୂରଣ କରିବାକୁ ଆବଶ୍ୟକୀୟ ପଦକ୍ଷେପ ନେଇଛନ୍ତି। ସେଥିମଧ୍ୟରୁ ୨୦୨୪-୨୫ ଶିକ୍ଷାବର୍ଷରେ ୧୮ହଜାର ୭୦୧ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି। ରାଜ୍ୟରେ ଥିବା ସମସ୍ତ ସରକାରୀ ବିଦ୍ୟାଳୟରେ ଉତ୍ତର ଆକର୍ଷଣୀୟ ଓ ଶିକ୍ଷଣୀୟ ଶ୍ରେଣୀଗୃହ ପରିବେଶ ସୃଷ୍ଟି କରିବାକୁ ଶିକ୍ଷା ଉପଯୋଗୀ ଶିକ୍ଷକ ସାମଗ୍ରୀ ଯୋଗାଇ ଦିଆଯାଇଛି। ପ୍ରଥମରୁ ତୃତୀୟ ଶ୍ରେଣୀ ପରିବେଶକୁ 'ଶିଖିବା ଓ ଶିଖେଇବା' ଅନୁକୂଳ କରିବାକୁ ବିଭିନ୍ନ ଛପାଲେଖା ସାମଗ୍ରୀ ଯଥା ଭାଷା କୋଣ, ଗଣିତ କୋଣ, ଡିସ୍‌ପ୍ଲେ ବୋର୍ଡ, ଗ୍ରିନ୍ ବୋର୍ଡ, ପଠନ ଟେବୁଲ୍, ଦରି, ବ୍ୟାଗ୍ ଆଦି ବ୍ୟବସ୍ଥା ହୋଇଛି। ପ୍ରତି ସରକାରୀ ବିଦ୍ୟାଳୟକୁ ଏକ ଗଣିତ କଳିକା କିଟ୍ ପ୍ରଦାନ କରାଯାଇଛି। ୪ର୍ଥରୁ ୯ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଓଡ଼ିଆ, ଗଣିତ, ଇଂରାଜୀ ବିଷୟରେ ଅଭ୍ୟାସ ପୁସ୍ତିକା ଯୋଗାଇ ଦିଆଯାଇଛି। ଚିତ୍ର ପୋଷ୍ଟର, ବଡ଼ ବହି, ଗୀତ ପୋଷ୍ଟର ଓ ଗପ କାର୍ଡ ପରି ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ କିଟ୍ ବିଦ୍ୟାଳୟଗୁଡ଼ିକୁ ବଣ୍ଟନ ହୋଇଛି। ଏଥିସହ ଶିକ୍ଷଣ ସାମଗ୍ରୀ ମେଳା, ବିଜ୍ଞାନ ମେଳା, ଗଣିତ ମେଳା କରାଯାଇ ପିଲାଙ୍କ ଧିଶକ୍ତି ଉନ୍ନତି ପାଇଁ ବ୍ୟବସ୍ଥା ହୋଇଛି।

## ବିଶ୍ୱକୁ ଶାନ୍ତି ଓ ସୌହାର୍ଦ୍ଦ୍ୟର ବାର୍ତ୍ତା ଦେଇଛି ମହିମା ଧର୍ମ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୫/୨: ବିଶ୍ୱକୁ ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଦ୍ୟର ବାର୍ତ୍ତା ଦେଇ ପ୍ରଗତିର ପଥ ଦେଖାଉଛି ମହିମା ଧର୍ମ । ଏ ଧର୍ମର ସନ୍ଥ ଭୀମ ଭୋଇଙ୍କ ରଚନା ବିଶ୍ୱକୁ ଅନୁପ୍ରାଣିତ କରିଛି । ଶାନ୍ତି, ପ୍ରଗତି ସହିତ ଜଗତକଲ୍ୟାଣ ପାଇଁ ଭୀମ ଭୋଇଙ୍କ କାଳଜୟୀ ବାର୍ତ୍ତା ବେଶ୍ ମହତ୍ତ୍ୱ ରଖେ ବୋଲି ଢେଙ୍କାନାଳ ଯୋରନ୍ଦା ମହିମା ପୀଠ ପରିଦର୍ଶନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ବିବୃତ୍ତି ଦେଇ କହିଛନ୍ତି ଯେ ଏହି ପବିତ୍ର ପୀଠକୁ ଆସି ମୁଁ ନିଜକୁ ଧନ୍ୟ ମନେକରୁଛି । ମହିମା ପୀଠର ବିକାଶ ପାଇଁ ମହିମା ସାଧୁ, ମହିମା ଧର୍ମାବଲମ୍ବୀ, ଅଞ୍ଚଳବାସୀ ଦାବୀ କରିଆସୁଥିଲେ। ପୀଠର ବିକାଶ ପାଇଁ ପୂର୍ବ ସରକାର ଘୋଷଣା କରିଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇନାହିଁ । ତାସହିତ ଭିତରର ଅନେକ ଅଂଶକୁ ମଧ୍ୟ ଭଙ୍ଗା ଯାଇଛି । ତେଣୁ ଏଠାରେ ଏକ ଭବ୍ୟ ମନ୍ଦିର ନିର୍ମାଣ ହେବା ସହ ଏହାକୁ ଏକ ବିଶ୍ୱସ୍ତରୀୟ କ୍ଷେତ୍ରରେ ପରିଣତ କରାଯିବ। ଏଥିପାଇଁ ଏକ ନୂଆ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ସେ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମହିମା ପୀଠର ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି ପ୍ରକାଶ କରି ସେ କହିଥିଲେ ଯେ ନୂଆ ରିପୋର୍ଟ ଅନୁଯାୟୀ ଅର୍ଥ ଯୋଗାଇ ଦିଆଯିବ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯୋରନ୍ଦା ଅଞ୍ଚଳର ସାମଗ୍ରୀକ ବିକାଶ ପାଇଁ ଦାବୀ ରହିଛି । ବ୍ଲକ, ଏନଏସି ଗଠନ, ସ୍ଥାନୀୟ ଫାଣ୍ଡିକୁ ଥାନାରେ ପରିଣତ କରିବା, ପାନୀୟ ଜଳର ସୁବିଧା, ବାଇପାସ୍ ରାସ୍ତା ନିର୍ମାଣ ଆଦି ବିଭିନ୍ନ ପ୍ରସ୍ତାବ ଉପରେ ଫୋକସ୍ କରାଯିବ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବର୍ତ୍ତମାନ ଯୋରନ୍ଦାରୁ ପୁରୀକୁ ଗୋଟିଏ ମାତ୍ର ବସ୍ ଚାଲୁଛି। ଆଗାମୀ ଦିନରେ ଆହୁରି ଅଧିକ ବସ୍ ଚଳାଚଳ କରିବାର ବ୍ୟବସ୍ଥା କରାଯିବ। ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କ ନିକଟରେ ନିଜର ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଲେ ଯେ ଆମ ସରକାର ଯାହା କଥା ଦେଇଥିଲେ ତାହା ପୂରଣ କରୁଛନ୍ତି । ସୁଭଦ୍ରା ଯୋଜନାରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହ ଚାଷୀଙ୍କ ଉନ୍ନତି ପାଇଁ ଧାନର ସହାୟକ ମୂଲ୍ୟ ୩୧୦୦ ଟଙ୍କା କରାଯାଇଛି । ଓଡିଆ ଅସ୍ମିତାକୁ ପ୍ରାଥମିକତା ଦିଆଯାଇ ଏହାର ସୁରକ୍ଷା ଓ ପ୍ରସାର ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଅସ୍ମିତାର ସୁରକ୍ଷା ପ୍ରଗତିଶୀଳ ରାଜ୍ୟ ଗଠନ କରେ । ଏଣୁ ଆମ ସରକାର ସେହି ଦିଗରେ କାର୍ଯ୍ୟ କରୁଛନ୍ତି । ଏହିକ୍ରମରେ ସମସ୍ତ ମଠ ମନ୍ଦିରର ଉନ୍ନତି କରାଯିବ ବୋଲି ସେ କହିଥିଲେ । ଜିଲ୍ଲାକୁ ଶିଳ୍ପ ସମୃଦ୍ଧ କରିବାକୁ ପ୍ରୟାସ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆଜି ସନ୍ଧ୍ୟାରେ ମହିମା ପୀଠରେ ପହଞ୍ଚିଥିଲେ । ପ୍ରଥମେ ଧୂନି ମନ୍ଦିରରେ ଅଲେଖ ସ୍ୱାମୀଙ୍କ ଆଶୀର୍ବାଦ ନେଇଥିଲେ। ପରେ ଭଜନ ମଣ୍ଡପରେ ପହଞ୍ଚି ମହିମା ସାଧୁଙ୍କ ସହ ଆଲୋଚନା କରିଥିଲେ । ବକଳ ଧାରୀ ମହିମା ସମାଜର ସାଧୁମାନଙ୍କ ସହ ମୁଖ୍ୟମନ୍ତ୍ରୀ ପୀଠର ଉନ୍ନତିକରଣ ସଂପର୍କରେ ଆଲୋଚନା କରିଥିଲେ । ସାଧୁମାନଙ୍କ ସହ ମୁଖ୍ୟମନ୍ତ୍ରୀ ପ୍ରସାଦ ସେବନ କରିଥିଲେ। ପ୍ରସାଦ ସେବନ ପରେ ଶୂନ୍ୟ ମନ୍ଦିରକୁ ଯାଇ ସେଠାରେ ଝାଡ଼ ଦୀପ ପ୍ରଜ୍ୱଳନ ଦେଖିବା ସହ ମହିମା ସାଧୁ ସନ୍ଥଙ୍କ ଆଶୀର୍ବାଦ ନେଇଥିଲେ। ଶୂନ୍ୟ ମନ୍ଦିର ଚତୁଃପାର୍ଶ୍ୱ ବୁଲି ଅଲେଖ ପରଂବ୍ରହ୍ମଙ୍କ ଆଶୀର୍ବାଦ ନେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସାଂସଦ ଶ୍ରୀ ରୁଦ୍ର ନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଶ୍ରୀ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ଶ୍ରୀମତୀ ସୀମାରାଣୀ ନାୟକ, ବକଳଧାରୀ ମହିମା ସମାଜର ବାବା ନିତ୍ୟାନନ୍ଦ ଦାସ, କୌପିନ ଧାରୀ ମହିମା ସମାଜର ବାବା ରଘୁନାଥ ଦାସ, ବାବା ସୁଶାନ୍ତ ଦାସ, ବାବା ଅନାମ ଦାସ, ବାବା ଅବିନାଶ ଦାସ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଶ୍ରୀ ସୋମେଶ କୁମାର ଉପାଧ୍ୟାୟ ଧନ୍ୟବାଦ ଦେଇଥିଲେ ।

## ଭାଙ୍ଗିଗଲା ଶ୍ରୀମନ୍ଦିର ଅକ୍ଷୟ ଦଣ୍ଡ

### ନୀଳଚକ୍ରରେ ବାନା ବାନ୍ଧି ଫେରିଲେ ଚୁନରା ସେବକ

ପୁରୀ,୧୫/୨: ଶ୍ରୀମନ୍ଦିର ନୀଳଚକ୍ରରେ ଲାଗିଥିବା ଅକ୍ଷୟ ଦଣ୍ଡ ଆଜି ଭାଙ୍ଗିଯାଇଛି। ଫଳରେ ପତିତପାବନ ବାନା ଅକ୍ଷୟ ଦଣ୍ଡରେ ବାନ୍ଧିବା ସମ୍ଭବପର ହୋଇନି। କେବଳ ନୀଳଚକ୍ରରେ ବାନା ବାନ୍ଧି ଚୁନରା ସେବକ ଫେରିଥିବାବେଳେ ଶ୍ରୀମନ୍ଦିର ଚୂଡ଼ାରେ ସବୁଦିନ ଫର ଫର ହୋଇ ଉଡୁଥିବା ନୀଳଚକ୍ର ବାନା ଆଜି ଉଡ଼ିପାରିନି। ଅକ୍ଷୟ ଦଣ୍ଡ ପୁରୁଣା ହୋଇଗଲେ, ଏହାକୁ ବଦଳା ଯାଇଥାଏ। କିନ୍ତୁ ଏହା କେବେ ଭାଙ୍ଗିଯିବାର ନଜିର ନାହିଁ। ଆଜି ଅକ୍ଷୟ ଦଣ୍ଡ ଭାଙ୍ଗିଯିବା ଅଶୁଭ ସଙ୍କେତ ଦେଉଛି ବୋଲି ଚର୍ଚ୍ଚା ହେଉଛି। ମିଳିଥିବା ସୂଚନା ମୁତାବକ, ଅକ୍ଷୟ ଦଣ୍ଡର ଶୀର୍ଷରେ ଲଟେରିରେ ଉଠିଥିବା ବାନା ବନ୍ଧା ଯାଇଥାଏ। ଅନ୍ୟ ବାନା ସବୁ ତଳେ ବନ୍ଧାଯାଇଥାଏ। ଆଜି ଅପରାହ୍ଣ ପ୍ରାୟ ସାଢ଼େ ୩ଟାରେ ଚୁନରା ସେବକମାନେ ବାନା ବାନ୍ଧିବା ପାଇଁ ଶ୍ରୀମନ୍ଦିର ଦଧି ନଉତିରେ ଚଢ଼ିଥିଲେ। ଲଟେରିରେ ଉଠିଥିବା ବାନା ବାନ୍ଧିବା ବେଳେ ହଠାତ୍? ନୀଳଚକ୍ରରେ ବନ୍ଧା ହୋଇଥିବା ଅକ୍ଷୟ ଦଣ୍ଡ (ବାନା ବାନ୍ଧିବାକୁ ନୀଳଚକ୍ରରେ ବନ୍ଧା ହୋଉଥିବା ବାଉଁଶ) ଭାଙ୍ଗି ଯାଇଥିଲା। ଏଣୁ ଦଧିନଉତିରେ ଚଢ଼ିଥିବା ଚୁନରା ସେବକ ବାନା ବାନ୍ଧି ନ ପାରି ନୀଳଚକ୍ରରେ ସବୁ ବାନା ବାନ୍ଧି ଫେରିଥିଲେ।



## ଧର୍ମାନ୍ତୀକରଣ ଦୃଶ୍ୟ ବେଳେ ତାତିଲେ ଦର୍ଶକ



ଭୁବନେଶ୍ୱର,୧୫/୨: ମଞ୍ଚରେ ଯାତ୍ରା ଚାଲୁଥିଲା । ହେଲେ ସିନରେ ଜଣେ ମୁସଲିମ ଚରିତ୍ରରେ ଥିବା କାଳାକାର ଜଣେ ହିନ୍ଦୁ ଯୁବକଙ୍କୁ ଧର୍ମ ପରିବର୍ତ୍ତନ ପାଇଁ ମାଡ ମାରୁଥିଲେ । କଳାକାରଙ୍କ ସଂଳାପ ମଧ୍ୟ ଏହାକୁ ନେଇ ଉତ୍ତେଜନା ସୃଷ୍ଟି କରିଥିଲା । ଏହା ଦେଖି ତଳେ ବସିଥିବା ଦର୍ଶକ ଗର୍ଜିଥିଲେ। ଉତ୍ୟକ୍ତ ହୋଇ ମଞ୍ଚ ଉପରକୁ ଚେୟାର ଓ ପାଣି ବୋତଲ ଫୋପାଡିଥିଲେ। କିଛି ସମୟ ପାଇଁ ନାଟକ ପରିବେଶଣ ବନ୍ଦ ରହିଥିଲା । ପରେ ଉତ୍ୟକ୍ତ ଦର୍ଶକଙ୍କୁ ବୁଝାସୁଝା କରିବା ପରେ ସେମାନେ ଶାନ୍ତ ପଡିଥିଲେ । ଏଭଳି ଏକ ଦୃଶ୍ୟ ଗତ ଗୁରୁବାର ରାତିରେ ଖଣ୍ଡଗିରି ପେଣ୍ଡାଲରେ ମଞ୍ଚସ୍ଥ ନାଟକ ସ୍ୱାମୀ ପାଇଁ ପଛେ ନର୍କକୁ ଯିବିରେ ଦେଖିବାକୁ ମିଳିଛି । ଖଣ୍ଡଗିରିରେ ଏଭଳି ଘଟଣା ପ୍ରଥମ ବୋଲି କୁହାଯାଇଛି ।

## ବିରୋଧୀ ଭୟଭୀତ ଓ ପଳାୟନ ପନ୍ଥୀ'

ଭୁବନେଶ୍ୱର,୧୫/୨: ଗୃହ ମୁଲତବି ନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପ୍ରତିକ୍ରିୟା ରଖିଛନ୍ତି । କହିଛନ୍ତି ,ବିରୋଧୀ ଦଳ କାର୍ଯ୍ୟ ନିର୍ବାହ କରିପାରୁ ନାହାନ୍ତି । ବିରୋଧୀ ଉତ୍ତର ଶୁଣିବାକୁ ସାହାସ ରଖିନାହାନ୍ତି । ବିରୋଧୀଙ୍କ କୁମ୍ଭୀର କାନ୍ଦଣା ବନ୍ଦ ହେଉ । ବିଜେଡି ଓ କଂଗ୍ରେସ ର ଏହା ଡବଲ ଷ୍ଟାଣ୍ଡ । କାହିଁକି ଆଲୋଚନାକୁ କଂଗ୍ରେସ – ବିଜେଡି ଆସୁନାହାନ୍ତି ।

## ପେନ୍‌ସନ୍ ଦାବିରେ ଗର୍ଜିଲେ ୬୬୨ ବର୍ଗ କଲେଜ ସଂଘ




ଭୁବନେଶ୍ୱର,୧୫/୨: ପେନସନ୍ ଓ ଚାକିରି ସର୍ତ୍ତାବଳି ଦାବିରେ ୬୬୨ ବର୍ଗ କଲେଜ ସଂଘ ପକ୍ଷରୁ ଆଜି ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଉଚ୍ଚଶିକ୍ଷା ବିଭାଗର ୭୦ ପ୍ରତିଶତ କାର୍ଯ୍ୟ ଏହି ସଂଘର ଅଧ୍ୟାପକ ଓ କର୍ମଚାରୀମାନେ ତୁଲାଇ ଆସୁଛନ୍ତି। କିନ୍ତୁ ଅବସର ପରେ ପେନସନ୍ ମିଳୁ ନଥିବାରୁ ସେମାନେ ଦୁର୍ଦ୍ଦିନରେ କାଳାତିପାତ କରୁଥିବା ଅଭିଯୋଗ ହୋଇଛି। ନିର୍ବାଚନ ଇସ୍ତାହାରରେ 'ସମାନ କାମକୁ ସମାନ ଦରମା' ଉଲ୍ଲେଖ ରହିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହି ସଂଘର ଅଧ୍ୟାପକ ଓ କର୍ମଚାରୀମାନେ ଏଥିରୁ ବଞ୍ଚିତ ହୋଇ ଆସୁଛନ୍ତି। ତେଣୁ ସରକାର ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଯୁକ୍ତ ୨ ଖାତା ମୂଲ୍ୟାୟନ ବର୍ଜନ କରିବାକୁ ସଂଘ ଚେତାବନୀ ଦେଇଛି। ଉପରୋକ୍ତ ଦୁଇ ଦାବି ସହିତ ବାଦ୍ ପଡ଼ିଥିବା କର୍ମଚାରୀଙ୍କୁ ଅନୁଦାନ ପରସରଭୁକ୍ତ କରିବା, ଚାକିରି ବୟସ ସୀମା ୬୦ ବର୍ଷରୁ ୬୨ ବର୍ଷକୁ ବୃଦ୍ଧି କରିବା, ଅବସରରେ ପରେ ଖାଲିପଡ଼ିଥିବା ପଦବିରେ ନିଯୁକ୍ତି ଦେବା, ଅଣଶିକ୍ଷକ କର୍ମଚାରୀଙ୍କ ପାଇଁ ଏମ୍‌ଏସିପି ଲାଗୁ କରିବା ପାଇଁ ସଂଘ ଅତିରିକ୍ତ ଦାବି ଉପସ୍ଥାପନ କରିଛି। ଶୁକ୍ରବାର ବିକ୍ଷୋଭ ସମୟରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ସଂଘ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିବା ସହ ସରକାର ଏ ଦିଗରେ ପଦକ୍ଷେପ ନେବେ ବୋଲି କହିଥିଲେ। ସେହିପରି ସଂଘର ଉପଦେଷ୍ଟା ତଥା ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ ଦାବି ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ। ଅପରାହ୍ଣରେ ସଂଘର ୧୦ ଜଣିଆ ପ୍ରତିନିଧିମଣ୍ଡଳୀ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟି ଦାବିପତ୍ର ଦେବା ସହ ସମସ୍ୟା ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଏହି ସମସ୍ୟାକୁ ନେଇ ନୀତି ନିର୍ଦ୍ଧାରଣ କରାଯିବ ବୋଲି ମନ୍ତ୍ରୀ ଆଶ୍ୱାସନା ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

## ୧୧ ଜିଲ୍ଲାରେ ନୂଆ ଏଡିଏମ୍, ୨୯ ବ୍ଲକ୍‌ରେ ନୂଆ ବିଡିଓ




### ୭୦ ଓଏଏସ୍ ଅଧିକାରୀଙ୍କ ବଦଳି

ଭୁବନେଶ୍ୱର,୧୫/୨: ରାଜ୍ୟ ସରକାର ଆଜି ଓଏଏସ୍ ସ୍ତରରେ ଏକ ବଡ଼ଧରଣର ଅଦଳବଦଳ କରିଛନ୍ତି। ବରିଷ୍ଠ ଓ କନିଷ୍ଠ ଅଧିକାରୀଙ୍କୁ ମିଶାଇ ମୋଟ୍ ୭୦ ଜଣଙ୍କୁ ବଦଳି କରାଯାଇଛି। ୧୧ଟି ଜିଲ୍ଲାରେ ନୂଆ ଅତିରିକ୍ତ ଜିଲ୍ଲାପାଳ ନିଯୁକ୍ତି ଦିଆଯିବା ସହ ୨୯ଟି ବ୍ଲକ୍‌ରେ ନୂଆ ବିଡିଓଙ୍କୁ ଅବସ୍ଥାପିତ କରାଯାଇଛି। କିଛି ଜିଲ୍ଲାରେ ଉପଜିଲ୍ଲାପାଳଙ୍କୁ ବଦଳାଯିବା ସହ କିଛି ଆଇଟିଡିଏ ପିଏଙ୍କୁ ମଧ୍ୟ ବଦଳାଇ ଦିଆଯାଇଛି। ସାଧାରଣ ପ୍ରଶାସନ ବିଭାଗ ଏବଂ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ପୃଥକ ପୃଥକ ବିଜ୍ଞପ୍ତି ଜାରି ହୋଇଛି। ବରିଷ୍ଠ ଓଏଏସ୍ ଅଧିକାରୀ ତପିରାମ ମାଝୀଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସିଇଓ ଭାବେ ନିଯୁକ୍ତି ମିଳିଛି। ମାନସ ରଞ୍ଜନ ପାଢ଼ୀଙ୍କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ସଚିବ ଏବଂ ବିଜୟ କୁମାର ଖଣ୍ଡାୟତରାୟଙ୍କୁ ଓପିଏସ୍‌ସି ସଚିବ ଭାବେ ଅବସ୍ଥାପିତ କରାଯାଇଛି। ମୃଣାଳକାନ୍ତି ଦାସଙ୍କୁ ବନ୍ଦୋବସ୍ତ କମିସନର୍, ନିଗମାନନ୍ଦ ପଣ୍ଡାଙ୍କୁ ଲ୍ୟାଣ୍ଡ୍ ରେକର୍ଡ ନିର୍ଦ୍ଦେଶକ, ଇନ୍ଦ୍ରମଣି ନାୟକଙ୍କୁ ରାଜ୍ୟ ନିର୍ବାଚନ କମିସନଙ୍କ ସଚିବ, ଅଶୋକ କୁମାର ବେହେରାଙ୍କୁ ଇପିଏମ୍ ନିର୍ଦ୍ଦେଶକ, ସୌଦାମିନୀ ସେଠୀଙ୍କୁ ପଞ୍ଚାୟତିରାଜ ବିଭାଗର ସ୍ୱତନ୍ତ୍ର ସଚିବ, ବିକ୍ରମାଦିତ୍ୟ ବାରିକଙ୍କୁ ଯାଜପୁର ବନ୍ଦୋବସ୍ତ ଅତିରିକ୍ତ କମିସନର୍, ଶ୍ରାବାଣୀ ପଟ୍ଟନାୟକଙ୍କୁ ଓରେରା ସଚିବ, ଉମାକାନ୍ତ ରାଜଙ୍କୁ ଅର୍ଥ ବିଭାଗର ଅତିରିକ୍ତ ସଚିବ, ସହଦେବ ସମାଡ଼ିଆଙ୍କୁ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ, ଅଲୋମନି ସେଠୀଙ୍କୁ ରାଜସ୍ୱ ବିଭାଗର ଅତିରିକ୍ତ ଶାସନ ସଚିବ, ଶୁଭେନ୍ଦ୍ର କୁମାର ସାମଲଙ୍କୁ ଭଦ୍ରକ ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ, ଦରିଦ୍ରଭଞ୍ଜନ ଏମ୍‌ଏମ୍ ପାତ୍ରଙ୍କୁ କୃଷି ବିଭାଗର ଯୁଗ୍ମ ସଚିବ, ଜୟଶ୍ରୀ ମଲ୍ଲିକଙ୍କୁ ପଞ୍ଚାୟତିରାଜ ବିଭାଗର ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି। ୧୧ ଜିଲ୍ଲାରେ ନିଯୁକ୍ତି ହୋଇଥିବା ନୂଆ ଅତିରିକ୍ତ ଜିଲ୍ଲାପାଳମାନେ ହେଲେ ଭଦ୍ରକରେ ସରୋଜ କୁମାର ଦତ୍ତ, ଗଞ୍ଜାମରେ ଦେବଦତ୍ତ ପଣ୍ଡା, ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରରେ ବିନୋଦ କୁମାର ସେନାପତି, କନ୍ଧମାଳରେ କୃଷ୍ଣଚନ୍ଦ୍ର ନାୟକ, କୋରାପୁଟରେ ଦେବୀପ୍ରସାଦ ମହାନ୍ତି, କଟକରେ ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, ଜଗତସିଂହପୁରରେ ଜ୍ୟୋତିଶଙ୍କର ରାୟ, ସମ୍ବଲପୁରରେ ସୁଧାଂଶୁ ଶେଖର ଭୋଇ, ମୟୂରଭଞ୍ଜରେ ଈଶ୍ୱରଚନ୍ଦ୍ର ନାୟକ, ଗଜପତିରେ ସୋମନାଥ ମାଝୀ ଏବଂ ନବରଙ୍ଗପୁରରେ ତପନ କୁମାର ଖୁଣ୍ଟିଆ। ଏହା ବାଦ୍ ଦିଲ୍ଲୀପ କୁମାର ମହାରଣାଙ୍କୁ ପିକେଡିଏ ସଚିବ, ବରଣ୍ୟେନ୍ଦୁ ମହାନ୍ତିଙ୍କୁ ସିଏମ୍‌ସି ଯୁଗ୍ମ କମିସନର, ଶଙ୍କର କେରକେଟାଙ୍କୁ ଗଜପତି ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ, ରମେଶ କୁମାର ଜେନାଙ୍କୁ ରାୟଗଡ଼ା ଉପଜିଲ୍ଲାପାଳ, ଦୀନମଣି ନାୟକଙ୍କୁ କାମାକ୍ଷାନଗର ଉପଜିଲ୍ଲାପାଳ, ଶିବଶଙ୍କର ମିଶ୍ରଙ୍କୁ କରଞ୍ଜିଆ ଆଇଟିଡିଏ ପିଏ, ମଧୁସ୍ମିତା ସାମନ୍ତରାୟଙ୍କୁ ବାଲେଶ୍ୱର ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ, ପ୍ରଣବ କୁମାର ବେହେରାଙ୍କୁ ବାଙ୍କୀ ଉପଜିଲ୍ଲାପାଳ, ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କୁ କଟକ ଉପଜିଲ୍ଲାପାଳ, ସ୍ୱଦୀପ କୁମାର ଟୋପୋଙ୍କୁ ସୁନ୍ଦରଗଡ଼ର ବଣାଇ ଆଇଟିଡିଏ ପିଏ, ଉମାଶଙ୍କର ବେହେରାଙ୍କୁ ଭଞ୍ଜନଗର ଉପଜିଲ୍ଲାପାଳ, ହଳଧର ଶବରଙ୍କୁ ମାଲକାନଗିରି ଆଇଟିଡିଏ ପିଏ, ଶାନ୍ତନୁ କୁମାର ନାୟକଙ୍କୁ ବାରିପଦା ଆଇଟିଡିଏ ପିଏ, ଚିନ୍ମୟୀ ଚେତନା ଦାଶଙ୍କୁ ବିଜ୍ଞାନ ଓ ବୈଷୟିକ ବିଭାଗର ଉପ ସଚିବ ଭାବେ ନିଯୁକ୍ତି ମିଳିଛି। ପୂର୍ବରୁ ହୋଇଥିବା ଦୁଇଟି ବଦଳି ଆଦେଶକୁ ବାତିଲ କରାଯାଇଛି। ଓଏସ୍‌ସିଏସ୍‌ସିର ମହାପ୍ରବନ୍ଧକ ସୁଧାକର ଶବରଙ୍କର ବିଜ୍ଞାନ ଓ ବୈଷୟିକ ବିଭାଗକୁ ହୋଇଥିବା ବଦଳି ଏବଂ ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସଙ୍କର କେନ୍ଦ୍ରାପଡ଼ାକୁ ହୋଇଥିବା ବଦଳି ବାତିଲ ହୋଇଛି। ଉଭୟ ନିଜ ନିଜ ପୂର୍ବ ଦାୟିତ୍ୱରେ ରହିବେ। ଏହା ବାଦ୍ ରାଜ୍ୟ ସରକାର ଆଜି ୨୯ଟି ବ୍ଲକ୍‌ରେ ନୂଆ ବିଡିଓ ଭାବେ ଓଏଏସ୍ ଅଧିକାରୀଙ୍କୁ ନିଯୁକ୍ତି ଦେଇଛନ୍ତି। ପୂର୍ବରୁ ପଞ୍ଚାୟତିରାଜ ବିଭାଗ ଅଧୀନକୁ ଆସି ବିଭିନ୍ନ ବ୍ଲକ୍‌ରେ ବିଡିଓ ଭାବେ କାମ କରୁଥିବା ୧୩ ଜଣ ଓଆରଏସ୍ ଅଧିକାରୀଙ୍କୁ ରାଜସ୍ୱ ବିଭାଗକୁ ଫେରାଇ ଦିଆଯାଇଛି।

## ଆରମ୍ଭ ହେଲା 'ଲକ୍ଷପତି ଦିଦି ସହାୟିକା' ଯୋଜନା: ଉପକୃତ ହେବେ ୬୨ହଜାରରୁ ଅଧିକ କମ୍ୟୁନିଟି ସପୋର୍ଟ ଷ୍ଟାଫ୍



ଭୁବନେଶ୍ୱର,୧୫/୨: ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କର ଆର୍ଥିକ ଅଭିବୃଦ୍ଧି ପାଇଁ ରାଜ୍ୟ ସରକାର ଲକ୍ଷପତି ଦିଦି ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏଥିରେ ୨୦୨୭ ସୁଦ୍ଧା ୨୫ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଟାର୍ଗେଟ୍ ହାସଲରେ ଯେପରି କୌଣସି ସମସ୍ୟା ହେବନି ସେଥିପାଇଁ ରାଜ୍ୟ ସରକାରଙ୍କ ତରଫରୁ 'ଲକ୍ଷପତି ଦିଦି ସହାୟିକା' ଯୋଜନା ଆରମ୍ଭ ହୋଇଛି। ଏହି ଯୋଜନା ମାଧ୍ୟମରେ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ମାନଙ୍କର ପାରିଶ୍ରମିକ ବାବଦ ଅର୍ଥ ବର୍ତ୍ତମାନ ପାଇଁ ସରକାର ବହନ କରିବେ। ଏଥିପାଇଁ ଗ୍ରାମ ପଞ୍ଚାୟତ ସଂଘ ବା ଜିପିଏଲ୍‌ଏଫ୍‌ମାନଙ୍କୁ ଅନୁଦାନ ପ୍ରଦାନ କରାଯିବ। ଏହି ଯୋଜନା ଦ୍ୱାରା ୬୨ହଜାରରୁ ଅଧିକ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଲାଭବାନ ହେବେ। ସେମାନେ ଏପ୍ରିଲ, ୨୦୨୪ରୁ ପିଛିଲା ଭାବେ ପାରିଶ୍ରମିକ ପାଇବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଜାତୀୟ ଗ୍ରାମୀଣ ଜୀବିକା ମିସନ ଅଧୀନରେ ଓଡ଼ିଶା ଜୀବିକା ମିସନ ଏପ୍ରିଲ ୧, ୨୦୧୨ ମସିହାରୁ କାର୍ଯ୍ୟକାରୀ ହେଉଛି। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବିଭିନ୍ନ ସାମାଜିକ ତଥା ଅର୍ଥନୈତିକ ସହାୟତା ପ୍ରଦାନ କରିବା ପାଇଁ ସେମାନଙ୍କୁ ଗ୍ରାମ ଓ ପଞ୍ଚାୟତସ୍ତରରେ ସଂଗଠିତ କରାଯାଉଅଛି। ଏହି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି), ଆଞ୍ଚଳିକ ମଞ୍ଚ (ସିଏଲ୍‌ଏଫ୍) ଏବଂ ଗ୍ରାମ ପଞ୍ଚାୟତ ସଂଘ (ଜିପିଏଲ୍‌ଏଫ୍)ଗୁଡ଼ିକୁ ସୁଦୃଢ଼ ଓ ସଶକ୍ତ କରିବା ପାଇଁ କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କୁ ଗ୍ରାମ ପଞ୍ଚାୟତ ସ୍ତରୀୟ ସଂଘ ଦ୍ୱାରା ନିଯୁକ୍ତି ଦିଆଯାଇଥିଲା। କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କ ମଧ୍ୟରେ ସିଆରପି-ସିଏମ୍, ଏମ୍‌ବିକେ, ବ୍ୟାଙ୍କମିତ୍ର, ପ୍ରାଣୀମିତ୍ର ଅନ୍ତର୍ଭୁକ୍ତ। ଏହିପରି ଭାବେ ରାଜ୍ୟରେ ୬୨୩୪୧ ଜଣ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ନିଯୁକ୍ତ କରାଯାଇଥିଲା। ହେଲେ ସେମାନଙ୍କର ପାରିଶ୍ରମିକ ନେଇ ପୂର୍ବ ସରକାର ଯେଉଁ ନିଷ୍ପତ୍ତି ନେଇଥିଲେ ତାହା ଦ୍ୱାରା ଜିପିଏଲ୍‌ଏଫ୍‌ମାନେ ସ୍ୱୟଂସଂପନ୍ନ ହୋଇପାରିନାହାନ୍ତି। ତେଣୁ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ମାନେ ୧୦ମାସ ଧରି ପାରିଶ୍ରମିକ ପାଇପାରିନାହାନ୍ତି। ଏହା କେବଳ ପୂର୍ବ ସରକାରଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁ ହୋଇଥିଲା। ଏବେ ଲକ୍ଷପତି ଦିଦି ସହାୟିକା ଯୋଜନାରେ ସରକାର ସେମାନଙ୍କ ପାରିଶ୍ରମିକ ଅର୍ଥ ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଦିନିକିଆ ଲାଞ୍ଜିଗଡ ଗସ୍ତରେ ଜାତୀୟ ଷଷ୍ଠ ଦଶ ଅର୍ଥ କମିଶନର ସଦସ୍ୟ

# ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ତଦାରଖ କଲେ

**ଲାଞ୍ଜିଗଡ଼,୧୫/୨(ନି.ପ୍ର):** କଳାହାଣ୍ଡି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଲାଞ୍ଜିଗଡ଼ ବ୍ଲକ ଏକ ଦୁର୍ଗମ ଓ ମାଓପ୍ରବଣ ଅଞ୍ଚଳ ହୋଇଥିବା ବେଳେ ଏହି ବ୍ଲକରେ ସରକାରଙ୍କ ଅନେକ ଲୋକାଭିମୁଖୀ ଯୋଜନା ମାଧ୍ୟମରେ ବିକାଶମୂଳକ କାର୍ଯ୍ୟ ଚାଲିଛି।ଏହି କାର୍ଯ୍ୟର ସମୀକ୍ଷା ପାଇଁ ଜିଲ୍ଲା ଏବଂ ରାଜ୍ୟ ସ୍ତରରୁ ଅନେକ ପଦାଧିକାରୀ ଆସୁଥିବା ବେଳେ ଆଜି ଷଷ୍ଠ ଦଶ ଜାତୀୟ ଅର୍ଥ କମିଶନର ସଦସ୍ୟ ମନୋଜ ପଣ୍ଡା ଲାଞ୍ଜିଗଡ଼ ବ୍ଲକକୁ ଦିନିଆ ଗସ୍ତ କରି ଅନେକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଆଜି ସକାଳୁ ପ୍ରଥମେ ସେ ଲାଞ୍ଜି ପଞ୍ଚାୟତର ପାହାଡ଼ ଉପରେ ଥିବା ୧୫ ଗୋଟି ପରିବାରକୁ ତଳକୁ ଆଣି ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରି ସେମାନଙ୍କୁ ଥଇଥାନ କରାଯାଇଥିଲା ଏବଂ ତାହାର ନାମକରଣ ବିକାଶ ନଗର କରାଯାଇଥିଲା। ସେହି ବିକାଶ ନଗର ପରିଦର୍ଶନ କରି ଗ୍ରାମୀଣ ଗୃହ, ଲାଞ୍ଜିଗଡ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ଦ୍ୱାରା ଆୟୋଜିତ କାଜୁ ବଗିଚା, ମନରେଗା ଓ ଆମ ଗାଁ ଆମ ବିକାଶ କାର୍ଯ୍ୟର ସମୀକ୍ଷା କରିବା ସହ ହିତାଧିକାରୀଙ୍କ ସହିତ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ ଶ୍ରୀ ପଣ୍ଡା।ଏହାପରେ କାନକୁଟ୍ରୁ ପଞ୍ଚାୟତରେ ଶୋହଳ ଗୋଟି ପରିବାରକୁ ନେଇ ନିର୍ମାଣ ହୋଇଥିବା ଆବାସ ନଗରକୁ ମଧ୍ୟ ପରିଦର୍ଶନ ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ।ଏହାପରେ ନିୟମଗିରି ପାହାଡର ପାଦ ଦେଶରେ ଥିବା ତ୍ରିଲୋଚନପୁର ପଞ୍ଚାୟତର ଫୁଲଡୁମେର ଗାଁ ଗସ୍ତ କରି ଛେଳି ହଷ୍ଟେଲର ତଦାରଖ କରିବା ସହ ପିଭିଟିଜି ହିତାଧିକାରୀଙ୍କ ସହିତ ଆଲୋଚନା କରି ପ୍ରଧାନ ମନ୍ତ୍ରୀ ଜନମନ ଯୋଜନାରେ ନିର୍ମାଣ ହୋଇଥିବା ଘର ଦେଖିବା ସହ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟର ସମୀକ୍ଷା କରି ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ।

ସେହିପରି ଜଗନ୍ନାଥପୁର ଠାରେ ନିର୍ମାଣ ହୋଇଥିବା ଅତ୍ୟନ୍ତ ଲୋଭନୀୟ ଓ ଆକର୍ଷଣୀୟ ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରି ବ୍ଲକ ପ୍ରଶାସନକୁ ପ୍ରଶଂସା କରିଥିଲେ।ମନରେଗା ଓ ପ୍ରଧାନ ମନ୍ତ୍ରୀ ଜନମନ ଯୋଜନାରେ ନିର୍ମାଣ ହୋଇଥିବା ଘର ସମେତ ହିତାଧିକାରୀଙ୍କ ସହିତ ଆଲୋଚନା ପରେ ନିୟମଗିରି ବେଦାନ୍ତ ନଗରର ଆଦିବାସୀ କାର୍ତିକଳା ପ୍ରିଣ୍ଟିଂଙ୍ଗ ଦେଖିଥିଲେ। ଏହି ଗସ୍ତରେ କଳାହାଣ୍ଡି ଜିଲ୍ଲାପାଳ ସଚିବ ପାୱାର ପ୍ରକାଶ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ କଳାହାଣ୍ଡି ଦୟାମୟ ପାଢୀ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅମୂଲ୍ୟ ବାହୁଲ, ଲାଞ୍ଜିଗଡ ପଞ୍ଚାୟତ ସମିତି ଅଧ୍ୟକ୍ଷା କମଳା ପାତ୍ର, ବିଡିଓ ଶଶାଙ୍କ ପାତ୍ର, ପଞ୍ଚାୟତ ନିର୍ବାହି ଅଧିକାରୀ ତାପସ ସାହୁ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ମାନେ ଉପସ୍ଥିତ ଥିଲେ।



## ଜନ ସ୍ୱାସ୍ଥ୍ୟ ବିଭାଗର ସହରବାସୀଙ୍କୁ ଡ୍ରେନ ପାଣି ମିଶ୍ରିତ ପାନୀୟ ଜଳ ଯୋଗାଣ

**ଜି.ଉଦୟଗିରି,୧୫/୨(ନି.ପ୍ର):** ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବଦଳରେ ସାଲୁଙ୍କି ଡେମ୍ ରେ ବିଭିନ୍ନ ସାହିର ଡ୍ରେନ ପାଣି ମିଶୁଥିବା ଦୂଷିତ ପାନୀୟ ଜଳ ଯୋଗାଣ କରାଯାଉଥିବା ନେଇ ଅଭିଯୋଗ ଅନେକ ଥର ବିଭାଗୀୟ ଅଧିକାରୀ ଙ୍କୁ ଅବଗତ କରାଯିବା ପରେ ମଧ୍ୟ ସମସ୍ୟାର ସମାଧାନ ହୋଇପାରିଲା ନାହିଁ। ଏବେ ମଧ୍ୟ ପରିଷଦ ଅନ୍ତର୍ଗତ ୱାର୍ଡ଼ ଗୁଡ଼ିକରେ ଜନସାଧାରଣ ସେହି ଡ୍ରେନ୍ ପାଣି ମିଶ୍ରିତ ପାଣି ବ୍ୟବହାର କରୁଛନ୍ତି।ସରକାର ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସ୍ଥାନୀୟ ସହରରେ ଡ୍ରେନ ପାଣି ମିଶୁଥିବା ଜଳ ଯୋଗାଣ କରାଯିବା କେତେ ଦୁର ଠିକ୍। ଯେଉଁ ଜଳକୁ ବିଭାଗୀୟ କର୍ତ୍ତୃପକ୍ଷ ସହରବାସୀ ଙ୍କୁ ଯୋଗାଣ କରୁଛନ୍ତି ସେହି ଜଳ ବ୍ୟବହାର ଦ୍ୱାରା ଜନ ସାଧାରଣ ବିଭିନ୍ନ ରୋଗର ଶିକାର ହେଉଥିବା ବେଳେ ହଇଜା, ଚର୍ମ ରୋଗ ସହ ଅନେକ ରୋଗରେ ରୋଗାକ୍ରାନ୍ତ ହେବାର ଯଥେଷ୍ଟ ସମ୍ଭାବନା ରହିଛି।ତା ଛଡ଼ା ସହରର ବିଭିନ୍ନ ଅଞ୍ଚଳରେ ସିର୍କି ଜଳାଶୟରୁ ଜଳ ଯୋଗାଣ ହେଉଛି କିନ୍ତୁ ତାହା ଚଳିତ ଗ୍ରୀଷ୍ମ ଋତୁରେ ପରିଷଦ ଅଞ୍ଚଳ ବାସି ଙ୍କ ପାଇଁ ନିଅଣ୍ଟିଆ ହେବ ବୋଲି ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଥିବା ବେଳେ ସାଲୁଙ୍କି ଡେମ୍ ରୁ ଦୂଷିତ ଜଳ ଯୋଗାଣ ହେଉଥିବା ନେଇ ଚର୍ଚ୍ଚା ଚାଲିଛି।ସାଲୁଙ୍କି ଡେମ୍ ରେ ଡ୍ରେନ୍ ପାଣି ମିଶୁଥିବା ସମସ୍ୟା ର ସମାଧାନ ନକରି ସିଧାସଳଖ ଜଳ ଯୋଗାଣ ବନ୍ଦ କରିଦିଆଗଲା ତେବେ ଅଞ୍ଚଳ ବାସି ପାଣି ପାଇବାରୁ ବଞ୍ଚିତ ହେବେ।ଜନ ସାଧାରଣଙ୍କ ଭଲ ପାଇଁ ଏହି ଅଭିଯୋଗ ହେଉଛି କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷ ଜି. ଉଦୟଗିରି ଏନଏସି କାର୍ଯ୍ୟାଳୟ ନିକଟ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ରୁ ଯେଉଁ ଜଳ ଯୋଗାଣ କରୁଛନ୍ତି ତାହା ବନ୍ଦ ନକରି ସାଲୁଙ୍କି ଡେମ୍ ପାଣିରେ ରେ ଯେଉଁ ଡ୍ରେନ୍ ମିଶୁଛି ତାର ବ୍ୟବସ୍ଥା କଲେ ଲୋକେ ବିଶୁଦ୍ଧ ପାଣି ପାଇପାରିବେ ତାହା ନକରି ଯଦି ଜଳ ଯୋଗାଣ ବନ୍ଦ କରିବେ ତେବେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବେ। କିଛି ଚୂନ, ଆଲାମ ମିଶ୍ରଣରେ କଣ ଡ୍ରେନ ମିଶ୍ରିତ ଜଳ ବିଶୁଦ୍ଧ ହୋଇଯିବ ବୋଲି ଲୋକେ ପ୍ରଶ୍ନ କରି ଆଲୋଚନା କରୁଛନ୍ତି ? ଯଦି ଠିକ୍ ତେବେ ଭବିଷ୍ୟତରେ କାହାର ଶରୀର ଅସୁସ୍ଥତା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଦାୟୀ ରହିବେ।ବିଭାଗୀୟ ଅଧିକାରୀଙ୍କୁ ନିବେଦନ କି ସାଲୁଙ୍କି ଡେମ ର ବିଶୁଦ୍ଧ ଜଳକୁ ଦୂଷିତ କରୁଥିବା ଡ୍ରେନ୍ ର ବ୍ୟବସ୍ଥା କରି ଦୂଷିତ ଜଳ ଯୋଗାଣ ହେଉଥିବା ସମସ୍ୟା ର ସମାଧାନ କରିବା ସହ ଯଥା ଶୀଘ୍ର ସହର ବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯାଉ।



## ଯୁକ୍ତ ୨ ଶିକ୍ଷାଗତ ପ୍ରମାଣପତ୍ର ହଜିଯିବା ଘଟଣା: ପାଇଥିଲେ ଫେରାଇବାକୁ ନିବେଦନ କଲେ ଛାତ୍ରୀ

**କୋଟପାଡ଼,୧୫/୨(ନି.ପ୍ର):** ବିଗତ ସାତଦିନ ପୂର୍ବରୁ ଶ୍ରୀୟା ମିଶ୍ର ପିତା ଲିଙ୍ଗରାଜଙ୍କ ଶିକ୍ଷାଗତ ପ୍ରମାଣ ପତ୍ର ଯଥା ଯୁକ୍ତ ୨ ମାର୍କସିଟ କେଉଁଠାରେ ହଜିଯାଇଛି ।

ଏହିପରି ପେକ୍ଷୀରେ ଶ୍ରୀୟା ମିଶ୍ରଙ୍କୁ ଉପର ସ୍ତରରେ ଶିକ୍ଷା ସକାଶେ ଭୁବନେଶ୍ୱର ସିବିଏସିରେ ଆବଶ୍ୟକତା ଥିବାରୁ ବହୁତ ଅସୁବିଧା ହେଉଛି । ଯେ କୌଣସି ବ୍ୟକ୍ତି ସେହି ସାର୍ଟିପେକେଟକୁ ପାଇବେ ଉକ୍ତ ଛାତ୍ରୀକୁ ସହାୟତା କରିବେ ଏବଂ ଉପରସ୍ତ ଠିକଣା ଲିଙ୍ଗରାଜ ମିଶ୍ର କୋଟପାଡ଼, ସାହି କେନ୍ଦୁଗୁଡା ଏବଂ ଯୋଗାଯୋଗ ନମ୍ବର ୭୮୪୮୦-୩୩୭୫୪ ରେ ସମ୍ପର୍କ କରିବେ ବୋଲି ଅନୁରୋଧ ଏବଂ ପୂର୍ଣ୍ଣ ସହଯୋଗ ପାଇଁ ନିବେଦନ କରିଛନ୍ତି ।

## ଛେଳି ବୋଝେଇ ପିକପ ହାଇଜାକ

**ବସ୍ତା, ୧୫/୨(ନି.ପ୍ର):** ପୁଣି ସକ୍ରିୟ ହେଲେଣି ରାଜପଥ ଲୁଟେରା। ୬୦ ନମ୍ବର ଜାତୀୟ ରାଜପଥର ବସ୍ତା ଥାନା କୁଣ୍ଡପୁର ଛକ ନିକଟରୁ ଛେଳି ବୋଝେଇ ପିକଓପ ଭେନକୁ ହାଇଜାକ କରିନେଲେ ଲୁଟେରା। ପ୍ରାପ୍ତ ସୂଚନା ମୁତାବକ ଆଜି ଭୋର ସମୟରେ ପଶ୍ଚିମବଙ୍ଗରୁ ଓଡିଶା ଅଭିମୁଖେ ୧୦୦ରୁ ଉର୍ଦ୍ଧ୍ୱ ଛେଳି ବୋଝେଇ କରି ଆସୁଥିବା ଏକ ପିକପଭ୍ୟାନକୁ କୁଣ୍ଡପୁର ଛକ ନିକଟରେ ଏକ ନମ୍ବର ବିହୀନ ବୋଲେରୋରେ ପାଞ୍ଚ ଜଣ ଦୃବୃତ ଆସି, ପିକଅପ ଭେନରେ ଥିବା ଡ୍ରାଇଭର ସମେତ ତିନ ଜଣଙ୍କୁ ମାଡ଼ମାରି ଛେଳି ବୋଝେଇ ପିକଅପ ଭେନକୁ ହାଇଯାକ କରି ନେଇ ଛନ୍ତି। ଏନେଇ ବସ୍ତା ଥାନାରେ ଗାଡ଼ି ଚାଳକ ଅଭିଯୋଗ କରିଥିବା ଜଣାପଡ଼ିଛି। ଅଭିଯୋଗ ପରେ ବସ୍ତା ପୋଲିସର ଛାନ ଭିନ ଜାରି ରହିଛି।

## ଗୁଡଭେଲା ବ୍ଲକଶିକ୍ଷାବିଭାଗ ସୁଧୁରୁଥିବା ସମୟରେ ଶିକ୍ଷାଅଧିକାରୀଙ୍କୁ ଚକ୍ରାନ୍ତ କରି କରାଗଲା ବଦଳୀ

**ତୁଷୁରା, ୧୫/୨(ନି.ପ୍ର):** ବଲାଙ୍ଗୀର ଜିଲ୍ଲା ଗୁଡଭେଲା ବ୍ଲକ ଏକ ଅବହେଳିତ ତଥା ଅପହଞ୍ଚ ଇଲାକାଅଟେ। ଏହି ବ୍ଲକ ରେ ଶିକ୍ଷା ବିଭାଗ ପୁରାପୁରି ଭୁଷୁଡି ପଡିଥିଲା। ୨୦୨୩ ରେ ନୂତନ କରି ବ୍ଲକ ଶିକ୍ଷା ବିଭାଗରେ ଶିକ୍ଷା ଅଧିକାରୀ ଭାବେ ଯୋଗଦେଇଥିଲେ ରୁଷିଆ ମେହେର। ସେହିଦିନଠାରୁ ପ୍ରତ୍ୟେକ ଦିନ ଅଞ୍ଚଳ ର ବିଭିନ୍ନ ବିଦ୍ୟାଳୟ କୁ ଗସ୍ତକରି ଛାତ୍ର ଛାତ୍ରୀ ମାନଙ୍କ ସହିତ ସୁ ସମ୍ପର୍କ ରଖି ବିଦ୍ୟାଳୟ ର ଅସୁବିଧା ବିଷୟରେ ବୁଝୁଥିଲେ। ଏବଂ ଅମାନିଆ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ଉପରେ ତୁରନ୍ତ ପଦକ୍ଷେପ ନେଉଥିବାରୁ ଠିକ ସମୟରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବିଦ୍ୟାଳୟ ରେ ଉପସ୍ଥିତ ରହି ଶିକ୍ଷାଦାନ କରୁଥିଲେ ଏବଂ ଶିକ୍ଷାବିଭାଗ ପୁରା ପୁରି ସୁଧୁରିଯାଇଥିଲା। କିନ୍ତୁ କୁଚକ୍ରି ମାନେ ଶିକ୍ଷା ବିଭାଗ କୁ ନିଜର ହାତରେ ରଖିବା ପାଇଁ ବର୍ତ୍ତମାନ ଶିକ୍ଷା ଅଧିକାରୀ ଙ୍କୁ ଚକ୍ରାନ୍ତ କରି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ କୁ ବଦଳି କରାଯାଇଛି ।ଯାହାକୁ ନେଇ ବର୍ତ୍ତମାନ ବ୍ଲକବାସୀ ଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ଏବଂ ଅବହେଳିତ ଗୁଡଭେଲା ବ୍ଲକ ର ଶିକ୍ଷା ବିଭାଗ ପୁଣି ଭୁଷୁଡି ପଡିବ ବୋଲି ଆଲୋଚନା କରୁଛନ୍ତି।

# ନୂଆପଡ଼ାରେ କ୍ଲଷ୍ଟର୍ ସ୍ତରୀୟ ନିପୁଣ ଓଡ଼ିଶା ମେଳା

**ବୌଦ୍ଧ,୧୫/୨(ନି.ପ୍ର):** ହରଭଙ୍ଗା ବ୍ଲକ ବୀରନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ନୂଆପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି।ପ୍ରଧାନଶିକ୍ଷକ ଶ୍ରୀ ମକରନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ସମ୍ପୋଚ୍ ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଶ୍ରୀ ରଜନୀ କାନ୍ତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲା ବେଳେ ସମ୍ମାନିତ ଅତିଥି ଭାବେ ସମ୍ପୋଚ୍ ଗ୍ରାମ ପଞ୍ଚାୟତ ର ସରପଞ୍ଚ ଶ୍ରୀମତୀ କଲ୍ୟାଣୀ ପ୍ରଧାନ ଓ ସରସରା ସାଧନ କେନ୍ଦ୍ର ସଂଯୋଜକ ଶ୍ରୀବନ୍ତ ନାଏକ, ଯୋଗଦେଇଥିଲେ। ହରେକୃଷ୍ଣପୁର କ୍ଲଷ୍ଟର ସିଆରସିସି ନିଳାଚଳ ବିହାରୀ ମିଶ୍ର ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ର ଲକ୍ଷ୍ୟ ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ସମ୍ପୋଚ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ର ଶିକ୍ଷକ ଶ୍ରୀ ବିଜୟ କୁମାର ସାହୁ ଅତିଥି ପରିଚୟ କରିବା ସହ କାର୍ଯ୍ୟକ୍ରମ ର ସଂଯୋଜନା କରିଥିଲେ। ମୌଳିକ ଭାଷା ବିକାଶ ଓ ସଂଖ୍ୟାଜ୍ଞାନ ର ବିକାଶ ପାଇଁ ଶିକ୍ଷକ ଓ ଅଭିଭାବକ ମାନଙ୍କର ଏକ ଶପଥ ପାଠ କରି ପିଲାମାନେ ଶିକ୍ଷା ଗ୍ରହଣ ପାଇଁ ଏକ ଅନୁକୂଳ ପରିବେଶ ଓ ବାତାବରଣ ତିଆରି କରି ନୂତନ ଶୈଳୀରେ ଉପକରଣ ମାଧ୍ୟମରେ ଶିକ୍ଷଣ ପ୍ରକ୍ରିୟା ଜାରି ରଖିବା ପାଇଁ ଅତିଥି ମାନେ ପରାମର୍ଶ ଦେଇଥିଲେ।ନୂଆପଡ଼ା ଶିକ୍ଷକ ଶ୍ରୀ ବିଜୟ କୁମାର ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।ପ୍ରକାଶ ଥାଉକି କ୍ଲଷ୍ଟର ଅନ୍ତର୍ଗତ ୧୧ଟି ବିଦ୍ୟାଳୟରୁ ଜଣେ ଲେଖା ସହାୟକ ଶିକ୍ଷକ ଙ୍କ ସହ ୧୦ ଜଣ ଛାତ୍ର ଛାତ୍ରୀ,୧୦ ଜଣ ଅଭିଭାବକ ଙ୍କ ସହ ନୂତନ କୌଶଳରେ ନିର୍ମିତ ପାଠ ଉପକରଣ ସହ ମେଳା ରେ ଯୋଗଦେଇଥଲେ। ଶିକ୍ଷକ ଦୋଳଗୋବିନ୍ଦ ବେହେରା,ରାଜେନ୍ଦ୍ର ମଲ୍ଲିକ,ଗୀତାଞ୍ଜଳି ମହାପାତ୍ର, ଶ୍ୱେତରୁପା ସାହୁ,କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ବାର୍ଷିକ ଉତ୍ସବ: ବିଦ୍ୟାର୍ଥୀଙ୍କ ମଧ୍ୟରେ ଆମ ସଂସ୍କୃତି ଓ ପରମ୍ପରା ଜ୍ଞାନଦିଏ

**ଧାମନଗର, ୧୫/୨(ନି.ପ୍ର):** ଧାମନଗର ବ୍ଲକ ରାଧାବଲ୍ଲଭପୁର ପଞ୍ଚାୟତ ଜାଗୁଳାଇ ନୋଡାଲ ଉଚ୍ଚ ପ୍ରକ୍ଷଥମିକ ବିଦ୍ୟାଳୟର ତ୍ରିଂଶତମ ବାର୍ଷିକ ଉତ୍ସବ ଏକ ବର୍ଣ୍ଣାଢ୍ୟ ପରିବେଶରେ ମହାଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ। ଏହି କାର୍ଯ୍ୟକ୍ରମର ମୁଖ୍ୟ ବକ୍ତା ବିଶିଷ୍ଟ ପ୍ରବଚକ ତଥା ଆଧ୍ୟାତ୍ମିକ ପତ୍ରିକା ଅମୃତ ଦର୍ଶନର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ।ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବ ସଭାରେ ଧାମନଗର ବିଧାୟକ ତଥା ମାନ୍ୟବର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ ମୁଖ୍ୟ ଅତିଥି ଏବଂ ଜିଲ୍ଲା ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ଆଗରପଡ଼ାର ବରିଷ୍ଠ ପ୍ରଶିକ୍ଷକ ନିର୍ମଳ ଚନ୍ଦ୍ର ସେଠୀ ,ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଜେନା, ଅତିରିକ୍ତ ଶିକ୍ଷାଧିକାରୀ ଶ୍ରୀଚରଣ ମଲ୍ଲିକ, ସହକାରୀ ଶିକ୍ଷାଧିକାରୀ ତଥା ଗାଳ୍ପିକ ସତ୍ୟ ସୁନ୍ଦର ପରିଡ଼ା , ସରପଞ୍ଚ ପ୍ରୀତମ ଦାସ, ସମିତି ସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ସିଆରସିସି ମୋଜଫର ହୋସେନ, ଭିଇସି ସଭାନେତ୍ରୀ ଭାରତୀବାଳା ଦାସ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏଥିରେ ସମ୍ବର୍ଦ୍ଧିତ ପ୍ରତିଭାଭାବେ ବିଶିଷ୍ଟ ଲେଖକ ଅର୍ଜ୍ଜୁନ ପଣ୍ଡା , ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ଭୋଇ ,ଶିକ୍ଷକ ସଂଘର ଭାବଗ୍ରାହୀ ଖୁଣ୍ଟିଆ ,ସନ୍ତୋଷ କୁମାର ଲେଙ୍କା ପ୍ରମୁଖ ଯୋଗଦେଇ ସଭାର ଗାରିମା ବୃଦ୍ଧି କରିଥିଲେ। ପ୍ରାରମ୍ଭିକ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ ପରେ ସ୍ୱାଗତ ସଙ୍ଗୀତ ପରିବେଷଣ ଓ ଅତିଥିଙ୍କୁ ଚନ୍ଦନ ସିନ୍ଦୂର ସହିତ ବ୍ୟାଚ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା।ଶିକ୍ଷକ ରବୀନ୍ଦ୍ର ସେଠୀ ପରିଚୟ ପ୍ରଦାନ ଓ ଶିକ୍ଷକ ସୁକାନ୍ତ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ।ଏହାପରେ ବାର୍ଷିକ କ୍ରୀଡ଼ାରେ ପାରଦର୍ଶିତା ହାସଲ କରିଥିବା ବରିଷ୍ଠ ,କନିଷ୍ଠ ,ଅତି କନିଷ୍ଠ ବିଭାଗରେ ୬୬ଟି ପୁରସ୍କାର ବିତରଣ କରାଯାଇଥିଲା।ମାତୃ ଦିବସରେ ଆୟୋଜିତ ମୁରୁଜ ପ୍ରତିଯୋଗିତାରେ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ମା' ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଶିକ୍ଷୟତ୍ରୀ ଦୀପାନ୍ୱିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସାନ୍ଧ୍ୟ ପର୍ଯ୍ୟାୟରେ କଳା ଶିକ୍ଷକ ଦୀପକ କୁମାର ନାୟକଙ୍କ ନିର୍ଦ୍ଦେଶନାରେ ନୃତ୍ୟ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଦ୍ୟାଳର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଏସଏମସି ସଭ୍ୟ ସଭ୍ୟା, ଗ୍ରାମବାସୀ ସହଯୋଗ କରିଥିଲେ। ଶିକ୍ଷକ ମନୋଜ କୁମାର ସିଂହ,ମନ୍ମଥ ରାଉତ ,ନିରାକାର ରାଉତ ,ହବିବୁଲ କରିମ, ଅରୁଣ ରାଉତ ,ଅନୁପମା ଧଳ, ଭକ୍ତିଲତା ରାଉତ,ପ୍ରଭୁ ରଞ୍ଜନ ଉପାଧ୍ୟାୟ, ଦୀପିକା ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥଲେ।



# ଜାମୁଟ ଠାରେ ଶିକ୍ଷଣ ଉପକରଣ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ

**ତୁଷୁରା,୧୫/୨(ନି.ପ୍ର):** ଓଡ଼ିଶା ସରକାରଙ୍କ ଯୋଜନାନୁସାରେ ଜାମୁଟ କ୍ଲଷ୍ଟର୍ ସ୍ତରୀୟ ନିପୁଣ ଓଡ଼ିଶା ମେଳା ଓ ଶିକ୍ଷଣ ଉପକରଣ ପ୍ରସ୍ତୁତି କର୍ମଶାଳା ଗମ୍ଭାରୀଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷକ କୈଳାସ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ଗୁଡଭେଲା ବ୍ଲକ୍ ବିଇଓ ରୁଷିଆ ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉକ୍ତ ମେଳା ଓ କର୍ମଶାଳାକୁ ଉତଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ରମେଶ ଚନ୍ଦ୍ର ସାମର୍ଥ ଓ ବଲାଙ୍ଗିର ସିଟିଇର ସହକାରୀ ପ୍ରାଧ୍ୟାପକ ଡ. ଅଜିତ କୁମାର ପ୍ରଧାନ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବଲାଙ୍ଗିର ସିଟିଇର ସହକାରୀ ପ୍ରାଧ୍ୟାପକ ଡ. ସୁଧୀର କୁମାର ସାହୁ ଯୋଗ ଦେଇ ନିପୁଣ ଓଡ଼ିଶାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ସ୍ଥାନୀୟ ସିଆରସିସି ଜଗମୋହନ ତ୍ରିପାଠୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସ୍ଥାନୀୟ ବିଦ୍ୟାଳୟ ର ସହକାରୀ ଶିକ୍ଷକ ଗୋଲସନ କୁମାର ସଭା ସଞ୍ଚାଳନ କରିଥିଲେ ଓ ଟିକିରିପଡା ୟୁପି ସ୍କୁଲ୍ ର ପ୍ରଧାନ ଶିକ୍ଷକ ଉମାକାନ୍ତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ନିପୁଣ ଓଡ଼ିଶା ସଂଗୀତ ଓ ଟିକିରିପଡା ୟୁପି ସ୍କୁଲ୍ ର ଛାତ୍ରଛାତ୍ରୀ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ ।

ଜାମୁଟ ୟୁପି ସ୍କୁଲ୍ ର ପ୍ରଧାନ ଶିକ୍ଷକ ଦିବ୍ୟ ରଞ୍ଜନ ମାଝୀ ସମସ୍ତଙ୍କୁ ନିପୁଣ ଓଡିଶାର୍ ଶପଥ ପାଠ କରାଇଥିଲେ। ଉଦ୍‌ଯାପନୀ ସଭାରେ ଗମ୍ଭାରୀ ଗୁଡା ଗ୍ରାମ ପଞ୍ଚାୟତ ର ସରପଞ୍ଚ ଇନ୍ଦ୍ରମଣି ଭୋଇ ଯୋଗ ଦେଇ ସମସ୍ତ ପ୍ରତିଭାଗୀ ଶିଶୁମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ରିନା କୁଶଲ, ସମାଜସେବୀ ହରି ମାଝୀ, ଏସ୍‌ଏମ୍‌ସି ସଭ୍ୟା ଲକ୍ଷ୍ମୀ ଭୋଇ, ୱାର୍ଡମେମ୍ବର ପ୍ରତିମା ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୧୨୦ରୁ ଉର୍ଦ୍ଧ୍ୱ ଟିଏଲ୍ଏମ୍ ପ୍ରଦର୍ଶିତ ହୋଇଥିଲା। ଶେଷରେ ସ୍ଥାନୀୟ ବିଦ୍ୟାଳୟ ର ସହକାରୀ ଶିକ୍ଷକ ବେଣୁପାଣି ବୁଡେକ ଧନ୍ୟବାଦ ଅର୍ପଣ କରିଥିଲେ ଓ ପ୍ରଧାନ ଶିକ୍ଷକ କୈଳାସ ମହାନନ୍ଦ ସଭା ସାଙ୍ଗ ଘୋଷଣା କରିଥିଲେ। ଉକ୍ତ ମେଳାକୁ ଶତାଧିକ ଅଭିଭାବକ, ଅଭିଭାବିକା ପରିଚାଳନା ସମିତି ସଦସ୍ୟ ସଦସ୍ୟା ବୁଲି ଦେଖିଥିଲେ। କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ, ଏଫ୍‌ଏଲ୍‌ଏନ୍ ଶିକ୍ଷକ ଓ ଗାଇଡ୍ ଟିଚର ତଥା ସ୍ଥାନୀୟ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀ ଅକୁଣ୍ଠ ସହଯୋଗ କରିଥିଲେ

# ଜିଲା ନାଗରିକ କମିଟି ପକ୍ଷରୁ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବୀପତ୍ର

**କନ୍ଧମାଳ, ୧୫/୨(ନି.ପ୍ର):** ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଦିନିକିଆ କନ୍ଧମାଳ ଗସ୍ତରେ ଆସିଥିବା ବେଳେ ଜିଲା ନାଗରିକ କମିଟି ପକ୍ଷରୁ ମାନ୍ୟବର ମନ୍ତ୍ରୀଙ୍କୁ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି। କନ୍ଧମାଳ ଜିଲ୍ଲା ରାଜ୍ୟର ଏକମାତ୍ର ଚିକିତ୍ସାଳୟ ଯେଉଁଠି ଦିନରେ ସକାଳବେଳା ମାତ୍ର ୪ଘଣ୍ଟା ପାଇଁ ଓପିଡି ଖୋଲୁଥିବା ବେଳେ ଉପରବେଳା ଓପିଡିରେ ବିଶେଷଜ୍ଞ ଓ ଡାକ୍ତର ମାନେ ବସୁ ନଥିବା ଅଭିଯୋଗ ହେଉଛି।ଯାହା ଫଳରେ ଦୁର ଦୁରାନ୍ତରୁ ଆସୁଥିବା ରୋଗୀମାନେ ସେବା ନ ପାଇ ଫେରିଯାଉଥିବା ମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଜିଲାରୁ ୬ଜଣ ଡାକ୍ତର ଗତ ତିନି ବର୍ଷରୁ ଅଧିକ ସମୟ ଧରି ଡେପୁଟେସନରେ ଥିବାରୁ ତାହା ବାତିଲ କରି ଜିଲାକୁ ଫେରାଇ ଆଣିବାକୁ ନାଗରିକ କମିଟିର ଆବାହକ ଅଶୋକ ପରିଡା ମାନ୍ୟବର ମନ୍ତ୍ରୀଙ୍କୁ ଅବଗତ କରିଥିଲେ।ଗୁରୁତର ରୋଗୀଙ୍କ ପାଇଁ ଦୁଇଟି ଆଇସିୟୁ ନିର୍ମାଣ କରିବା ପାଇଁ ମାନ୍ୟବର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।ତାଲିମ ପ୍ରାପ୍ତ ଡାକ୍ତର ଅଭାବରୁ ଗତ ପାଞ୍ଚ ବର୍ଷରୁ ଅଧିକ ସମୟ ଧରି ସାଧାରଣ ରୋଗୀଙ୍କ ଅଲଟ୍ରାସାଉଣ୍ଡ ହେଉନଥିବା ମାନ୍ୟବର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମେଡ଼ିକାଲ କଲେଜର ଶିକ୍ଷାଦାନ ପର୍ଯ୍ୟନ୍ତ ନିଯୁକ୍ତି ପାଇଥିବା ବିଶେଷଜ୍ଞ ଡାକ୍ତରମାନେ ଜିଲା ମୁଖ୍ୟ ଚିକିତ୍ସାଳୟର ଆଉଟଡୋରରେ ଚିକିତ୍ସା ଯୋଗାଇ ଦେବାକୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦେବାକୁ ସ୍ମାରକପତ୍ରରେ ଉଲ୍ଲେଖ ରହିଛି।ଜିଲ୍ଲାର ୫୨୦ଜଣ ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୧୮୨ଜଣ ଡାକ୍ତର ଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୪୩ ଜଣ ଡାକ୍ତର ମଧ୍ୟରୁ କାଗଜ କଲମରେ ମାତ୍ର ୪୧ଜଣ ଡାକ୍ତର ଥିବା ସମ୍ପର୍କରେ ଅବଗତ କରାଯାଇଥିଲା।ଜିଲ୍ଲାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟରେ ଗୁମାଗଡ,ବାରିକୁମ୍ପା,ସୁଡୁକୁମ୍ପା, ଫିରିଙ୍ଗିଆ, କଟ୍ରିଙ୍ଗିଆ ଇତ୍ୟାଦିରେ ନିଯୁକ୍ତି ପାଇଥିବା ଅଧିକାଂଶ ଡାକ୍ତର ସ୍ଥାନୀୟ ବାସଭବନରେ ରହୁନଥିବା ବେଳେ ରହିବା ପାଇଁ ଥିବା ସ୍ୱତନ୍ତ୍ର ଭତ୍ତା ନେଉଥିବା ମାନ୍ୟବର ମନ୍ତ୍ରୀଙ୍କ ଦୃଷ୍ଟିକୁ ନିଆଯାଇଥିଲା। ଏହି ଅବସରରେ ସତ୍ୟପ୍ରିୟ ମହାନ୍ତି, ରଞ୍ଜନ କୁମାର ଦାସ,ଅଜୟ କୁମାର ସାହୁ ,ସୁଧିର ମହାରଣା ,ମଧୁସୂଦନ ସାହୁ ପ୍ରମୁଖ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ସାକ୍ଷାତ କରି ସମସ୍ୟାର ସମାଧାନ ପାଇଁ ଆଲୋଚନା କରିଥିଲେ।ମାନ୍ୟବର ମନ୍ତ୍ରୀ ଏ ସମ୍ପର୍କରେ ଦୃଷ୍ଟି ଦେବାକୁ ସମ୍ମତି ଦେଇଥିଲେ।



## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ନିମନ୍ତେ ସମର୍ପଣ ଦିବସ ପାଳନ

**ଦିଗପହଣ୍ଡି ୧୫/୨(ନି.ପ୍ର):** ଦିଗପହଣ୍ଡି ଭାରତୀୟ ଜନତା ପାର୍ଟି ତରଫରୁ ଗୋକର୍ଣ୍ଣପୁର ୨୮ ନମ୍ବର ଜୋନରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ସମର୍ପଣ ଦିବସ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋକର୍ଣ୍ଣପୁର ମଣ୍ଡଳ ସଭାପତି ମିଟୁ ଦୋରା ନେତୃତ୍ୱରେ ଏବଂ ମଣ୍ଡଳ ପ୍ରତିନିଧି ଅସିତ୍ ସାହୁଙ୍କ ପ୍ରତିନିଧିତ୍ୱ ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଭାପତି ସୋରଜ୍ ସାବତ, ମହନ୍ତ ଚିନ୍ମୟ ନନ୍ଦ ମହାରାଜ, ପରେଶ୍ ଚନ୍ଦ୍ର ରଥ ଯୋଗଦେଇଥିଲେ । ଏହି ସମର୍ପଣ ଦିବସ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ଭାବେ ଗଡ ଗୋବିନ୍ଦ ପୁର ପୂର୍ବତନ ହରିବନ୍ଧୁ ରେଡ୍ଡୀ, ବି.ତୁରୁବୁଡ଼ି ସରପଂଚ ଲିଙ୍ଗାରାଜ୍ ଦୋରା, ସିଦ୍ଧେଶ୍ୱର ସରପଞ୍ଚ ବିଜୟ ପ୍ରଧାନ, କୋଟିନଡ଼ା ସରପଞ୍ଚ ପ୍ରତିନିଧି ଉମା ବିଶୟୀ, କୁଷପଡ଼ା ସରପଞ୍ଚ ପ୍ରତିନିଧି ବିପ୍ର ଚରଣ ସେଠୀ, କୁକୁଡ଼ାଖଣ୍ଡି ମଣ୍ଡଳ ସଭାପତି ବାବୁଲା ପାତ୍ର ମଞ୍ଚାସିନ ଥିଲେ ଏବଂ ପ୍ରହଲ୍ଲାଦ ଡାକୁଆ ସଂଯୋଜନା କରିଥିଲାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଅସିତ୍ ସାହୁ। ଏହି ସମର୍ପଣ ଦିବସରେ ବହୁ ଗୋକର୍ଣ୍ଣପୁର ଗ୍ରାମବାସି ଉପସ୍ଥିତ ରହିଥିଲେ।



## ସଂପାଦକୀୟ

# ଜାତୀୟ ଶିକ୍ଷା ନୀତିରେ ବିଦ୍ୟାଳୟ ଶିକ୍ଷା

ଶିକ୍ଷା ହେଉଛି ସାମାଜିକ ବିକାଶ ଓ ଅର୍ଥନୈତିକ ପ୍ରଗତିର ଏକ ସଫଳ ମାଧ୍ୟମ। ଗରିବ ଓ ସମାଜର ଅବହେଳିତ ଓ ପଛୁଆ ବର୍ଗଙ୍କୁ ମୁଖ୍ୟସ୍ରୋତରେ ପହଞ୍ଚାଇବାରେ ଶିକ୍ଷା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଶିକ୍ଷା ହେଉଛି ସାମାଜିକ ବିକାଶ ଓ ଅର୍ଥନୈତିକ ପ୍ରଗତିର ଏକ ସଫଳ ମାଧ୍ୟମ। ଗରିବ ଓ ସମାଜର ଅବହେଳିତ ଓ ପଛୁଆ ବର୍ଗଙ୍କୁ ମୁଖ୍ୟସ୍ରୋତରେ ପହଞ୍ଚାଇବାରେ ଶିକ୍ଷା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସେହିପରି ଏକ ବ୍ୟକ୍ତିର ଗୁଣାତ୍ମକ ମାନ ସେହି ଦେଶର ଶିକ୍ଷା ବ୍ୟବସ୍ଥା ଉପରେ ଅନେକାଂଶରେ ନିର୍ଭର କରିଥାଏ। ସ୍ୱାମୀ ବିବେକାନନ୍ଦଙ୍କ ମତରେ ଶିକ୍ଷାର ଅର୍ଥ ହେଉଛି ଏକ ବ୍ୟକ୍ତି ମଧ୍ୟରେ ରହିଥିବା ଅନ୍ତର୍ନିହିତ ଶକ୍ତିର ବିକାଶ ଓ ପୂର୍ଣ୍ଣତାର ପରିପ୍ରକାଶ। ଆମ ଦେଶର ପ୍ରାଚୀନ ଶିକ୍ଷା ବ୍ୟବସ୍ଥାରେ ଏକ ବ୍ୟକ୍ତିର ସର୍ବାଙ୍ଗୀନ ବିକାଶ ଯଥା ଶାରୀରିକ, ମାନସିକ, ନୈତିକ ଓ ଆଧ୍ୟାତ୍ମିକ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଥିଲା। ଏହି ଦୃଷ୍ଟିରୁ ଏକ ଦେଶର ଶିକ୍ଷା ବ୍ୟବସ୍ଥା ଯେତିକି ବ୍ୟବସ୍ଥିତ, ଶୃଙ୍ଖଳିତ ଓ ସୃଜନଶୀଳ ହୁଏ ସେହି ଦେଶ ସେତିକି ଉନ୍ନତ ଓ ପ୍ରଗତିଶୀଳ ହୁଏ ବୋଲି ଅନେକ ମନୀଷୀ ମତପୋଷଣ କରିଛନ୍ତି। ଆମ ଶିକ୍ଷା ବ୍ୟବସ୍ଥାରେ ପ୍ରାଥମିକ, ମାଧ୍ୟମିକ, ଉଚ୍ଚଶିକ୍ଷା ଭଳି ବିଭିନ୍ନ ସ୍ତର ରହିଅଛି ଏବଂ ସମସ୍ତେ ପରସ୍ପରର ପରିପୂରକ। ଅର୍ଥାତ୍ ? ଯଦି ପ୍ରାଥମିକ ସ୍ତରରେ ଶିକ୍ଷାର ସ୍ଥିତି ଦୁର୍ବଳ ହୁଏ ତେବେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ହାସଲ କରିବା ସମ୍ଭବପର ହୋଇପାରେ ନାହିଁ। ଭାରତ ସ୍ୱାଧୀନ ହେବା ପରେ ଅନେକ ଶିକ୍ଷା ନୀତି କାର୍ଯ୍ୟକାରୀ ହେବା ସହିତ ଅନେକ ଶିକ୍ଷା ଆୟୋଗ ଗଠନ କରାଯାଇଅଛି। ଏହି ଦୃଷ୍ଟିରୁ ୧୯୬୮ ମସିହାରେ ତତ୍ ?କାଳୀନ ଇନ୍ଦିରା ଗାନ୍ଧୀ ସରକାର କୋଠାରୀ ଆୟୋଗଙ୍କ ତଥ୍ୟର ସୁପାରିସ ଭିତ୍ତିରେ ପ୍ରଥମ ଜାତୀୟ ଶିକ୍ଷା ନୀତି ପ୍ରଚଳନ କରିଥିଲେ। ସାଂସ୍କୃତିକ ଓ ଅର୍ଥନୈତିକ ବିକାଶ ହାସଲ କରିବା ପାଇଁ ସମସ୍ତଙ୍କୁ ସମାନ ଶିକ୍ଷାଗତ ସୁଯୋଗ ଯୋଗାଇଦେବା ଏହାର ପ୍ରମୁଖ ଉଦ୍ଦେଶ୍ୟ ଥିଲା। ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ତ୍ରିଭାଷୀ ସୂତ୍ର କାର୍ଯ୍ୟକାରୀ କରିବାପାଇଁ ମଧ୍ୟ କୁହାଯାଇଥିଲା। ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ ସହିତ ଶିକ୍ଷକମାନଙ୍କର ଯୋଗ୍ୟତା ଓ ତାଲିମ ପ୍ରଦାନ କ୍ଷେତ୍ରରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ୧୯୮୬ ମସିହାରେ ରାଜୀବ ଗାନ୍ଧୀଙ୍କ ନେତୃତ୍ୱାଧୀନ ସରକାର ଆମ ଦେଶରେ ଦ୍ୱିତୀୟ ଜାତୀୟ ଶିକ୍ଷା ନୀତି ପ୍ରଚଳନ କରିଥିଲେ। ଏହି ନୀତିରେ ନାରୀ, ଅନୁସୂଚିତ ଜାତି ଓ ଜନଜାତିଙ୍କ ଶିକ୍ଷାରେ ବିକାଶ ପାଇଁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଦେଶରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ସ୍ଥିତିର ଉନ୍ନତି ପାଇଁ 'ଅପରେସନ୍ ବ୍ଲାକ୍ ?ବୋର୍ଡ'ର କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରାଯାଇଥିଲା। ଦେଶରେ ଅର୍ଥନୈତିକ ତଥା ସାମାଜିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ମହାତ୍ମା ଗାନ୍ଧୀଙ୍କ ଦର୍ଶନ ଉପରେ ଆଧାରିତ 'ଗ୍ରାମୀଣ ବିଶ୍ୱବିଦ୍ୟାଳୟ'ର ମଡେଲ୍ ସୃଷ୍ଟି କରିବାକୁ କୁହାଯାଇଥିଲା। ଦେଶରେ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରଚଳନର ତତ୍ତ୍ୱ ସହିତ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ମଧ୍ୟ କରାଯାଇଥିଲା। ଏହି ଶିକ୍ଷା ନୀତି ଦେଶର ମୋଟ ଜିଡିପିର ୬% ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ କରିବା ପାଇଁ ପରାମର୍ଶ ଦେଇଥିଲା। ପରବର୍ତ୍ତୀ ସମୟରେ ୧୯୯୨ ମସିହାରେ ପି. ଭି. ନରସିଂହ ରାଓଙ୍କ ସରକାର ଶିକ୍ଷା ନୀତିରେ କିଛି ସଂଶୋଧନ କରି, ପୂର୍ବ ଶିକ୍ଷା ନୀତିରେ ଥିବା ଅସମାପ୍ତ କାର୍ଯ୍ୟକୁ ପୂରଣ କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରିଥିଲେ। ବୈଷୟିକ ଶିକ୍ଷାକୁ ପ୍ରଭାବୀ କରିବା ଏହାର ଲକ୍ଷ୍ୟ ଥିଲା। ସେହିପରି ୨୦୨୦ ମସିହାରେ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ଆମ ଦେଶରେ ତୃତୀୟ ଜାତୀୟ ଶିକ୍ଷା ନୀତି ପ୍ରଚଳନ କରିଛନ୍ତି, ଯାହାକି ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖିଛି। ଏହି ନୀତିରେ ଭାରତର ପରମ୍ପରା ଓ ସାଂସ୍କୃତିକ ମୂଲ୍ୟବୋଧକୁ ଅକ୍ଷୁଣ୍ଣ ରଖି ଉଭୟ ପ୍ରାଥମିକ ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ବିସ୍ତୃତ ଦୃଷ୍ଟିକୋଣ ପ୍ରଦାନ କରିବା ସହିତ ଶିକ୍ଷା ବ୍ୟବସ୍ଥାରେ ଥିବା ବିଭିନ୍ନ ନିୟମାବଳୀର ସଂଶୋଧନ ଓ ନବୀକରଣ ପାଇଁ ପ୍ରସ୍ତାବ ଦିଆଯାଇଅଛି। ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ଓ ଅର୍ଥନୈତିକ ଅନଗ୍ରସରତା କାରଣରୁ ଯେମିତି କୌଣସି ଶିଶୁ ସାର୍ବଜନୀନ ଗୁଣାତ୍ମକ ଶିକ୍ଷା ପ୍ରାପ୍ତିରୁ ବଂଚିତ ନ ହୁଅନ୍ତି କିମ୍ବା ବିଦ୍ୟାଳୟ ପରିତ୍ୟାଗ ନ କରନ୍ତି ତାହା ସୁନିଶ୍ଚିତ କରିବା ଏହି ଶିକ୍ଷା ନୀତିର ଏକ ମୌଳିକ ଲକ୍ଷ୍ୟ। ପ୍ରାଚୀନ ଭାରତର ସମୃଦ୍ଧଶାଳୀ ଜ୍ଞାନ ପରମ୍ପରା ହେଉଛି ଏହି ଶିକ୍ଷା ନୀତିର ମାର୍ଗଦର୍ଶିକା। ଏହି ଶିକ୍ଷା ନୀତି ବିକଶିତ ଭାରତ ନିର୍ମାଣରେ ସହାୟକ ହେବା ସହିତ ଏକବିଂଶ ଶତାବ୍ଦୀ ପାଇଁ ଆବଶ୍ୟକ ଉନ୍ନତ ଜ୍ଞାନ କୌଶଳରେ ଦକ୍ଷତା ହାସଲ କରିବାର ଆକାଂକ୍ଷା ରଖୁଥିବା ଛାତ୍ର ସମାଜକୁ ପ୍ରତିଫଳିତ କରିପାରିବ ବୋଲି ବିଶ୍ୱାସ।

କେନ୍ଦ୍ର ସରକାର ପ୍ରଣୟନ କରିଥିବା ଶିକ୍ଷା ନୀତି ଅନେକ ରାଜ୍ୟ ଗ୍ରହଣ କରି ଏହାକୁ କାର୍ଯ୍ୟକାରୀ କରିଥିବା ବେଳେ ଆମ ରାଜ୍ୟରେ ବିଦ୍ୟାଳୟ ଶିକ୍ଷାକ୍ଷେତ୍ରରେ ୨୦୨୫-୨୦୨୬ ଶିକ୍ଷା ବର୍ଷରୁ ଏହି ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ଏକ ଟାସ୍କ ଫୋର୍ସ ଗଠନ ହେବା ସହିତ ୬ ଗୋଟି ବିଷୟଗତ ସବ୍-କମିଟି ଗଠନ କରାଯାଇଅଛି। ଏହି ସବ୍-କମିଟିରେ ବିଦ୍ୟାଳୟ ଗଣଶିକ୍ଷା ବିଭାଗର ବିଭିନ୍ନ ନିର୍ଦ୍ଦେଶାଳୟର ମୁଖ୍ୟଙ୍କ ସମେତ ଶିକ୍ଷା କ୍ଷେତ୍ରର ବିଶେଷଜ୍ଞ ଓ ଶିକ୍ଷାବିତ୍ ?ମାନଙ୍କୁ ସାମିଲ କରାଯାଇଅଛି। ଏହି ସବ୍-କମିଟି ଡିସେମ୍ବର ୧୫ ତାରିଖ ସୁଦ୍ଧା ଟାସ୍କ ଫୋର୍ସଙ୍କୁ ତାଙ୍କର ସୁପାରିସ ପ୍ରଦାନ କରିବେ। ଜାନୁଆରି ୧୫ ତାରିଖ ସୁଦ୍ଧା ଟାସ୍କ ଫୋର୍ସ ଏହି ସୁପାରିସକୁ ମୋହର ମାରିବା ପରେ ଶିକ୍ଷକ, ଶିକ୍ଷା ନିର୍ଦ୍ଦେଶାଳୟ, ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ମାର୍ଚ୍ଚ ମାସ ସୁଦ୍ଧା ଚିଠା ନୀତି ପ୍ରସ୍ତୁତ କରିବେ ଏବଂ ସରକାର ଏହି ନୀତିକୁ ଅନୁମୋଦନ କରିବା ପରେ ଆମ ରାଜ୍ୟରେ ଏହି ନୀତି କାର୍ଯ୍ୟକାରୀ ହୋଇପାରିବ। ଏହି ପ୍ରବନ୍ଧରେ ଗଣଶିକ୍ଷା କ୍ଷେତ୍ରରେ ଜାତୀୟ ଶିକ୍ଷା ନୀତିର କିଛି ବ୍ୟବସ୍ଥା ଉପରେ ଆଲୋକପାତ କରିବା।ଏହି ନୀତି ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେଲେ ବର୍ତ୍ତମାନ ବିଦ୍ୟାଳୟ ଶିକ୍ଷାରେ ପ୍ରଚଳିତ ୧୦+୨ ବ୍ୟବସ୍ଥାର ଅବସାନ ଘଟିବ। ଅର୍ଥାତ୍ ? ବର୍ତ୍ତମାନର ବ୍ୟବସ୍ଥାରେ ଜଣେ ଛାତ୍ର ପ୍ରଥମ ୮ ବର୍ଷ ପ୍ରାଥମିକ, ୨ ବର୍ଷ ମାଧ୍ୟମିକ ଓ ଆଉ ୨ ବର୍ଷ ଉଚ୍ଚମାଧ୍ୟମିକ ଶ୍ରେଣୀରେ ଅଧ୍ୟୟନ କରୁଅଛି। ମାତ୍ର ନୂତନ ବ୍ୟବସ୍ଥାରେ ଏହାକୁ ପରିବର୍ତ୍ତିତ କରାଯାଇ ଛାତ୍ରମାନଙ୍କ ପାଇଁ ଶିକ୍ଷଣକୁ ସୁଗମ କରିବା ପ୍ରୟାସରେ ୫+୩+୩+୪ ବ୍ୟବସ୍ଥାର ପ୍ରଚଳନ କରାଯାଇଅଛି। ଏଥିରେ ପ୍ରଥମ ପାଞ୍ଚ ବର୍ଷର ଶିକ୍ଷାକୁ ପ୍ରାରମ୍ଭ ଶ୍ରେଣୀ ବା ଭିତ୍ତିଭୂମି ପର୍ଯ୍ୟାୟ, ପରବର୍ତ୍ତୀ ୩ ବର୍ଷକୁ ପ୍ରସ୍ତୁତି ଶ୍ରେଣୀ, ତତ୍ ?ପରେ ଆଉ ତିନି ବର୍ଷକୁ ମଧ୍ୟ ଶ୍ରେଣୀ ଓ ଶେଷ ଚାରି ବର୍ଷକୁ ମାଧ୍ୟମିକ ଶ୍ରେଣୀ ବୋଲି କୁହାଯାଇଅଛି। ସମସ୍ତ ପର୍ଯ୍ୟାୟରେ ପାଠ୍ୟକ୍ରମ ଓ ଶିକ୍ଷାଗତ ସଂସ୍କାରର ମୁଖ୍ୟ ସାମଗ୍ରିକ ବିଷୟ ହେଉଛି ଶିକ୍ଷା ଗ୍ରହଣକୁ ପ୍ରକୃତ ଅର୍ଥରେ ବୁଝିବା। ପାଠ୍ୟକ୍ରମ ଓ ଶିକ୍ଷା ଗ୍ରହଣର ଲକ୍ଷ୍ୟ କେବଳ ଜ୍ଞାନଗତ ବିକାଶର ବୃଦ୍ଧି ନୁହେଁ ବରଂ ଉତ୍ତମ ଚରିତ୍ର ଗଠନ ସହିତ ଏକବିଂଶ ଶତାବ୍ଦୀର ଉନ୍ନତ ଜ୍ଞାନକୌଶଳ ହାସଲ ସହିତ ଏକ ସୁଦୃଢ଼ ବ୍ୟକ୍ତିବିଶେଷ ତିଆରି କରିବା ଏହି ନୀତିର ଲକ୍ଷ୍ୟ। ଏହି ବ୍ୟବସ୍ଥାରେ ଘୋଷାଘୋଷି କରି ଅଧିକ ନମ୍ବର ହାସଲ କରିବାର ପ୍ରକ୍ରିୟାକୁ ସଂପୂର୍ଣ୍ଣ ହ୍ରାସ କରିବା ସହିତ ଅତ୍ୟାବଶ୍ୟକ ଶିକ୍ଷଣ, ବୈଜ୍ଞାନିକ ଚିନ୍ତାଧାରା, ସୃଜନଶୀଳତା, ଆଲୋଚନା ଓ ବିଶ୍ଳେଷଣ ଆଧାରିତ ଶିକ୍ଷଣକୁ ବୃଦ୍ଧି କରିବା ପାଇଁ ଗୁରୁତ୍ୱାରୋପ କରାଯାଇଅଛି। ସମସ୍ତ ପର୍ଯ୍ୟାୟରେ ଅଭିଜ୍ଞତାମୂଳକ ଶିକ୍ଷାକୁ ପ୍ରାଧାନ ଦିଆଯିବା ସହିତ ହ୍ୟାଣ୍ଡ-ଅନ୍ ଲର୍ଣ୍ଣିଂ, କଳା ଓ କ୍ରୀଡ଼ା-ଏକୀକୃତ ଶିକ୍ଷା, କାହାଣୀ-ଆଧାରିତ ଶିକ୍ଷାଦାନକୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଅଛି। ନୂତନ ଜ୍ଞାନକୌଶଳ ହାସଲ କରିବା ପାଇଁ ଶିକ୍ଷା କ୍ଷେତ୍ରରେ ପ୍ରୋଦ୍ୟୋଗିକ ବିଦ୍ୟାର ବ୍ୟାପକ ବ୍ୟବହାରକୁ ଏହି ନୀତିରେ ପ୍ରୋତ୍ସାହିତ କରାଯାଇଅଛି। ବିଶେଷକରି ମାଧ୍ୟମିକ ବିଦ୍ୟାଳୟରେ କଳା, ବିଜ୍ଞାନ ଓ ଗଣିତ ବ୍ୟତୀତ ଶାରୀରିକ ଶିକ୍ଷା, କଳା, ହସ୍ତଶିଳ୍ପ ଓ ଧନ୍ଦାମୂଳକ ଶିକ୍ଷା ଭଳି ବିଷୟଗୁଡ଼ିକ ବିଦ୍ୟାଳୟ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ ଏବଂ ଏହି ସବୁ ବିଷୟଗୁଡ଼ିକୁ ମୁକ୍ତ ଭାବେ ଚୟନ କରିବାରେ ସୁଯୋଗ ଦିଆଯିବ, ଯାହା ଦ୍ୱାରା ସେମାନେ ଅଧ୍ୟୟନ ଓ ଜୀବନ ପରିକଳ୍ପନାର ନିଜସ୍ୱ ଯୋଜନା ପ୍ରସ୍ତୁତ କରିପାରିବେ। ଏହି ନୀତିରେ ମାତୃଭାଷା ଓ ଆଞ୍ଚଳିକ ଭାଷାରେ ଶିକ୍ଷା ଗ୍ରହଣ କରିବାର ପଦ୍ଧତିକୁ ବିଶେଷ ଭାବରେ ଗୁରୁତ୍ୱ ପ୍ରଦାନ କରାଯାଇଅଛି। ଏହା ସତ୍ୟ ଯେ ଛୋଟ ପିଲାମାନେ ଅଣ-ଗୁରୁତ୍ୱପୂର୍ଣ୍ଣ ଧାରଣାଗୁଡ଼ିକୁ ସେମାନଙ୍କ ମାତୃଭାଷାରେ ଶୀଘ୍ର ଶିଖିପାରନ୍ତି। ଜଣେ ଛାତ୍ରକୁ ତା'ର ମାତୃଭାଷା କେବଳ ଭାବର ବିକାଶରେ ସାହାଯ୍ୟ କରି ନଥାଏ ବରଂ ମାନସିକ ବିକାଶରେ ମଧ୍ୟ ସାହାଯ୍ୟ କରିଥାଏ। ସେଥିପାଇଁ ଜାତୀୟ ଶିକ୍ଷା ନୀତିରେ ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷାରେ ଶିକ୍ଷାଦାନ କରିବା ପାଇଁ ପରାମର୍ଶ ଦିଆଯାଇଅଛି। ଏହା ନିଶ୍ଚିତ ଭାବରେ ପିଲାମାନଙ୍କର ଜ୍ଞାନଗତ ଅଭିବୃଦ୍ଧିକୁ ସାହାଯ୍ୟ କରିବ ଏବଂ ସେମାନଙ୍କ ପାଇଁ ଶିକ୍ଷାକୁ ଅଧିକ ବନ୍ଧୁତ୍ୱପୂର୍ଣ୍ଣ ଓ ଆନନ୍ଦଦାୟକ କରିବ। ଏହି ଶିକ୍ଷା ନୀତିରେ ସାର୍ବଜନୀନ ଶିକ୍ଷା ସହିତ ଧନ୍ଦାମୂଳକ ଶିକ୍ଷାକୁ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରାଯାଇଅଛି। ବିଶେଷ କରି ପୂର୍ବ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଅନେକ ଛାତ୍ର ଅଷ୍ଟମ ଶ୍ରେଣୀ ପରେ ବିଦ୍ୟାଳୟ ଶିକ୍ଷା ଛାଡ଼ି ଦେଇଥାନ୍ତି। ତଥ୍ୟ ଅନୁଯାୟୀ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏକ ବିଦ୍ୟାଳୟରେ ଛାତ୍ର ପ୍ରତିଶତ ୯୦.୯ ଥିବା ବେଳେ, ନବମରୁ ଦଶମ ପର୍ଯ୍ୟନ୍ତ ଏହି ପ୍ରତିଶତ କମିଯାଇ ୭୯.୫ରେ ସୀମିତ ରହିଥାଏ ଏବଂ ଏକାଦଶ-ଦ୍ୱାଦଶ ଶ୍ରେଣୀରେ ଏହି ପ୍ରତିଶତ ଆହୁରି କମିଯାଇ ୫୬.୫ ପ୍ରତିଶତକୁ ଖସି ଆସିଥାଏ। ତେଣୁ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାରେ ୧୦୦ ପ୍ରତିଶତ ନାମଲେଖା ଅନୁପାତ ହାସଲ କରିବା ପାଇଁ ଅନେକ ସଂସ୍କରମୂଳକ ପଦକ୍ଷେପ ଗ୍ରହଣ କରାଯାଇଅଛି।

# ଚିନ୍ମୟ ଚେତନା: ଏକ ଜୀବନ୍ତ ଅଭିନୟ

## ସର୍ବେଶ୍ୱର ଜେନା

ସବୁ ଅଭିନେତାଙ୍କ ମନରେ ଉଙ୍କି ମାରୁଥାଏ ଗୋଟିଏ ଅଭିଳାଷ: ନିଜର ଅଭିନୟଟି କେମିତି ଜୀବନ୍ତ ହେବ, ଦର୍ଶକ ଜାଣି ପାରିବେନି ଏଇଟା ଅଭିନୟ ନା ବାସ୍ତବ ଜୀବନର ଏକ ଦୃଶ୍ୟ। ବୋଧେ ଏମିତି ଗୋଟିଏ ଓରମାନ କିଛି ଦିନ ତଳେ ଗଞ୍ଜାମ ଜିଲ୍ଲା ରାଳବ ଗ୍ରାମର ଯାତ୍ରା ଅଭିନେତା ବିମ୍ବାଧର ଗୌଡ଼ଙ୍କୁ କବଳିତ କରିଥିଲା। ସବୁ ଅଭିନେତାଙ୍କ ମନରେ ଉଙ୍କି ମାରୁଥାଏ ଗୋଟିଏ ଅଭିଳାଷ: ନିଜର ଅଭିନୟଟି କେମିତି ଜୀବନ୍ତ ହେବ, ଦର୍ଶକ ଜାଣି ପାରିବେନି ଏଇଟା ଅଭିନୟ ନା ବାସ୍ତବ ଜୀବନର ଏକ ଦୃଶ୍ୟ। ବୋଧେ ଏମିତି ଗୋଟିଏ ଓରମାନ କିଛି ଦିନ ତଳେ ଗଞ୍ଜାମ ଜିଲ୍ଲା ରାଳବ ଗ୍ରାମର ଯାତ୍ରା ଅଭିନେତା ବିମ୍ବାଧର ଗୌଡ଼ଙ୍କୁ କବଳିତ କରିଥିଲା। 'ରାମାୟଣ' ନାଟକରେ ଜଣେ ସାଧାରଣ ରାକ୍ଷସ - ରାବଣ ହୋଇଥିଲେ କଥା ଅଲଗା ହୋଇଥାନ୍ତା - ର ଭୂମିକା, ସେଥିରେ ଅଭିନୟର ନିପୁଣତା ଦେଖାଇବାର ଅବସର ବା କେତେ? କିନ୍ତୁ ଗୌଡ଼ ତାଙ୍କ କଳାକୁ ଅବିସ୍ମରଣୀୟ କରି ତୋଳିବାକୁ ଏମିତି 'ଜୀବନ୍ତ ଅଭିନୟ' କରି ପକାଇଲେ ଯେ ତାହା ସାରା ଦେଶରେ ଗୁଞ୍ଜରଣ ସୃଷ୍ଟି କରି ଦେଲା।ଅଭିନୟଟି ଥିଲା ଏହିପରି। ଗୋଟିଏ ଘୁଷୁରିକୁ ପେଣ୍ଡାଲର ଊର୍ଦ୍ଧ୍ୱ ଦେଶରୁ ଦଉଡ଼ିରେ ବାନ୍ଧି ତଳକୁ ଝୁଲାଇ ଦିଆଗଲା। ତଳେ ଥିଲେ ରାକ୍ଷସ ଅଭିନୟରେ ଅବତୀର୍ଣ୍ଣ ହୋଇଥିବା ଗୌଡ଼, ହାତରେ ଗୋଟିଏ ତୀକ୍ଷ୍ ?ଣ ଛୁରୀକା ସହତ। ନାଚକୁଦ ଓ ଅଟ୍ଟହାସ୍ୟ ଭିତରେ ସେ ଆରମ୍ଭ କରିଦେଲେ ଛଟପଟ ହେଉଥିବା ନିରୀହ ପଶୁଟି ଉପରେ ଛୁରୀକାଘାତ। ଜୀବନ୍ତ ପଶୁଟିର ଶରୀରକୁ ଗୋଟିଏ ଶକ୍ତ ପ୍ରହାର ପୂର୍ବକ ତା' ଦେହରୁ ପୁଳାଏ ମାଂସ ବାହାର କରି ଆଣି ଗୌଡ଼ ନିଜ ପାଟିରେ ପୁରାଇ ଚୋବେଇବାକୁ ଆରମ୍ଭ କରିଦେଲେ। ଏ ସବୁ ଘଟି ଚାଲିଥାଏ ବିଚରା ପଶୁଟି ଅସହାୟ ଅବସ୍ଥାରେ ଝୁଲି ରହି ନିଜର ଶେଷ ନିଃଶ୍ୱାସ ତ୍ୟାଗ କରୁଥିବା ବେଳେ। ଚରିତ୍ରର ଅଟ୍ଟହାସ୍ୟ, ଉଚ୍ଚାଟଭରା ଯାତ୍ରା ସଂଗୀତ ଓ ଦର୍ଶକମାନଙ୍କର ହର୍ଷୋଲ୍ଲାସଭରା ଚିତ୍କାର ଫେଣ୍ଟାଫେଣ୍ଟି ହୋଇ ସତେ ଯେମିତି ଅର୍ଦ୍ଧ ମୃତ ପ୍ରାଣୀଟିର ବିକଳ ଚିତ୍କାରକୁ ଉପହାସ କରୁଥିଲେ। ସେ ଦିନ ସନ୍ଧ୍ୟାର ମୃତ୍ୟୁ ଯଜ୍ଞ ଏହି ଲୋମହର୍ଷଣକାରୀ ପର୍ବ ପରେ ସମାପିତ ହୋଇଥାନ୍ତା ଭଲା! ନା! ଗୌଡ଼ଙ୍କର ପ୍ରଦର୍ଶନର ସଫଳତାରେ ଉତ୍ସାହିତ ହୋଇ ଅନ୍ୟ ଅଭିନେତାମାନେ ପରେ ଜୀବନ୍ତ କୁକୁଡ଼ା ଭକ୍ଷଣ ଓ ବିଷଧର ସର୍ପ ସହ ଲଢ଼େଇ ମଧ୍ୟ ପ୍ରଦର୍ଶିତ କରିଥିଲେ। ସାରା ରାତିଟି ଯେମିତି ଅସହାୟ ପଶୁଙ୍କୁ ହତ୍ୟା ଓ ବର୍ବରତା ପ୍ରଦର୍ଶନ ପାଇଁ ଉତ୍ସର୍ଗୀକୃତ ହୋଇ ସାରିଥିଲା। ପରେ ବିଧାନସଭାରେ ପ୍ରସଙ୍ଗଟି ଚର୍ଚ୍ଚା ଭିତରକୁ ଆସିଲା ତଥା ଅଭିନେତା ଓ ଆୟୋଜକଙ୍କୁ ଗିରଫ ମଧ୍ୟ କରାଗଲା। ମଣିଷ ଜାତି ପାଇଁ ରକ୍ତ-ରଂଜିତ ମନୋରଞ୍ଜନ କିଛି ନୂଆ କଥା ନୁହେଁ। ପୁରାତନ ରୋମ୍ ? ସଭ୍ୟତାରେ ନଗର



ବାସୀଙ୍କ ମନୋରଞ୍ଜନ ଉଦ୍ଦେଶ୍ୟରେ ଦୁଇ ଗ୍ଲାଡିଏଟ ?ଙ୍କ ମଧ୍ୟରେ ଏମିତି ଲଢ଼େଇର ଆୟୋଜନ କରାଯାଉଥିଲା, ଯାହାର ଶେଷରେ ଦୁଇ ପ୍ରତିଯୋଗୀ ଭିତରୁ ଜଣେ ମରିବ ହିଁ ମରିବ। ପରାଜିତ ଯୋଦ୍ଧାକୁ ବିଜୟୀ ହତ୍ୟା କରିବ, ସମ୍ରାଟ ଓ ଦର୍ଶକଙ୍କ ଚିତ୍ତ ବିନୋଦନ ପାଇଁ। ବେଳେବେଳେ ରୋମ୍ ?ର କୋଲସିଅମ୍ ?ରେ ଏହି ଲଢ଼େଇ ଜଣେ ମଣିଷ ଓ ସିଂହ ଭଳି ହିଂସ୍ର ଜନ୍ତୁ ଭିତରେ ଆୟୋଜିତ କରାଯାଉଥିଲା ଏବଂ ଏଥିରେ ମଧ୍ୟ ଜଣେ ତା'ର ପ୍ରତିଦ୍ୱନ୍ଦ୍ୱୀକୁ ମାରିପାରିଲେ ଯାଇ ନିଜେ ବଞ୍ଚି ରହୁଥିଲା। ରୋମ୍ ?ର ନାଗରିକମାନେ ଏହି ମୃତ୍ୟୁର ଲଢ଼େଇ ଦେଖିବା ପାଇଁ ଖୁବ୍ ? ଉତ୍ସାହିତ ଥିଲେ। ହୁଏତ ସେଇଥି ପାଇଁ ରୋମ୍ ?ର ପ୍ରସିଦ୍ଧ ସମ୍ରାଟ ଜୁଲିଅସ ସିଜ ? ତାଙ୍କ ପିତାଙ୍କ ମୃତ୍ୟୁରେ ଶୋକ ମନେଇବା ପାଇଁ ୩୨୦ଟି ଏମିତି ଗ୍ଲାଡିଏଟ ? ଲଢ଼େଇର ବ୍ୟବସ୍ଥା କରିଥିଲେ। ଗ୍ଲାଡିଏଟ ?ମାନେ ସାଧାରଣତଃ କ୍ରୀତଦାସ କିମ୍ବା ପରାଜିତ ସୈନିକମାନଙ୍କ ଭିତରୁ ବଛା ହେଉଥିଲେ ଓ ଏହି ଶ୍ରେଣୀର ବ୍ୟକ୍ତିମାନଙ୍କୁ ରୋମ୍ ?ବାସୀ ମାନବେତର ପ୍ରାଣୀ ହିସାବରେ ଗଣୁଥିଲେ। ଆଉ ପଶୁ ପକ୍ଷୀଙ୍କ କଥାକୁ ପଚାରେ ବା କିଏ? ମନୋରଞ୍ଜନ ସହିତ ବର୍ବରତାର ସେହି ସମ୍ପର୍କ କାଳକାଳକୁ ସଂପ୍ରସାରିତ ହୋଇ ଆସିଛି। ଆଜିକାଲି ଚଳଚ୍ଚିତ୍ରର ଆଦ୍ୟ ଭାଗରେ ଗୋଟିଏ ଘୋଷଣା ଦେଖିବାକୁ ମିଳେ ଯେ ସେହି ଚଳଚ୍ଚିତ୍ରଟିର ପ୍ରସ୍ତୁତି ବେଳେ ପଶୁପକ୍ଷୀମାନଙ୍କର କିଛି କ୍ଷତି କରାଯାଇ ନାହିଁ। ଏହି ଘୋଷଣାନାମାର ପୃଷ୍ଠଭୂମିରେ ରହିଛି ଅତୀତରେ ସିନେମା ନିର୍ମାଣ ସମୟରେ ପଶୁପକ୍ଷୀଙ୍କ ପ୍ରତି ପ୍ରଦର୍ଶନ କରାଯାଉଥିବା ବର୍ବରତା। ଦୃଶ୍ୟକୁ ବାସ୍ତବଧର୍ମୀ କରିବା ପାଇଁ ପୂର୍ବେ ବିନା ଦ୍ୱିଧାରେ ପଶୁପକ୍ଷୀଙ୍କୁ ବଧ କରୁଥିଲେ ନିର୍ଦ୍ଦେଶକମାନେ। ହଲିଉଡ୍ ?ର ନାମଜାଦା ନିର୍ଦ୍ଦେଶକ ଫ୍ରାନସିସ୍ ? ଫୋର୍ଡ କପୋଲା ତାଙ୍କର ସୁନାମଧନ୍ୟ 'ଗଡ୍ ?ଫାଦ ?' ଚଳଚ୍ଚିତ୍ରରେ ଗୋଟିଏ ଘୋଡ଼ାର ବେକ କାଟି ତା'ର କଟା ମୁଣ୍ଡ ସିନେମାଟିରେ ଦେଖାଇଥିଲେ। ସେମିତି ତାଙ୍କର ପ୍ରସିଦ୍ଧ ଚିତ୍ର 'ଆପକାଲିପ୍ ?ସ ନାଓ'ରେ ଗୋଟିଏ ଜୀବନ୍ତ ମଇଁଷିକୁ ବଳି ଦେବାର ଦୃଶ୍ୟ ପ୍ରଦର୍ଶିତ ହୋଇଥିଲା। ସେମିତି ଭାରତୀୟ ସିନେମାରେ ମଧ୍ୟ ପଶୁ ବଧ ଓ ନିଷ୍ଠୁରତାର ତାଲିକା ଖୁବ୍ ? ଲମ୍ବା। ପଶୁ ଏପରିକି ମଣିଷଙ୍କ ପ୍ରତି ମଣିଷର ନୃଶଂସତା ଗୋଟିଏ ପଟେ ସମାଜର ସାମୂହିକ ବିବେକକୁ ଦଂଶନ କରୁଛି, ଅଥଚ ସେହି ସମାଜ ଦୈନିକ ରାସ୍ତା କଡ଼ରେ ହଜାରହଜାର ଛେଳି ଓ କୁକୁଡ଼ାଙ୍କ ନିର୍ମମ ହତ୍ୟାକୁ ଅଣଦେଖା କରି ଆଗେଇ ଯାଉଛି। ସେହି ଭଦ୍ର ମଣିଷ ପୁଣି 'ଛାଡ଼ଖାଇ' ପାଳିବା ନାଁରେ କଟା ହୋଇଥିବା ପଶୁଟିର ପସନ୍ଦଯୋଗ୍ୟ ଅଂଶଟି ହାତେଇବା ପାଇଁ ଭିଡ଼ରେ ଲଢ଼େଇ କରୁଛି। ସେହି ମାନବ ସମାଜ ପୁଣି କିଛି ନା କିଛି ଆଳ ଦେଖାଇ ପଶୁବଳି ପ୍ରଥାକୁ ଅବ୍ୟାହତ ରଖିଛି। ଯା'ଠୁ ବଳି କପଟତା ଆଉ କ'ଣ ଥାଇପାରେ? ହୁଏତ ଏହି ଦ୍ୱନ୍ଦ୍ୱରୁ ମୁକୁଳିବା ପାଇଁ କୌଣସି ବାଟ ନ ପାଇ ମଣିଷ ହତ୍ୟା ଓ ବର୍ବରତାକୁ ଈଶ୍ୱରଙ୍କ ହାତର କଥା ବୋଲି ଘୋଷଣା କରୁଛି ଓ ନିଜକୁ ଦୋଷମୁକ୍ତ କରୁଛି। ଯେମିତି ପ୍ରସିଦ୍ଧ ନାଟ୍ୟକାର ସେକ୍ ?ସପିଅ ? ଥରେ ଲେଖିଥିଲେ, 'ଚଗଲା ପିଲାଙ୍କ ହାତରେ କୀଟ ପତଙ୍ଗ ଭଳି ଈଶ୍ୱରଙ୍କ ହାତରେ ମଣିଷ। ସେମାନେ ଆମକୁ ବଧ କରନ୍ତି ତାଙ୍କର ମଉଜ ପାଇଁ ଯାହା।' (କିଙ୍ଗ ଲିଅର)। ପୁଣି ପ୍ରସିଦ୍ଧ ଦାର୍ଶନିକ ଆରିଷ୍ଟୋଟଲ୍ ?ଙ୍କ ମତକୁ ଉଦ୍ଧାର କରି ମଣିଷ ହୁଏତ ଯୁକ୍ତି ବାଢ଼ିବ ଯେ ନାଟକରେ ହତ୍ୟା ଓ ଅନ୍ୟାନ୍ୟ ବର୍ବରତା ପ୍ରଦର୍ଶନ ମଣିଷ ମନରେ ଜମାଟ ବାନ୍ଧି ରହିଥିବା ନକାରାତ୍ମକ ଆବେଗଗୁଡ଼ିକର ଶୁଦ୍ଧୀକରଣର ଏକ ଅମୋଘ ଅସ୍ତ୍ର (କଥାରସିସ୍ ?) ବୋଲି।ରାଳବ ଗ୍ରାମର ସେ ସନ୍ଧ୍ୟାର ଲୋମଟାଙ୍କୁରା ଅଭିନୟର କଥା ବି ଅଚିରେ ଲୁଚି ଯିବ ଏମିତି କିଛି କାବ୍ୟିକ ଓ ଦାର୍ଶନିକ ଯୁକ୍ତିର କୋଳାହଳ ଭିତରେ!

# ବାକୁ ବାକ୍ୟବୀର ନ ହେଉ

## ସାରଦା କର୍

ପାଣିପାଗ ପରିବର୍ତ୍ତନଜନିତ ପ୍ରଳୟରୁ ପୃଥିବୀକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ମିଳିତ ଜାତିସଂଘ ଦ୍ୱାରା ୧୯୯୪ ମସିହାରେ ସ୍ଥାପିତ ହୋଇଥିଲା ସଂଯୁକ୍ତ ରାଷ୍ଟ୍ର ଜଳବାୟୁ ପରିବର୍ତ୍ତନ ଆଲୋଚନା ମଣ୍ଡଳୀ (ୟୁନାଇଟେଡ୍ ? ନେସନ୍ ?ସ ଫ୍ରେମ୍ ?ୱର୍କ କନ୍ ?ଭେନ୍ ?ସନ୍ ? ଅନ୍ ? କ୍ଲାଇମେଟ୍ ? ଚେଞ୍ଜ), ଯାହା ୧୯୯୫ ମସିହା... ପାଣିପାଗ ପରିବର୍ତ୍ତନଜନିତ ପ୍ରଳୟରୁ ପୃଥିବୀକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ମିଳିତ ଜାତିସଂଘ ଦ୍ୱାରା ୧୯୯୪ ମସିହାରେ ସ୍ଥାପିତ ହୋଇଥିଲା ସଂଯୁକ୍ତ ରାଷ୍ଟ୍ର ଜଳବାୟୁ ପରିବର୍ତ୍ତନ ଆଲୋଚନା ମଣ୍ଡଳୀ (ୟୁନାଇଟେଡ୍ ? ନେସନ୍ ?ସ ଫ୍ରେମ୍ ?ୱର୍କ କନ୍ ?ଭେନ୍ ?ସନ୍ ? ଅନ୍ ? କ୍ଲାଇମେଟ୍ ? ଚେଞ୍ଜ), ଯାହା ୧୯୯୫ ମସିହା ଠାରୁ 'କନ୍ ?ଫରେନ୍ ?ସ ଅଫ୍ ପାର୍ଟିଜ୍ ?' ବା ସଂକ୍ଷେପରେ 'କପ୍ ?' ନାମରେ ବାର୍ଷିକ ସମ୍ମେଳନମାନ ଦେଖି ଆସୁଛି। ଏଥିରେ ଅନ୍ତର୍ଭୁକ୍ତ ୧୯୮ଟି ସ୍ୱାକ୍ଷରକାରୀ ରାଷ୍ଟ୍ର ପକ୍ଷରୁ ଜଳବାୟୁ ପରିବର୍ତ୍ତନର କାରଣ, ନିରାକରଣ ଓ ନିବାରଣ ନେଇ ଘମାଘୋଟ ଆଲୋଚନା କରାଯାଉଛି ଏବଂ ଚୁକ୍ତିନାମାମାନ ସ୍ୱାକ୍ଷରିତ କରାଯାଉଛି। ସମସ୍ତେ ଜାଣନ୍ତି ଯେ ଚଳିତ ବର୍ଷ ଆଜରବାଇଜାନର ରାଜଧାନୀ ବାକୁରେ ନଭେମ୍ବର ୧୧ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଏହାର ୨୯ତମ ବୈଠକ ଅନୁଷ୍ଠିତ ହୋଇଗଲା। ଏହି ବିଶ୍ୱସ୍ତରୀୟ ମାନସମନ୍ଥନର ନିଷ୍କର୍ଷ ଓ ନିଷ୍ପତ୍ତି ଉପରେ ସାରା ପୃଥିବୀର ଦୃଷ୍ଟି ଥିଲା। ଆଜି ପର୍ଯ୍ୟନ୍ତ ଆୟୋଜିତ ଏଭଳି ସବୁ ବୈ ?ଠକଗୁଡ଼ିକ ମଧ୍ୟରୁ ୨୦୧୫ ମସିହାରେ ପ୍ୟାରିସ୍ ? ନଗରୀରେ ଆୟୋଜିତ 'କପ୍ ? ୨୧' ସବୁଠାରୁ ଅଧିକ ଚର୍ଚ୍ଚିତ, ଯାହାର ଫଳଶ୍ରୁତି 'ପ୍ୟାରିସ୍ ରାଜିନାମା' ଭାବେ ଜଣାଶୁଣା। ଏଥିରେ ସ୍ଥିର କରାଯାଇଥିଲା ଯେ ଚଳିତ ଶତାବ୍ଦୀର ଶେଷ ଅର୍ଥାତ୍ ୨୧୦୦ ମସିହା ବେଳକୁ ପୃଥିବୀର ତାପମାତ୍ରାକୁ ପ୍ରାକ୍ ?-ଶିଳ୍ପାୟନ (୧୮୫୦-୧୯୦୦) କାଳର ତାପମାତ୍ର ଠାରୁ ଅଧିକ ୧.୫ ଡିଗ୍ରି ସେଲ୍ ?ସିଅସ୍ ମଧ୍ୟରେ ସୀମିତ ରଖିବା। ଏହି ଲକ୍ଷ୍ୟକୁ ହାସଲ କରିବା ପାଇଁ 'ସବୁଜ ଗୃହ ଗ୍ୟାସ'ଗୁଡ଼ିକର ଉତ୍ସର୍ଜନ ଓ ନିର୍ଗମନକୁ ଯଥାସାଧ୍ୟ ହ୍ରାସ କରିବା ନିମନ୍ତେ ସଦସ୍ୟ ଦେଶଗୁଡ଼ିକ ରାଜି ହୋଇ ଏହି ଲକ୍ଷ୍ୟରେ କେତେ ଅଗ୍ରଗତି ଲାଭ କଲେଣି, ତାହାର ନିୟମିତ ସମୀକ୍ଷା ଲାଗି ମଧ୍ୟ ସହମତ ହେଲେ। ତା' ପରଠାରୁ 'ପ୍ୟାରିସ୍ ? ଚୁକ୍ତିନାମା'କୁ କେନ୍ଦ୍ରରେ ରଖି 'କପ୍ ?' ବୈ ?ଠକମାନ ହୋଇ ଚାଲିଛି। କିନ୍ତୁ, ଅସଂଗତିଟି ହେଲା ଏହି ଲକ୍ଷ୍ୟ ପୂରଣ ହେବା ତ ଦୂରର କଥା, ବରଂ ପ୍ରତି ବର୍ଷ ସବୁଜ ଗୃହ ଗ୍ୟାସର ନିର୍ଗମନ ବୃଦ୍ଧି ପାଇବା ?ରେ ?ର ଲାଗିଛି। କାରଣ ଯେଉଁ ଉତ୍ସାହର ସହିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଉଛି, ରୂପାୟନରେ ତାହା ଉଭେଇଯାଉଛି। ପ୍ରକାଶ ଥାଉ କି ୨୦୦୫ ମସିହାରୁ ସବୁଜ ଗୃହ ଗ୍ୟାସ ନିର୍ଗମନରେ ୪୦% ହ୍ରାସ, ପୁନଃ-ନବୀକରଣ ଶକ୍ତିରେ ୨୦% ବୃଦ୍ଧି, ଜୀବାଶ୍ମ ଇନ୍ଧନ ବ୍ୟବହାରରେ ୨୦% ହ୍ରାସ ଭଳି ସଂଦର୍ଭକୁ ନେଇ ତଥ୍ୟ ଓ ବିବରଣୀ ପ୍ରକାଶ ପାଉଛି। ଏଥିରୁ ଦେଖାଯାଉଛି ଯେ ମୁଷ୍ଟିମେୟ କେତେକ ଦେଶ ଏ ଦିଗରେ ନିଷ୍ଠାପର ହୋଇଛନ୍ତି ସିନା, ସାମଗ୍ରିକ ଭାବେ ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ। ଏହି ସମ୍ମିଳନୀ ଥିଲା 'କପ୍ ? ୨୯', ଯାହାର ମୁଖ୍ୟ ପ୍ରସଙ୍ଗ ଥିଲା ଜଳବାୟୁ କାର୍ଯ୍ୟକ୍ରମ ପାଇଁ ପାଣ୍ଠି ଯୋଗାଡ଼ ଓ ସ୍ଲୋଗାନ୍ ? ଥିଲା 'ଅଧିକ ଆକାଂକ୍ଷା ଓ ବର୍ଦ୍ଧିଷ୍ଣୁ ଦକ୍ଷତା।' ଦୀର୍ଘ ୧୨ ଦିନ ଧରି ଚାଲିଥିବା ଏହି ବୈ ?ଠକରେ ୨୦୦ରୁ ଅଧିକ ଦେଶର ଶାସକ, ପ୍ରଶାସକ, ଗବେଷକ, ପରିବେଶବିତ୍ ? ଓ ବ୍ୟବସାୟୀ ପାଣିପାଗ ପୁଞ୍ଜି ନିବେଶ ଓ ବାଣିଜ୍ୟ ଏବଂ ସବୁଜ ଶକ୍ତି ସଂଗ୍ରହ, ସଂରକ୍ଷଣ ଓ ଯୋଗାଣ ପାଇଁ ଗ୍ରିଡ୍ ? ସ୍ଥାପନ, ପରିବର୍ତ୍ତନଶୀଳ ପାଣିପାଗ ସହଣି କୃଷି ପାଇଁ ପଦକ୍ଷେପ, ଜୈବ ବର୍ଜ୍ୟବସ୍ତୁରୁ ଉତ୍ପନ୍ନ ମିଥେନ ଗ୍ୟାସ ପରିମାଣରେ ହ୍ରାସ, ଉଦ୍ ?ଜାନ ଶକ୍ତି ଓ ସବୁଜ ପ୍ରଯୁକ୍ତିର ବ୍ୟବହାର ଇତ୍ୟାଦି ଉପରେ ମାନସମନ୍ଥନ କରିଥିଲେ। କିନ୍ତୁ ବିରୋଧାଭାସଟି ହେଲା ସବୁଜ ଗୃହ ଗ୍ୟା ?ସ ନିର୍ଗମନ ବୃଦ୍ଧି ପା ?ଇ ଚାଲିଛି, ଯଦ୍ୱାରା ପ୍ୟାରିସ୍ ?ରେ ରଖଯାଇଥିବା ଲକ୍ଷ୍ୟ (୧.୫ ଡିଗ୍ରି ସେଲ୍ ?ସିଅସ୍ ? ମଧ୍ୟରେ ତାପମାତ୍ରା ବୃଦ୍ଧିକୁ ସୀମିତ ରଖିବା) ପୂରଣ ହେବାର ଆଶା ଦିଶୁନାହିଁ; ବରଂ ୨୧୦୦ ମସିହା ବେଳକୁ ତାପମାତ୍ରା ଦୁଇଗୁଣ ଅର୍ଥାତ୍ ୩ ଡିଗ୍ରି ସେଲ୍ ?ସିଅସ୍ ପାଖାପାଖି ବୃଦ୍ଧି ପାଇବାର ଆଶଙ୍କା ଦେଖିବାକୁ ମିଳୁଛି। ଜୀବାଶ୍ମ ଇନ୍ଧନର ବ୍ୟବହାର ବୃଦ୍ଧି ପାଉଛି। ଏଣେ ପବନ, ସୌର ଓ ଜଳ ବିଦ୍ୟୁତ୍ ? ଭଳି ନିର୍ମଳ ଓ ସବୁଜ ଶକ୍ତି ଉତ୍ପାଦନ ଲାଗି ଯେଉଁ ଭଳି ଅର୍ଥ ଓ ପ୍ରଯୁକ୍ତିଗତ ସାହାଯ୍ୟ ବିକାଶଶୀଳ ଓ ଅଣବିକଶିତ ରାଷ୍ଟ୍ରଗୁଡ଼ିକୁ ଲୋଡ଼ା, ତାହା ମଧ୍ୟ ମିଳୁ ନାହିଁ। ୨୦୩୦ ମସିହା ସୁଦ୍ଧା ପୃଥିବୀରେ ଶକ୍ତି ଚାହିଦା ତିନି ଗୁଣ ହେବ। ଏଭଳି ସ୍ଥଳେ ପାରଂପରିକ ଜୀବାଶ୍ମ ଇନ୍ଧନରୁ ଅଧିକ ଶକ୍ତି ଉତ୍ପାଦନ ପୃଥିବୀ ଓ ପାଣିପାଗ ସକାଶେ ଅତ୍ୟନ୍ତ ପ୍ରତିକୂଳ ହେବ। ତେଣୁ ସମସ୍ତେ ଏକମତ ଯେ ସମ୍ମିଳନୀରେ ସ୍ଥିରୀକୃତ ନିଷ୍ପତ୍ତିଗୁଡ଼ିକର ସଫଳ ରୂପାୟନ ସର୍ବାଧିକ ଜରୁରି।ବାକୁ ସମ୍ମିଳନୀରେ ଜଳବାୟୁ କାର୍ଯ୍ୟକ୍ରମ ପାଇଁ ପୂର୍ବ ନିର୍ଦ୍ଧାରିତ ଅର୍ଥରାଶିର ତିନିଗୁଣ ସଂଗ୍ରହ କରିବା ପାଇଁ ସହମତି ହୋଇଛି। ସେହିପରି ସବୁଜ ନିର୍ମଳ ଶକ୍ତିର ଉତ୍ପାଦନ ପରିମାଣକୁ ୨୦୩୦ ସୁଦ୍ଧା ତିନିଗୁଣ ବଢ଼ାଇବାକୁ ସମସ୍ତେ ରାଜି ହୋଇଛନ୍ତି। ଅନୁନ୍ନତ ଓ ଆର୍ଥିକ ଅନଗ୍ରସର ଦେଶମାନଙ୍କ ପାଇଁ ଅର୍ଥ ଓ କୌଶଳ ଯୋଗାଡ଼ର ପ୍ରତିଶ୍ରୁତି ମଧ୍ୟ ମିଳିଛି। କିନ୍ତୁ ବିଡ଼ମ୍ବନା ହେଲା କପ୍ ? ସମ୍ମିଳନୀଗୁଡ଼ିକ ପ୍ରାୟତଃ କଥା ଓ କାଗଜକଲମରେ ସୀମିତ ରହୁଛି, ବାସ୍ତବାୟିତ ହୋଇପାରୁନାହିଁ। ତେଣୁ କେବଳ ଏତିକି ଆଶା କରାଯାଉ ଯେ ବାକୁରେ ହୋଇଥିବା ଚୁକ୍ତିମାନ କେବଳ ଫମ୍ପା ବାକ୍ୟମାନ ହୋଇ ନ ରହୁ। 'କପ୍ ? ୨୯' ଏକ ବାକ୍ୟବୀର ବୋଲି ପ୍ରମାଣିତ ନ ହେଉ।

# ଦକ୍ଷିଣ ପୂର୍ବ କୋଣରେ ରୋଷେଇ ଘର ଶୁଭ



**ଅଧୁନା ଲୋକେ ବାସ୍ତୁ ଏବଂ ଫେଙ୍ଗଶୁଇର ସିଦ୍ଧାନ୍ତ ଆଧାରରେ ମନ୍ଦିର ଓ ଘର ତିଆରି କରିବା ସହ ସାଜସଜା ମଧ୍ୟ କରୁଛନ୍ତି। କାରଣ ବାସ୍ତୁ ଓ ଫେଙ୍ଗଶୁଇ ପୁରାପୁରି ସକରାତ୍ମକ ଏବଂ ନକରାତ୍ମକ ଉର୍ଜା ଶକ୍ତିର ସିଦ୍ଧାନ୍ତ ଉପରେ କାମ କରେ। ଘରେ ସକରାତ୍ମକ ପରିବେଶ ଏବଂ ସକରାତ୍ମକ ଜିନିଷ ରଖାଗଲେ ନିଶ୍ଚିତ ରୂପେ ଆମକୁ ଆମ କାର୍ଯ୍ୟରେ ସଫଳତା ପ୍ରାପ୍ତି ହୁଏ ଏବଂ ଧନ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ମିଳିପାରିଥାଏ। ବାସ୍ତୁଶାସ୍ତ୍ରରେ ୮ଟି ଦିଗ ବିଷୟରେ କୁହାଯାଇଛି। ଏହି ଆଠଟି ଦିଗର ଭିନ୍ନ ଭିନ୍ନ ମହତ୍ତ୍ୱ ଏବଂ ପ୍ରତିଟି ଦିଗ ପାଇଁ ଭିନ୍ନ ଭିନ୍ନ ନିୟମ ରହିଛି। ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

***ଉତ୍ତର-ପୂର୍ବ ଦିଗ (ଐଶାନ୍ୟ କୋଣ) :*** ଏହି ଦିଗର ପ୍ରତିନିଧିତ୍ୱ ସ୍ୱୟଂ ବୈବୀୟ ଶକ୍ତି କରନ୍ତି। ତେଣୁ ଏଠାରେ ମନ୍ଦିର ରହିବା ଶୁଭ। ଏହି ସ୍ଥାନକୁ ସର୍ବଦା ପୁରାପୁରି ସଫାସୁତୁରା ରଖିବା ଉଚିତ। ମନ୍ଦିର ବ୍ୟତୀତ ଏଠାରେ ପାଣି ସମ୍ବନ୍ଧୀୟ ଉପକରଣ ମଧ୍ୟ ରଖାଯାଇପାରିବ। ଘରର ଏହି କୋଣରେ ବାଥ୍‌ରୁମ୍ ଏବଂ ଟଏଲେଟ୍ ରହିବା ଉଚିତ ନୁହେଁ। ଏହା ସହିତ ଏଠାରେ ଭାରି ଜିନିଷ ମଧ୍ୟ ରଖିବା ମନା। ଯଦି କୌଣସି ସ୍ତ୍ରୀ ଅବିବାହିତ ଥାଆନ୍ତି, ତେବେ ସେ ଏହି କୋଣରେ ଶୋଇବା ଉଚିତ ନୁହେଁ। କୁଆଁରି ଝିଅମାନେ ଏହି କୋଣରେ ଶୋଇବା ଦ୍ୱାରା ତାଙ୍କ ବିବାହରେ ସମସ୍ୟା ଉତ୍ପନ୍ନ ହୋଇପାରେ ତଥା ମାନସିକ ଅବସାଦ ବଢ଼ିପାରେ।

***ଦକ୍ଷିଣ-ପଶ୍ଚିମ (ନୈଋତ୍ୱ କୋଣ) :*** ଏହି ସ୍ଥାନର ପ୍ରତିନିଧି ପୃଥ୍ୱୀ ତତ୍ତ୍ୱ କରେ। ଏଥିପାଇଁ ଏଠାରେ ପ୍ଲାଣ୍ଟ ରଖିବା ଶୁଭ। ଗଛରେ ସବୁ ପ୍ରକାରର ନକରାତ୍ମକ ଉର୍ଜା ଶକ୍ତିକୁ ଗ୍ରହଣ କରିବା ଶକ୍ତି ଥାଏ। ଏହି ସ୍ଥାନରେ ଗଛ ରଖିବା ଦ୍ୱାରା ତାହା ଆପଣଙ୍କ ଘରର ପବିତ୍ରତା ଏବଂ ସକରାତ୍ମକତା ବଜାୟ ରଖେ। ଏଠାରେ ମୁଖ୍ୟ ରୂପେ ବେଡ୍‌ରୁମ୍ ତିଆରି କରିବା ମଧ୍ୟ ଶୁଭ ହୋଇଥାଏ। ଏହା ବ୍ୟତୀତ ଷ୍ଟୋର୍ ରୁମ୍ ମଧ୍ୟ ତିଆରି କରାଯାଇପାରିବ।

***ଦକ୍ଷିଣ-ପୂର୍ବ (ଆଗ୍ନେୟ କୋଣ) :*** ଏହି କୋଣର ପ୍ରତିନିଧି ଅଗ୍ନି କରନ୍ତି। ଏଥିପାଇଁ ଏହି ଦିଗରେ ବିଶେଷ ରୂପେ ଉର୍ଜା ଶକ୍ତି ଭରି ରୁହେ। ଏହି ସ୍ଥାନରେ ରୋଷେଇ ଘର ରହିବା ସବୁଠାରୁ ଶୁଭ ହୋଇଥାଏ। ଏହା ବିଦ୍ୟୁତ ଉପକରଣ ମଧ୍ୟ ରଖାଯାଇପାରିବ। ଅଗ୍ନି ସ୍ଥାନ ହେବା ଯୋଗୁଁ ଏଠାରେ ପାଣି ସମ୍ବନ୍ଧୀୟ ଜିନିଷ ରଖିବା ଉଚିତ ନୁହେଁ। ଆଗ୍ନେୟ କୋଣରେ ଡାଇନିଂ ହଲ୍ ତିଆରି କରିବା ଅଶୁଭ ହୋଇଥାଏ।

***ଉତ୍ତର-ପଶ୍ଚିମ (ବାୟବ୍ୟ କୋଣ) :*** ଏହି କୋଣର ପ୍ରତିନିଧିତ୍ୱ ବାୟୁ କରନ୍ତି। ଏହି କାରଣ ଯୋଗୁଁ ଏଠାରେ ଝରକା ରହିବା ଶୁଭ। ଏଠାରେ ସତେଜ ବାୟୁ ପାଇଁ ସ୍ଥାନ ତିଆରି କରିବା ଦ୍ୱାରା ଆମକୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ଲାଭ ପ୍ରାପ୍ତି ହୋଇଥାଏ। ଏଭଳି କରିବା ଦ୍ୱାରା ଖୁବ୍ କମ୍ ଦିନ ମଧ୍ୟରେ ପରିବାରର ସମ୍ପର୍କରେ ମଧୁରତା ଆସିଯାଇଥାଏ। ଘରେ କୌଣସି ପ୍ରକାରର କ୍ଲେଶ ରୁହେ ନାହିଁ ଏବଂ ନା ହିଁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା। ଏହି ସ୍ଥାନରେ ଝିଅମାନଙ୍କର ରୁମ୍ ତିଆରି କରିବା ଉଚିତ। ଏଠାରେ ଅନ୍ୟ ଫ୍ଲୋର୍‌କୁ ଯିବା ପାଇଁ ସିଡ଼ି ମଧ୍ୟ ତିଆରି କରାଯାଇପାରିବ।

***ପଶ୍ଚିମ ଦିଗ :*** ବାସ୍ତୁ ଅନୁସାରେ ଏହି ଦିଗର ସ୍ୱାମୀ ବରୁଣ ଦେବ। ଏହି ସ୍ଥାନରେ ଡାଇନିଂ ହଲ୍ ତିଆରି କରିପାରିବେ, ସିଡ଼ି, କୌଣସି ଭାରି ନିର୍ମାଣ କାର୍ଯ୍ୟ ମଧ୍ୟ ତିଆରି କରିପାରିବେ। ପଶ୍ଚିମ ଦିଗରେ ଆଇନା ଲଗାଇବା ମଧ୍ୟ ଶୁଭ ହୋଇଥାଏ। ଏଠାରେ ବାଥ୍‌ରୁମ୍ ମଧ୍ୟ ତିଆରି କରାଯାଇପାରିବ। ଏଠାରେ ଷ୍ଟଡି ରୁମ୍ କରିଲେ ଅଧିକ ଶୁଭ ଫଳ ମିଳିଥାଏ।

***ପୂର୍ବ ଦିଗ :*** ଏହି ଦିଗରୁ ଘରକୁ ଖୁସି ଏବଂ ସକରାତ୍ମକ ଉର୍ଜା ଶକ୍ତି ପ୍ରବେଶ କରିଥାଏ। ଏହି କାରଣ ଯୋଗୁଁ ଏଠାରେ ମୁଖ୍ୟ ଦ୍ୱାର ତିଆରି କରିବା, ଝରକା, ବାଲକୋନି, ପିଲାଙ୍କ ପାଇଁ ରୁମ୍ ଆଦି ତିଆରି କରାଯାଇପାରିବ। ଯଦି ଆପଣ ଏହି ସ୍ଥାନରେ ପଢ଼ିବା ତଥା ଅଧ୍ୟୟନ ସମ୍ବନ୍ଧୀୟ କାର୍ଯ୍ୟ କରନ୍ତି ତେବେ ଆପଣଙ୍କ ମୁହଁଟି ପୂର୍ବ ବା ଉତ୍ତର ଦିଗକୁ ରହିବା ଉଚିତ।

***ଉତ୍ତର ଦିଗ :*** ଏହି ଦିଗର ପ୍ରତିନିଧି ଧନ ଦେବତା କରନ୍ତି, ଏହି କାରଣ ଯୋଗୁଁ ଏଠାରେ ନଗଦ ଧନ ଏବଂ ମୂଲ୍ୟବାନ ଜିନିଷ ରଖାଯାଇପାରିବ। ଏଠାରେ ମୁଖ୍ୟ ଦ୍ୱାର ମଧ୍ୟ ତିଆରି କରିବା ଶ୍ରେଷ୍ଠ ହୋଇଥାଏ।

***ଦକ୍ଷିଣ ଦିଗ :*** ଏହି ସ୍ଥାନ ମୃତ୍ୟୁ ଦେବତାଙ୍କ ସ୍ଥାନ। ଏଠାରେ ଭାରି ଜିନିଷ ରଖାଯାଇପାରିବ। ଏହି ସ୍ଥାନରେ ରୋଷେଇ ଘର ତିଆରି କରିବା, ଟାଙ୍କି ତିଆରି କରିବା, ସିଡ଼ି ଆଦି ତିଆରି କରାଯାଇପାରିବ। ଏଠାରେ ପିଲାଙ୍କ ରୁମ୍ ତିଆରି କରିବା ମନା। ଯଦି ଏହି ସ୍ଥାନରେ ବେଡ୍‌ରୁମ୍ ଥାଏ ତେବେ ଶୋଇବା ସମୟରେ ନିଜ ମୁଣ୍ଡଟିକୁ ଦକ୍ଷିଣ ଦିଗ ଆଡକୁ କରି ଶୋଇବା ଉଚିତ।

# ମଇଁଷି ଚରାଇଲେ ମିଳିବ ଦରମା



ବେକାର ଥିବା ଯୁବକମାନଙ୍କ ପାଇଁ ଏଭଳି ଏକ ଅଫର ନିଶ୍ଚିତ ଭାବେ ଖୁସିର ଖବର। କିନ୍ତୁ ଏହା ଆମ ଓଡ଼ିଶାରେ ନୁହେଁ, ପରନ୍ତୁ ନୋଏଡ଼ାର। ସାଧାରଣତଃ ଦେଖାଯାଏ ମଇଁଷି କ୍ଷୀରକୁ ବିକି ଲୋକମାନେ ଟଙ୍କା ରୋଜଗାର କରନ୍ତି। କିନ୍ତୁ ଏବେ ମଇଁଷିମାନଙ୍କୁ ଚରାଇଲେ ପାଇଁ ମିଳିବ ମାସିକ ଦରମା। ତାହା ପୁଣି ୨୦ହଜାର। କିଛି ଏହାକୁ ଗୁଜବ ବୋଲି ମନେ କରୁଥିବେ। କିନ୍ତୁ ଏହି ଖବର କୌଣସି ଗୁଜବ ନୁହେଁ। ନୋଏଡା ଓ ଗ୍ରେଟର ନୋଏଡା ଏକ୍ସପ୍ରେସ୍ ୱେର ନିକଟରେ ରହିଛି ଏହି ଝଟ୍ଟା ଗାଁ। ଏହି ଗାଁର ଅଧିକାଂଶ ବ୍ୟକ୍ତି କୃଷି କାର୍ଯ୍ୟ କରନ୍ତି। ତା'ସହ ମଇଁଷି ରଖି ସେମାନଙ୍କ କ୍ଷୀର ବିକି ମଧ୍ୟ ରୋଜଗାର କରନ୍ତି। ଚାଷ କାର୍ଯ୍ୟ ସହ ମଇଁଷିମାନଙ୍କର ଯତ୍ନ ନେବା ତାଙ୍କ ପାଇଁ ଏକ ବଡ ସମସ୍ୟା ହୋଇଯାଇଥିଲା। ତେଣୁ ଏହାର ସମାଧାନ ସ୍ୱରୂପ ସେମାନେ ମଇଁଷିମାନଙ୍କୁ ଚରାଇବା ପାଇଁ କର୍ମଚାରୀ ନିଯୁକ୍ତ କରିଦେଇଛନ୍ତି। ଯେଉଁମାନଙ୍କୁ ପ୍ରତିମାସରେ ୨୦ହଜାର ଟଙ୍କାର ଦରମା ମିଳୁଛି। ଗାଁ ଅଧିବାସୀଙ୍କର ଏହି ଭିନ୍ନ ପ୍ରୟାସ ଅନେକଙ୍କୁ ପ୍ରଭାବିତ କରିଛି। ଯାହାକୁ ନେଇ ଆଖପାଖର କିଛି ଗାଁ ମଧ୍ୟ ଏପରି ସୁବିଧା ସୁଯୋଗ ଆରମ୍ଭ କରିଦେଇଛନ୍ତି। ବେକାରୀ ସମସ୍ୟାକୁ ନେଇ ଅନେକ ସମୟରେ ଅନେକ ଖବର ଶୁଣିବାକୁ ମିଳୁଥିବା ବେଳେ ଝଟ୍ଟା ଗାଁର ଏହି ପ୍ରୟାସ ଅନେକଙ୍କୁ ଚକିତ କରିଛି।

# ହାତୀପ୍ରେମୀ ଗ୍ରାମବାସୀ



ଆଜିକାଲି ଚାରିଆଡ଼େ ହାତୀ ଆତଙ୍କ ବଢ଼ି ଚାଲିଥିବାବେଳେ ମହାରାଷ୍ଟ୍ରର ଏକ ଗାଁରେ ଦେଖିବାକୁ ମିଳିଛି ଏକ ବିରଳ ଛବି। ଏହି ଗାଁରେ ରହିଆସୁଥିବା ଗୋଟିଏ ହାତୀ ପଳାଇ ଯିବାରୁ ପ୍ରତ୍ୟେକ ବ୍ୟକ୍ତିଙ୍କ ଆଖିରେ ଆସିଯାଇଥିଲା ଲୁହ। ମହାରାଷ୍ଟ୍ରର ଏକ ଗାଁ ଔନ୍ଧ। ରାଜା ରାଜୁଡା ଶାସନ ସମୟରୁ ଏହି ଗାଁରେ ରହିଆସୁଥିଲା ମୋତି ନାମରେ ଏକ ହାତୀ। ଗାଁର ଏକ ସଦସ୍ୟ ହୋଇଯାଇଥିଲା ହାତୀଟି। ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ପ୍ରିୟ ସେ ହୋଇଯାଇଥିଲା। ମାତ୍ର ସମୟ ସହ ମୋତିର ବୟସ ମଧ୍ୟ ବଢିଥିଲା। କିଛିଦିନ ପୂର୍ବରୁ ମୋତି ୮୫ବର୍ଷର ହୋଇଥିଲା। ତା'ର ସ୍ୱାସ୍ଥ୍ୟାବସ୍ଥାରେ ମଧ୍ୟ ଅବନତି ଆସିଥିଲା। ଚିକିତ୍ସା ପାଇଁ ବନ ବିଭାଗ ଅଧିକାରୀ ତାକୁ ଗାଁରୁ ନେଇ ଯାଇଥିଲେ। ଗାଁରୁ ମୋତିର ବିଦାୟ କ୍ଷଣଟି ସମସ୍ତଙ୍କ ଲାଗିଥିଲା ଖୁବ୍ ଦୁଃଖଦାୟକ। ଏପରିକି ପ୍ରତ୍ୟେକ ଅଧିବାସୀଙ୍କଆଖିରେ ଆସିଯାଇଥିଲା ଲୁହ। ଗ୍ରାମବାସୀଙ୍କର ଏହି ଭାବ ବିହ୍ୱଳ ଦୃଶ୍ୟ ମଧ୍ୟ ବନବିଭାଗ ଅଧିକାରୀଙ୍କୁ ଦୁଃଖିତ କରିଥିଲା।

# ବିଛା ରାଣୀ



ଘରେ କିମ୍ବା ବାହାରେ କେଉଁଠି କଙ୍କଡା ବିଛାଟିଏ ଦେଖିଲା ମାତ୍ରେ ଆମେମାନେ ଭୟରେ ସେଠାରୁ ଦୌଡି ପଳାଇଥାଉ। କାହିଁକିନା ସେମାନେ ଖୁବ୍ ବିଷଧର ହୋଇଥାନ୍ତି। କିନ୍ତୁ ଥାଇଲାଣ୍ଡର ଜଣେ ମହିଳାଙ୍କର ଏହି ବିଷଧର କଙ୍କଡା ବିଛାଙ୍କ ପ୍ରତି କୌଣସି ଭୟ ନାହିଁ। ସେ ବିନା ଭୟରେ ହଜାର ହଜାର କଙ୍କଡା ବିଛାଙ୍କୁ ନିଜ ଶରୀରର ବିଭିନ୍ନ ଅଙ୍ଗରେ ବେଶ୍ କିଛି ସମୟ ରଖିଥାନ୍ତି। ଖାଲି ସେତିକି ନୁହେଁ ତାଙ୍କୁ ପାଟି ଭିତରେ ମଧ୍ୟ କିଛି ସମୟ ପର୍ଯ୍ୟନ୍ତ ପୂରାଇ ରଖିଥାନ୍ତି। ଆଉ ଏହି ସାହସିକତା ପାଇଁ ସେ ଏବେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛନ୍ତି। ୩୯ବର୍ଷୀୟା ଏହି ମହିଳାଙ୍କ ନାମ ହେଉଛି କଞ୍ଚନା କାଏତମକାବେ। କଞ୍ଚନା ପ୍ରାୟ ୩୩ ଦିନ ଧରି ୫ହଜାର କଙ୍କଡା ବିଛାଙ୍କ ସହ ରହିଥିଲେ। ସେଥିପାଇଁ ତାଙ୍କୁ ଏବେ ସ୍କର୍ପିୟନ୍ କୁଇନ୍‌ର ଆଖ୍ୟା ଦିଆଯାଇଛି। ତା'ସହ ରେକର୍ଡ ସୃଷ୍ଟି କରିବା ପାଇଁ ସେ ୩ମିନିଟ୍ ୨୮ ସେକେଣ୍ଡ ପର୍ଯ୍ୟନ୍ତ ଅନେକ ଗୁଡିଏ କଙ୍କଡା ବିଛାକୁ ମୁହଁ ଉପରେ ରଖିଥିଲେ ଓ କିଛି ସମୟ ପାଟି ଭିତରେ ମଧ୍ୟ। ଏବେତ ବିଛାମାନଙ୍କ ସହ ରହିବା ତାଙ୍କ ପାଇଁ ଅଭ୍ୟାସ ହୋଇଯାଇଛି। ସେଥିପାଇଁ କେତେକ ତାଙ୍କୁ ଅଜବ ମହିଳା ବୋଲି ମଧ୍ୟ କୁହନ୍ତି।

# ବିବାହ ପାଇଁ ବିପଜ୍ଜନକ ପଦକ୍ଷେପ

କାଲିଫର୍ଣ୍ଣିଆ ଠାରେ ମାଇକେଲ ଭ୍ୟାକ୍ସ ( ୨୭ ) ନାମକ ଜଣେ ବ୍ୟକ୍ତି ନିଜର ଗାର୍ଲ ଫ୍ରେଣ୍ଡଙ୍କୁ ବିବାହ ସକାଶେ ପ୍ରପୋଜ୍ କରିବା ପାଇଁ ୬୦୦ ଫୁଟ ଉଚ୍ଚତା ମୋରେ ରକ୍ ଉପରେ ଚଢୁଥିଲେ, କିନ୍ତୁ ଚଢିବା କାଳରେ ରାସ୍ତାରେ ତାଙ୍କର ହାତ ଚଟାଣରେ ଖସିଗଲା। ଏହାପରେ ହେଲିକପ୍ଟର ସହାୟତାରେ ତାଙ୍କୁ ଆପାତଃକାଳୀନ ସେବା କର୍ମୀମାନେ ପହଁଚି ରକ୍ଷା କରିଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲାଯେ ସେହି ସମୟରେ ଫେସ୍‌ଟାଇମ୍ ଭିଡ଼ିଓ ଜରିଆରେ ତାଙ୍କର ଏପରି ପରିସ୍ଥିତିକୁ ଦେଖୁଥିବା ତାଙ୍କର ଗାର୍ଲ ଫେଣ୍ଡ୍ ଜଣକ ତାଙ୍କୁ ବିବାହ ପାଇଁ ହଁ କରିଥିଲେ।





**ମେଷ :** ଛୋଟ ମୋଟ କାର୍ଯ୍ୟ ବ୍ୟସ୍ତତାରେ ସମୟ ଅତିବାହିତ ହେବ। କାର୍ଯ୍ୟସ୍ଥଳ ଉତମ ରହିବ। ସାଙ୍ଗ ସାଥିଙ୍କ ସହ ସଂପର୍କ ସୁଦୃଢ଼ ହେବ। ଅର୍ଥଲାଭର ବହୁତ ବଡ ସୁଯୋଗ ମିଳିବ। ବୁଦ୍ଧି ଓ ଅଭିଜ୍ଞତା ବଳରେ କାର୍ଯ୍ୟ ସାଧନକରିବାକୁ ସାମ ହେବେ। ସବୁ କାର୍ଯ୍ୟରେ ସଫଳ ହେବେ।

**ବୃଷ:** ଏହି ଅବଧି ମଧ୍ୟରେ ଆର୍ଥିକ ଖେତ୍ରରେ ଲାଭବାନ ହେବେ। କାର୍ଯ୍ୟରେ ସକାରାତ୍ମକ ଭାବନା ହ୍ୱୋଇବେ। ପୁରୁଣା କାର୍ଯ୍ୟରୁ ଲାଭବାନ ହେବେ। ଦାତା ଓ ଅଭିଜ୍ଞତା ଆପଣଙ୍କୁ ସଫଳ କରାଇବ। ପାରିବାରିକ ସମ୍ପର୍କ ମଧୁର ରହିବ। ସୁଯୋଗରୁ ଫାଇଦା ଉଠାଇ ଲାଭବାନ

**ମିଥୁନ:** ମନ ତ ଆପଣଙ୍କର ବହୁତ କିଛି ଚାହୁଁଛି, ତେବେ ଯେପରି ସ୍ଥିତି ଚାହୁଁଥିଲେ ପରିସ୍ଥିତି ସେପରି ରହିବ। ପୁରୁଣା ସମସ୍ୟାର ସମାଧାନ ହେବ। କାର୍ଯ୍ୟଖେତ୍ରରେ ବାଧା ବିଘ୍ନର ସମ୍ମୁଖୀନ ହେବେ ଏବଂ ଏହାର ସମାଧାନ ପାଇଁ

**କର୍କଟ:** ଆପଣଙ୍କ ପାଇଁ ସମୟ ସାଥ୍ ଦେବ। କାର୍ଯ୍ୟ କରିବାରେ ଅଧିକ ସ୍ଫୁର୍ତିହୋଇବେ। ଭାଗ୍ୟ ଆପଣଙ୍କ ସାଥୀରେ ଥିବାରୁ କାର୍ଯ୍ୟ ସିଦ୍ଧିକରିବାରେ କେହି ବିଚ୍ୟୁତ କରିପାରିବେ ନାହିଁ। ଶତ୍ରୁମାନେ ମଧ୍ୟ ଭୁଲ୍ ବୁଝିପାରି ମିତ୍ରତା ଆଚରଣ କରିବେ। ସର୍ବୋପରି ଏହି କାଳ ମଧ୍ୟରେ ଆପଣ

**ସିଂହ:** ନିଜ ଦାୟିତ୍ୱ ଓ କର୍ତବ୍ୟ ପାଳନ କରିବାକୁ ଯାଇ ବ୍ୟସ୍ତତାପୂର୍ଣ୍ଣ ସମୟ ଅତିବାହିତ କରିବେ। ପରିବାର ଓ ବନ୍ଧୁମାନଙ୍କ ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ମନୋଭାବ ରୁହିବେ। ପୁଞ୍ଜିବଜାରରେ ଅର୍ଥ ବିନିଯୋଗ କରିବାକୁ ଚାହୁଁଥିଲେ ଅଭିଜ୍ଞତା ସମ୍ପନ୍ନ ଲୋକଙ୍କ ସାହାଯ୍ୟଲୋଡନ୍ତୁ।

**କନ୍ୟା:** ଯଦି ଆପଣ କୌଣସି ଗୁରୁତ୍ୱପୂର୍ଣ୍ଣ କାମ କରିବାକୁ ଚାହୁଁଥାନ୍ତି, ତେବେ କାହାର ସୁପାରିସ ନେଇ କାର୍ଯ୍ୟକଲେ ଭଲ ହେବ। ଆପଣଙ୍କ ଯୁକ୍ତି ପ୍ରଭାବଶାଳୀ ରହିବ।

**ତୁଳା:** ନିଜେ ସ୍ଥିର କରିଥିବା ରାସ୍ତାରେ ଆଗକୁ ବଢ଼ିଲେ ଠିକ୍ ହେବ, ଅନ୍ୟ କାହାଦ୍ୱାରା ପ୍ରଭାବିତହୋଇ କାର୍ଯ୍ୟପ୍ରଣାଳୀରେ ପରିବର୍ତନ କରନ୍ତୁ ନାହିଁ। ଏହାଦ୍ୱାରା ଆପଣଙ୍କ କାମରେ ବିଘ୍ନ ଆସିପାରେ। ପାରିବାରିକ ସମସ୍ୟା ଉତ୍ପନ୍ନ ହେବ। ଯାତ୍ରାଯୋଗ ରହିଛି।

**ବିଛା:** ଆପଣ ଯଦି କିଛି ନୂଆ ଆରମ୍ଭ କରିବାକୁ ଚାହାନ୍ତି, ତାହାଲେ କାର୍ଯ୍ୟରେ ଲାଭବାନ ହେବେ। କୌଣସି କଥାକୁ ନେଇ ଅଯଥା ବିବାଦରେ ପଡିପାରନ୍ତି। ଯଥାଶୀଘ୍ର କାର୍ଯ୍ୟ ହାତକୁ ନେଇ ଶେଷ କରିବାପାଇଁ ଚେଷ୍ଟା କରନ୍ତୁ, ବିଳମ୍ବ ହେଲେ ବହୁ ବାଧାବିଘ୍ନର ସମ୍ମୁଖୀନ ହେବେ।

**ଧନୁ:** ଆଗରୁ କିଛି କାମରେ ନିୟୋଜିତ ଥିଲେ ପୁରୁଣା କାର୍ଯ୍ୟରୁ ଲାଭ ପାଇବେ। ନିଜ ଉଚ୍ଚ ଆକାଂକ୍ଷା ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଆପଣଙ୍କ ପାଇଁ ପରିବାର ଲୋକେ ନିଜକୁ ଗର୍ବିତ ମନେ କରିବେ।

**ମକର:** ଏହି ରାଶିର ଯେଉଁ ବିଦ୍ୟାର୍ଥୀମାନେ ସାକ୍ଷାତକାର ପରୀକ୍ଷା ଦେଇଛନ୍ତି ସେମାନଙ୍କ ପାଇଁ ଶୁଭଦିନ ରହିବ। ବିବାହିତ ଲୋକଙ୍କ ପାଇଁ ସମୟ ଭଲ ରହିବ। ବ୍ୟବସାୟୀ ଓ ଚାକିରିଜୀବୀ ହୋଇଥିଲେ ସମୟ ମିଶାମିଶି ହୋଇ ରହିବ।

**କୁମ୍ଭ :** କୁମ୍ଭ ରାଶିର ଲୋକଙ୍କ ପାଇଁ ଏହି ଅବଧି ଖୁବ୍ ଭଲରେ ଯିବ। ଆପଣ କରିଥିବା କାମ ପାଇଁ ଉପରିସ୍ଥ ଅଧିକାରୀ ଆପଣଙ୍କୁପ୍ରଶଂସା କରିବେ। କୁମ୍ଭ ରାଶିର ମହିଳାମାନେ ନିଜକୁ କୌଣସି ନୂଆ କାମରେ ନିୟୋଜିତ କରାଇ ଆତ୍ମତୃପ୍ତି ଲାଭ କରିବେ।

**ମୀନ:** ଗୃହିଣୀ ହୋଇଥିଲେ ପରିବାର ପ୍ରତି ଅଧିକ ଦାୟିତ୍ୱବାନ ହେବେ। ପୁରୁଷମାନଙ୍କ ପାଇଁ କାର୍ଯ୍ୟସ୍ଥଳ ଅନୁକୂଳ ରହିବ। ତେବେ ମୀନ ରାଶି ମହିଳା ଓ ପୁରୁଷଙ୍କ ପାଇଁ କିଛିଟା ଆର୍ଥିକ ସମସ୍ୟା ହ୍ୱୋ ଦେଇପାରେ। ଜୀବନସାଥୀ ସହିତ

# ସରାସକୋଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବର୍ଷିକ ଉତ୍ସବ



ପାଟଣା **୧୫/୨(ନି.ପ୍ର):** ପାଟଣା ବ୍ଲକ ଅନ୍ତର୍ଗତ ସରାସକୋଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବରେ ପ୍ରଧାନ ଶିକ୍ଷୟତ୍ରୀ ସନ୍ଧ୍ୟା ରାଣୀ ମହାନ୍ତ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବାବେ ପାଟଣା ବ୍ଲକ ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଅମାନ୍ତ ଯୋଗଦାନ କରି କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ପାଟଣା ବାଳିକା ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ପାର୍ଥ ସାରଥୀ ବେଜ ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷା ର ଗୁଣାତ୍ମକ ବିକାଶ ଦିଗରେ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ କନକଲତା ମହାନ୍ତ ଓ ଲୋକନାଥ ମହାନ୍ତ ମଞ୍ଚ ପରିଚାଳନା କରି ଥିଲେ । ବିଦ୍ୟାଳୟ ର ଅର୍ଦ୍ଧବାର୍ଷିକ ପରୀକ୍ଷା ରେ ଦ୍ୱିତୀୟ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସର୍ବୋଚ୍ଚ ନମ୍ବର ରଖିଥିବା ୧ମ ,୨ୟ,୩ୟ ଏବଂ କ୍ରୀଡା କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀ ଙ୍କ ସହିତ ବିଦ୍ୟାଳୟ ର ପୁରାତନ ୩ ଜଣ ଛାତ୍ରଛାତ୍ରୀ ଗୋପୀନାଥ ଦେହୁରୀ, ଗୋବର୍ଦ୍ଧନ ଗିରି, ବାସନ୍ତୀ ମହାନ୍ତ ଙ୍କୁ ଅତିଥି ମାନ ଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରା ଯାଇଥିଲା। ସଭା ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ର ଶିକ୍ଷୟିତ୍ରୀ ସୀତାମଣି ହାଁସଦା, ମିନାକ୍ଷୀ ନାଏକ, ପ୍ରଜ୍ଞା ଭାରତୀ ବେହେରା, ଚାନ୍ଦମଣି କାର୍ଜି ପ୍ରମୁଖ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଜାରକାଣୀ କ୍ଲଷ୍ଟର୍ ରେ ନିପୁଣ ଓଡ଼ିଶା ମେଳା

ମୟୂରଭଞ୍ଜ **୧୫/୨(ନି.ପ୍ର):** ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ୍ ଅନ୍ତର୍ଗତ ଜାରକାଣୀ କ୍ଲଷ୍ଟର୍ ର ନିପୁଣ ଓଡ଼ିଶା ମେଳା ବାରୁଡ଼ିହି ଆଶ୍ରମ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ କ୍ଲଷ୍ଟର୍ ଅଧିନସ୍ଥ ସମସ୍ତ ବିଦ୍ୟାଳୟରୁ ଦଶ ଦଶ ଜଣ ଲେଖାଏଁ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ଯୋଗ ଦେଇଥିଲେ । ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀଯୁକ୍ତ ବୁଧୁରାୟ ହେମ୍ବ୍ରମ୍ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ବୁଢ଼ାନ୍ ସିଂ ମୁର୍ମୁ ଦ୍ୱୀପ ପ୍ରଜ୍ୱଳନ ପୂର୍ବକ ନିପୁଣ ମେଳା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ଏନ୍ଇପ ୨୦୨୦ର କାର୍ଯ୍ୟଧାରା ଅନୁସାରେ ନିପୁଣ ଭାରତର ସୂତ୍ରପାତ ଏବଂ ପରବର୍ତ୍ତୀ ସମୟରେ ନିପୁଣ ଓଡ଼ିଶାର କାର୍ଯ୍ୟକାରିତା ର ମହତ୍ତ୍ୱ ସମ୍ପର୍କରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀଯୁକ୍ତ ହେମ୍ବ୍ରମ ମହୋଦୟ ସୂଚନା ଦେଇଥିଲେ । ଶ୍ରୀଯୁକ୍ତ ମୁର୍ମୁ ମହୋଦୟ ତାଙ୍କର କ୍ଷୁଦ୍ର ବକ୍ତବ୍ୟରେ ଛାତ୍ରଛାତ୍ରୀ ମାନଙ୍କର ବର୍ଣ୍ଣବୋଧ ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ସୂଚନା ପ୍ରଦାନ କରିଥିଲେ । କାର୍ଯକ୍ରମଟି ଚାରିଗୋଟି ଷ୍ଟଲ୍ ମାଧ୍ୟମରେ ଅନୁଷ୍ଠିତ କରାଯାଇଥିଲା । ପ୍ରଥମ ଷ୍ଟଲରେ ମୌଳିକ ସାକ୍ଷରତା ନିମିତ୍ତ ବିଭିନ୍ନ ବିଦ୍ୟାଳୟ ଦ୍ୱାରା ଅଭିନବ ଶିକ୍ଷଣ ସାମଗ୍ରୀ ଗୁଡିକ ପ୍ରଦର୍ଶନ କରାଯାଇଥିଲା । ଶିକ୍ଷୟତ୍ରୀ ଶ୍ରୀମତୀ କାପୁରା ମୁର୍ମୁଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ' ଶବ୍ଦ ଗାଡ଼ି ' ସର୍ବଶ୍ରେଷ୍ଠ ବିବେଚିତ ହୋଇଥିଲା । ଠିକ୍ ସେହିପରି ଦ୍ୱିତୀୟ ଷ୍ଟଲରେ ମୌଳିକ ସଂଖ୍ୟାଜ୍ଞାନ ଉପରେ ବିଭିନ୍ନ ବିଦ୍ୟାଳୟ ନିଜ ନିଜ ପ୍ରସ୍ତୁତ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରିଥିଲେ । ଶିକ୍ଷୟତ୍ରୀ ଶ୍ରୀମତୀ ନାଶମଣୀ ବାସ୍କେଙ୍କ ଦ୍ୱାରା ପ୍ରସ୍ତୁତ ' ସଂଖ୍ୟା ନିକିତି ' ସର୍ବଶ୍ରେଷ୍ଠ



ବିବେଚିତ ହୋଇ ବ୍ଲକ୍ ସ୍ତରୀୟ ନିପୁଣ ଓଡ଼ିଶା ମେଳା ପାଇଁ ମନୋନୀତ କରାଯାଇଥିଲା । ତୃତୀୟ ଷ୍ଟଲରେ ସୃଜନାତ୍ମକ କାର୍ଯ୍ୟକଳାପ ସମୂହ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ପିଲା ମାନେ ଗଳ୍ପ କଥନ, ଶବ୍ଦ ଖେଳ, ଗଣିତ କୁଇଜ୍ ଆଦି ପ୍ରତିଯୋଗିତା ମା ଏଫ୍ଏଲ୍ଏନ୍ ଗ୍ରେଡ୍ ର ପିଲା ମାନଙ୍କ ମଧ୍ୟରେ ଅନୁଷ୍ଠିତ କରାଯାଇଥିଲା ଯେଉଁଥିରେ ଗଳ୍ପ କଥନରେ ଶ୍ରୀ ସୁରଜ୍ ବାସ୍କେ, ଶବ୍ଦ ଖେଳରେ କୁମାରୀ ସସ୍ମିତା ବେଶ୍ରା ଓ ଗଣିତ କୁଇଜରେ ଶ୍ରୀ ରାଜ୍ ମୁର୍ମୁ ବିଜୟୀ ହୋଇ ପୁରସ୍କୃତ ହୋଇଥିଲେ । କୃତୀ ପ୍ରତିଯୋଗୀ ଓ ସମସ୍ତ ଅଂଶଗ୍ରହଣ କାରୀ ଛାତ୍ରଛାତ୍ରୀଙ୍କୁ ଜାରକାଣୀ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ତ୍ରିଭୁବନ ମହାନ୍ତ ମହୋଦୟ ପୁରସ୍କୃତ କରିଥିଲେ। କାର୍ଯକ୍ରମରେ ଶିକ୍ଷକ ଶ୍ରୀ ଜଗଦିଶ ମୁର୍ମୁ ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷକ ଶ୍ରୀ କୁନୁରାମ୍ ହେମ୍ବ୍ରମ୍, ସଂଗ୍ରାମ କାଣ୍ଡି,ରାମ ଚନ୍ଦ୍ର ସୋରେନ ଓ ଶିକ୍ଷୟତ୍ରୀ ଶ୍ରୀମତୀ ଲକ୍ଷ୍ମୀ ମୁର୍ମୁ, ସିତାମଣି ଟୁଡୁ,ସିନଗୋ ମଣି ବେସ୍ରାଙ୍କୁ ଏଫ୍ଏଲ୍ଏନ୍ ଉତ୍ସର୍ଗୀକୃତ ଶିକ୍ଷକ/ଶିକ୍ଷୟତ୍ରୀ ପାଇଁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କ୍ଲଷ୍ଟରର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ମାନେ ସହୋଯୋଗ କରିଥିଲେ । ଶେଷରେ ଶିକ୍ଷକ ଶ୍ରୀ ଦୀପକ୍ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଇଏନଏସ ଚିଲିକାରେ ସାମ୍ବାଦିକ ବନ୍ଧୁମିଳନ ଅନୁଷ୍ଠିତ

ବାଲୁଗାଁ **୧୫/୨(ନି.ପ୍ର):** ଶୁକ୍ରବାର ପୂର୍ବାହ୍ନରେ ଭାରତୀୟ ନୌସେନା ପକ୍ଷରୁ ଆଇଏନଏସ ଚିଲିକା ଠାରେ ବାର୍ଷିକ ସାମ୍ବାଦିକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି ।ନାଭାଲ ଇନଚାର୍ଜ(ଓଡ଼ିଶା) ଏବଂ ଆଇଏନଏସ ଚିଲିକା କମାଣ୍ଡିଂ ଅଫିସର କୋମଡ଼ର ବି. ଦୀପକ ଅନୀଲଙ୍କ ପୌରହିତ୍ୟରେ ଖୋର୍ଦ୍ଧା,ବାଲୁଗାଁ, ବାଣପୁର,ଟାଙ୍ଗୀ,ଚିଲିକା ଓ ଗଞ୍ଜାମ ଆଦି ଅଞ୍ଚଳରୁ ୩୭ ଜଣ ସାମ୍ବାଦିକ ଏହି ବନ୍ଧୁମିଳନରେ ଯୋଗ ଦେଇଥିଲେ ।ଆଇଏନଏସ ଚିଲିକା ପକ୍ଷରୁ ସମସ୍ତ ସାମ୍ବାଦିକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯିବା ପରେ ଭାରତୀୟ ନୌସେନା ସମ୍ବନ୍ଧରେ ସମ୍ୟକ ବିବରଣୀ ଉପସ୍ଥାପନ କରାଯାଇଥିଲା ।ଏଥିସହିତ ବିଗତ ଏକ ବର୍ଷ ମଧ୍ୟରେ ଆଇଏନଏସ ଚିଲିକା ପକ୍ଷରୁ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଭିଡିଓ ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା ।ପ୍ରଚାର ଓ ପ୍ରସାରର ମୁଖ୍ୟ ସ୍ରୋତ ସାଜିଥିବା ଗଣମାଧ୍ୟମ ପ୍ରତିନିଧିମାନେ ଆଇଏନଏସ ଚିଲିକାର ପ୍ରତିଟି ଖବର ରାଜ୍ୟ ତଥା ଦେଶର ଜନସାଧାରଣଙ୍କ ନିକଟରେ ପହଞ୍ଚାଇ ଥିବାରୁ ସମସ୍ତ ଛାପା ଗଣମାଧ୍ୟମ ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କମାଣ୍ଡିଂ ଅଫିସର କୋମଡ଼ର ବି ଦୀପକ ଅନୀଲ ଭୂୟାଁସି ପ୍ରଶଂସା କରିଥିଲେ ।ଏଥିସହିତ ଗଣମାଧ୍ୟମ ଓ ଆଇଏନଏସ ଚିଲିକା ମଧ୍ୟରେ ସଦାସର୍ବଦା ସୁସମ୍ପର୍କ ବଜାୟ ରହିବ ବୋଲି ସାର୍ବଜନୀନ ମତପ୍ରକାଶ ପାଇଥିଲା ।ପରିଶେଷରେ ସମସ୍ତ ସାମ୍ବାଦିକ ମାନଙ୍କ ସହ କୋମଡ଼ର ବି ଦୀପକ ଅନୀଲଙ୍କ ସମେତ କମାଣ୍ଡିଂ ଅଫିସର ଓ ଲେଫ୍ଟନାଣ୍ଟ ଅଫିସର ମାନେ ମଧ୍ୟାହ୍ନ ଭୋଜନ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମକୁ ଲେଫ୍ଟନାଣ୍ଟ ନର୍ମଦା ପନ୍ତ ପରିଚାଳନା କରିଥିବାବେଳେ କମାଣ୍ଡର ସତ୍ୟେନ୍ଦ୍ର ଧଲ,କମାଣ୍ଡର ରୋମେସ୍କ ଦାସ,ଲେଫ୍ଟନାଣ୍ଟ କମାଣ୍ଡର ଭାଗ୍ୟଶ୍ରୀ ପାଣ୍ଡେ,ଲେଫ୍ଟନାଣ୍ଟ ନିବିତା,ଲେଫ୍ଟନାଣ୍ଟ ଜୁହି,ଲେଫ୍ଟନାଣ୍ଟ ତୃପ୍ତି,ଲେଫ୍ଟନାଣ୍ଟ ମନୀଷ ମିଶ୍ର,ଚିଲିକା ଲୋକସମ୍ପର୍କ ପରାମର୍ଶଦାତା ବିନୋଦ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପୂଜାରୀଗୁଡା ଠାରେ ବିକଶିତ ଗାଁ ବିକଶିତ ଓଡିଶା ସ୍ୱତନ୍ତ୍ର ଗ୍ରାମ ସଭା ଅନୁଷ୍ଠିତ



ତେନ୍ତୁଳିଖୁଣ୍ଟି **୧୫/୨(ନି.ପ୍ର):** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ର ପୂଜାରୀଗୁଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସରପଞ୍ଚ ଶ୍ରୀମତୀ ଅନାଦି ମାଝୀ ଙ୍କର ଅଧ୍ୟକ୍ଷତାରେ ଆଜି ସ୍ୱତନ୍ତ୍ର ଗ୍ରାମ ସଭା ଅନୁଷ୍ଠିତ ହୋଇ ଯାଇଛି।୨୦୨୪-୨୫ ଠାରୁ ୨୦୨୯-୩୦ ପାଞ୍ଚ ବର୍ଷ ପାଇଁ ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ର କାର୍ଯ୍ୟ ଖସଡ଼ା ପ୍ରସ୍ତୁତକରି ପ୍ରକଳ୍ପ ତାଲିକା ପ୍ରସ୍ତୁତି କରି ଗ୍ରାମସଭା ରେ ଅନୁମୋଦନ ନିମନ୍ତେ ଗ୍ରାମ ସଭା ଅନୁଷ୍ଠିତ ।ଏହି କାର୍ଯ୍ୟକ୍ରମ ରେ ପୂଜାରୀଗୁଡା ଗ୍ରାମ ପଞ୍ଚାୟତ ର ସମସ୍ତ ୱାଡ଼ ର ଜନସାଧାରଣ ଉପସ୍ଥିତ ରହି ନିଜ ନିଜ ୱାଡ଼ ର ଆବଶ୍ୟକତା କୁ ପୂରଣ କରିବା ପାଇଁ ଆଗାମୀ ପାଞ୍ଚ ବର୍ଷ ପାଇଁ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ର ତାଲିକା ପ୍ରସ୍ତୁତ କରି ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଠାରେ ପ୍ରଦାନ କରିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମ ରେ ବି ପି ସି ଉମାମହେଶ୍ୱରୀ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିବା ବେଳେ ପେଶା କୋଡ଼ିନେଟର ବନାନୀ ଦାସ, ଗ୍ରାମପଞ୍ଚାୟତ ର ପି ଓ ସ୍ୱାଗତିକା ସାହୁ,ଏ ସି ଡି ଓ ଅନନ୍ତ ପୂଜାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।ପୂର୍ବତନ ସରପଞ୍ଚ କୁମର ପୂଜାରୀ, ୱାଡ଼ ସଭ୍ୟ ଡମ୍ବରୁ କର୍କରା, ଭୀଷ୍ମ ମାଝୀ ଓ ସମସ୍ତ ୱାଡ଼ ସଭ୍ୟ ଓ ସଭ୍ୟା ଗ୍ରାମ ପଞ୍ଚାୟତ ର ସମସ୍ତ ଅଙ୍ଗନବାଡି କର୍ମଚାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

# ରକ୍ତହୀନତା ଦୂରୀକରଣ କାର୍ଯ୍ୟକ୍ରମରେ ଚିକିଟୀର କୃତିତ୍ୱ

ଚିକିଟୀ **୧୫/୨(ନି.ପ୍ର):** ବ୍ଲକ ସ୍ତରରେ ସମସ୍ତ ବିଦ୍ୟାଳୟରେ ଛାତ୍ର ଛାତ୍ରୀଙ୍କ ମାନସିକ ଦୁର୍ବଳତା ଓ ରକ୍ତହୀନତା ଦୂରୀକରଣ ପାଇଁ ପ୍ରତ୍ୟେକ ସୋମବାର ଦିନ ଆଇରନ ଫୋଲିକ ଏସିଡ ଔଷଧ ସେବନ ଓ ବିଦ୍ୟାଳୟ ସ୍ତରରେ ସୁନ୍ଦର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପାଇଁ ଚିକିଟୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଜିଲ୍ଲାରେ ପ୍ରଥମ ସ୍ଥାନ ହାସଲ କରିଛି। ଏହି ଅବସରରେ ଛତ୍ରପୁର ଠାରେ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ବିଜୟ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଠାରୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ବସନ୍ତ କୁମାର ପଣ୍ଡା ପୁରସ୍କାର ଗ୍ରହଣ କରିଛନ୍ତି। ଜିଲ୍ଲାରେ ଏହି ପୁରସ୍କାର ପାଇବାରେ ପ୍ରଥମ ବ୍ଲକ ହୋଇଥିବାରୁ ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଡକାୟତି ମାମଲାର ମୁଖ୍ୟ ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ

ବାଲିଗୁଡା **୧୫/୨(ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ତୁମୁଡିବନ୍ଧ ଥାନା ଅଞ୍ଚଳରେ ୨୦୧୩ ମସିହାରେ ଏକ ଡକାୟତି ଗ୍ୟାଙ୍ଗ ଘର ଭିତରେ ପଶି ସୁନା ,ରୂପା ଅଳଙ୍କାର ସହ ଟଙ୍କା ଲୁଟି ନେଇଥିଲେ । ଦୀର୍ଘ ୧୧ ବର୍ଷ ପରେ ଆଜି ମାନ୍ୟବର ସହକାରୀ ଦୌରା ଜଜ ଙ୍କ ଅଦାଲତ ରାୟ ପ୍ରକାଶ କରି ମୁଖ୍ୟ ଅଭିଯୁକ୍ତ କୁ ୭ ବର୍ଷ କାରାଦଣ୍ଡ ସହ ୧୫ ହଜାର ଟଙ୍କା ଜୋରିମାନା ଅନାଦେୟ ୩ ମାସ ଜେଲ ଦଣ୍ଡ ରାୟ ଶୁଣାଇଛନ୍ତି । ଘଟଣା ପ୍ରକାରେ ତୁମୁଡିବନ୍ଧ ଥାନା ଅନ୍ତର୍ଗତ ମୁଣ୍ଡିଗଡ ପଞ୍ଚାୟତର ଗଚେରୀ ଗାଁ ରେ ୨୦୧୩ ମସିହା ମାର୍ଚ୍ଚ ୧୭ ତାରିଖ ରାତି ୯ ଟା ସମୟରେ ସିମୀ ମାଝି ଙ୍କ ଘରେ ପଶି ଡକାୟତି କରି ସିମୀ ମାଝି ଙ୍କ ଝିଅ ପିନ୍ଧିଥିବା ସୁନା ଅଳଙ୍କାର ,ରୂପା ସାମଗ୍ରୀ ଓ ଘରେ ଥିବା ଟଙ୍କା ଲୁଟି ନେଇଥିଲେ ।ଏ ନେଇ ତୁମୁଡିବନ୍ଧ ଥାନା ରେ ଏକ ମାମଲା ରୁଜୁ ହୋଇଥିଲା ଏହି ଗ୍ୟାଙ୍ଗ ରେ ୭ ଜଣ ରହିଥିବା ବେଳେ ତୁମୁଡିବନ୍ଧ ଥାନା ଅଧିକାରୀ ରାଜେନ୍ଦ୍ର ସିଆଲ ବଲାଙ୍ଗୀର ଜିଲ୍ଲା ସଇଁତଳା ଥାନା ଅନ୍ତର୍ଗତ ସସିକେଲା ଗ୍ରାମର ପାଣ୍ଡବ ରାଣା ମୁଖ୍ୟ ଅଭିଯୁକ୍ତ ଓ ତାଙ୍କ ସହଯୋଗୀ ଙ୍କୁ ଗିରଫ କରିଥିଲା । ଦୀର୍ଘ ବର୍ଷ ବିଚାର ପରେ ଆଜି ମାନ୍ୟବର ସହକାରୀ ଦୌରା ଜର୍ଜ ଅଦାଲତ ଙ୍କ ବିଚାରପତି ଅପୂର୍ବ କୁମାର ରାୟ ପାଣ୍ଡବ ରାଣା ଙ୍କୁ ୭ ବର୍ଷ ଜେଲ ଓ ୧୫ ହଜାର ଟଙ୍କା ଜୋରିମାନା ଅନାଦେୟ ୩ ମାସ ସଜା ଶୁଣାଇ ଛନ୍ତି । ଏହି ମାମଲା ଟି ସରକାରୀ ଓକିଲ ସୁରେଶ କୁମାର ପଟ୍ଟନାୟକ ପରିଚାଳନା କରୁଥିଲେ ।

# ଜିଲ୍ଲା ସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

ନନ୍ଦାହାଣ୍ଡି **୧୫/୨(ନି.ପ୍ର):** ନବରଙ୍ଗପୁର ଜିଲ୍ଲା ନନ୍ଦହାଣ୍ଡି ତହସିଲ କାର୍ଯ୍ୟାଳୟ ରେ ଜିଲ୍ଲାପାଳ ଡ଼: ଶୁଭଙ୍କର ମହାପାତ୍ର ଙ୍କ ଅଧ୍ୟକ୍ଷତା ରେ ପ୍ରଥମ କରି ଜିଲ୍ଲା ସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକ ରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଶ୍ୱଜିତ ଚନ୍ଦ୍ର ବର୍ମନ, ଉପ ଜିଲ୍ଲାପାଳ ଶ୍ରୀ ପ୍ରକାଶ କୁମାର ମିଶ୍ର, ନବରଙ୍ଗପୁର ଜିଲ୍ଲା ର ସମସ୍ତ ତହସିଲର ତହସିଲଦାର, ଅତିରିକ୍ତ ତହସିଲଦାର, ରାଜସ୍ୱ ପରିଦର୍ଶକ, ଜିଲ୍ଲାପାଳ କାର୍ଯ୍ୟାଳୟ ର ଡେପୁଟି କଲେକ୍ଟର ଶ୍ରୀମତି ଗୀତାଞ୍ଜଳୀ ବେହେରା, ରାଜସ୍ୱ ଉପବିଭାଗ ର ସହାୟକ ଜିଲ୍ଲାପାଳ ଶ୍ରୀ ଆଶୁତୋଷ ପାତ୍ର, ବିଭାଗୀୟ ଅଧିକାରୀ ଶ୍ରୀ ସତ୍ୟ ସାହୁ, ବରିଷ୍ଠ ରାଜସ୍ୱ ସହାୟକ ସଂଗ୍ରାମ ପ୍ରଧାନ, ଅଜୟ ନାୟକ,କନିଷ୍ଠ ରାଜସ୍ୱ ସହାୟକ ମନୋଜ ପଣ୍ଡା ତଥା ଉପ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ର ସମସ୍ତ ଅଧିକାରୀ, ଜିଲ୍ଲା ର ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ରବୀନ୍ଦ୍ର ପଲକା, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଛତ୍ରପତି ସାହୁ, ସହ ଜିଲ୍ଲା ସ୍ତରୀୟ ସମସ୍ତ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ରେ ରାଜସ୍ୱ ବିଭାଗ ସହ ସମସ୍ତ ବିଭାଗ ବିଭିନ୍ନ ବିଷୟ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳ ଡ଼: ମହାପାତ୍ର ସମସ୍ତ ରାଜସ୍ୱ ସେବା ଗୁଡ଼ିକ ର ଫୈସଲା ପାଇଁ ତ୍ୱରିତ ପଦକ୍ଷେପ ନେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ତହସିଲ କାର୍ଯ୍ୟାଳୟ ରେ ପ୍ରଥମ କରି ଅନୁଷ୍ଠିତ ହୋଇଥିବା ଏହି ବୈଠକ ର ସଫଳ ସମ୍ପାଦନ ପାଇଁ ତହସିଲଦାର ଶ୍ରୀ ଚନ୍ଦ୍ରଦାଶ ମହାନନ୍ଦିଆ ଙ୍କ ତତ୍ତ୍ୱାବଧାନ ରେ ଅତିରିକ୍ତ ତହସିଲଦାର ଶ୍ରୀ ପୁରୁଷୋତ୍ତମ ବେଣୀୟା, ରାଜସ୍ୱ ପରିଦର୍ଶକ ମହମ୍ମଦ ଜାଭେଦ ଆଖତର, ସେକ୍ସନ ଅଧିକାରୀ, ଶ୍ରୀମତି ରୁକ୍ମଣୀ ଜାନି, ବରିଷ୍ଠ ରାଜସ୍ୱ ସହାୟକ, ତ୍ରିଲୋଚନ ମୁଦୁଲି , କୁନ୍ତୀ ସୌରା, ମଧୁସ୍ମିତା ମିର୍ଗାନ, ନିଲାଞ୍ଚଳ ମାଝୀ, କନିଷ୍ଠ ରାଜସ୍ୱ ସହାୟକ ଦେବାଶିଷ ସୁଆର, ଅଚ୍ୟୁତ କୁମାର ସାହୁ, ଅଶ୍ୱିନ ରଥ, ସୁମିତ ପଟ୍ଟନାୟକ,ମିତେଶ ଜାନି, ଡିଇଓ, ଅରୁଣ ବିଶୋଇ, ଅରୁଣ କୁମାର ଦାସ, ପିଅନ ସୁଜାତା ଗୌଡ଼,ବଳରାମ ହରିଜନ ଏବଂ ନନ୍ଦାହାଣ୍ଡି ତହସିଲ ଅନ୍ତର୍ଗତ ୫ ଗୋଟି ରାଜସ୍ୱ ମଣ୍ଡଳ ର ରାଜସ୍ୱ ନିରୀକ୍ଷକ, ବିଶ୍ୱଜିତ ଦାଶ, ଦିନକୃଷ୍ଣ ବେହେରା, ଖେମରାଜ ପୂଜାରୀ, ଲାଲେନ୍ଦ୍ର ପ୍ରାସାଦ ଶରଣ, ସହାୟକ ରାଜସ୍ୱ ନିରୀକ୍ଷକ, ମଞ୍ଜୁଲତା ନାୟକ, ବାସନ୍ତୀ ଦୁଆରୀ, ନିରାକାର ସୌରା, ଅମିନ ପ୍ରଦୀପ ବିଶୋଇ, ଲୋକେଶ ମଣ୍ଡଳ, ତେଜକର ବିଶ୍ୱାସରାୟ, ଓ ଗଣେଶ୍ୱର ପଣ୍ଡା ପ୍ରମୁଖ ସହାୟତା କରିଥଲେ।

# ରାଜ୍ୟ କଂଗ୍ରେସର ସଂକଳ୍ପ ପଦଯାତ୍ରା ମାହାଙ୍ଗା କଂଗ୍ରେସର ସ୍ୱାଗତ

ମାହାଙ୍ଗା /ନିଶ୍ଚିନ୍ତକୋଇଲି**୧୫/୨(ନି.ପ୍ର):** ପ୍ରଦେଶ କଂଗ୍ରେସ କମିଟିର ନବନିଯୁକ୍ତ ରାଜ୍ୟ ସଭାପତି ଶ୍ରୀ ଭକ୍ତ ଚରଣ ଦାସ ଦାୟିତ୍ୱ ଗ୍ରହଣ କରିବା ପରେ କଂଗ୍ରେସର ଏକ ସଂକଳ୍ପ ପଦଯାତ୍ରା ସଂଯୋଜନା ପାଇଁ ଏକ କମିଟି ଗଠନ କରିଛନ୍ତି । ଏହି ସଂକଳ୍ପ ପଦଯାତ୍ରା ରାଜ୍ୟ ରାଜଧାନୀ ଭୁବନେଶ୍ୱରଠାରୁ ଜଗନ୍ନାଥଧାମ ପୁରୀ ଶ୍ରୀକ୍ଷେତ୍ରକୁ ଯିବା ପାଇଁ ନିଷ୍ପତି ନିଆଯାଇଛି । ଏହି ପଦଯାତ୍ରା ତା.୧୮.୦୨.୨୦୨୫ ରିଖରେ ବିଜୁ ପଟ୍ଟନାୟକ ବିମାନ ବନ୍ଦରଠାରୁ ଶୁଭାରମ୍ଭ ହେବ ବୋଲି ସୂଚନା ମିଳିଛି । ଏଥିପାଇଁ କଂଗ୍ରେସ ରାଜ୍ୟ ସଭାପତି ଶ୍ରୀଯୁକ୍ତ ଦାସ ଏକ ସଂଯୋଜନା କମିଟି ଗଠନ କରିଛନ୍ତି । ଏହି କମିଟିରେ ଅଧ୍ୟକ୍ଷ ଭାବେ ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକଙ୍କୁ ଦାୟିତ୍ୱ ମିଳିଥିବା ବେଳେ ଏହି କମିଟିରେ ପୂର୍ବତନ ବିଧାୟକ ମହମ୍ମଦ ମୁକିମ, ବିଧାୟକ ରମେଶ ଜେନା, ଦାସରଥି ଗମାଗୋ, ସିଏସ୍ ରାଜେନ୍ ଏକା, କଦରକା ଆପ୍ଲାସ୍ୱାମୀ, ଅଶୋକ କୁମାର ଦାସଙ୍କ ସମେତ ଉମାବଲ୍ଲଭ ରଥ ,ନବଜ୍ୟୋତି ପଟ୍ଟନାୟକ, ମିନାକ୍ଷୀ ବାହିନୀ ପତି, ବିଶ୍ୱଜିତ୍ ଦାଶ, ବିଶ୍ୱଭୂଷଣ ଦାସ, ମନୋଜ ଜେନା, ରଂଜିତ ପାତ୍ର, ୟାସିର୍ ନୱାଜ, ଉଦ୍ଦିତ୍ ନାରାୟଣ ପ୍ରଧାନ ପ୍ରମୁଖ ସାମିଲ ଅଛନ୍ତି । ରାଜ୍ୟରେ ତୃଣମୂଳ ସ୍ତରରୁ କଂଗ୍ରେସ ସଂଗଠନକୁ ମଜଭୁତ କରିବା ଓ ରାଜ୍ୟବାସୀଙ୍କ ହକ୍ ପାଇଁ କଂଗ୍ରେସ ସଦାସର୍ବଦା କାର୍ଯ୍ୟ କରିବା ଲକ୍ଷ୍ୟ ନେଇ ନବନିଯୁକ୍ତ ରାଜ୍ୟ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଦାସଙ୍କ ଏହା ପ୍ରଥମ ଦଳୀୟ ସାଂଗଠନିକ କାର୍ଯ୍ୟକ୍ରମ । ପ୍ରତ୍ୟେକ କଂଗ୍ରେସ ନେତା ଓ କର୍ମୀଙ୍କୁ ଏକାଠି କରି ସଂଗଠନକୁ ସୁଦୃଢ଼ କରିବାକୁ ଶ୍ରୀଯୁକ୍ତ ଦାସଙ୍କ ଏହି ପ୍ରୟାସକୁ ମାହାଙ୍ଗା ବରିଷ୍ଠ କଂଗ୍ରେସ ନେତା ତଥା ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ସାହୁ ମାହାଙ୍ଗା ବ୍ଲକ କଂଗ୍ରେସ କମିଟି ପୂର୍ବତନ ସଭାପତି ଅଲେଖ ପ୍ରସାଦ ସ୍ୱାଇଁ, ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟି ପୂର୍ବତନ ସଭାପତି ରମାକାନ୍ତ ବେହେରା, କଂଗ୍ରେସ ଯୁବ ସଂଗଠକ ଉତ୍ତମ କୁମାର ବେହେରାଙ୍କ ସମେତ ମାହାଙ୍ଗା ନିର୍ବାଚନ ମଣ୍ଡଳୀର କଂଗ୍ରେସ କର୍ମୀମାନେ ସ୍ୱାଗତ କରିବା ସହ ଶ୍ରୀଯୁକ୍ତ ଦାସଙ୍କ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି ।

# ରାମ ଗୁଣ୍ଡାରେ ବନ୍ଧା ପଡ଼ିଛି ନାବାଳିକା

## ଉଦ୍ଧାର କରିବାକୁ ବାପା, ମା ର ଆକୁଳ ନିବେଦନ

କଳାହାଣ୍ଡି **୧୫/୨(ନି.ପ୍ର):** କଳାହାଣ୍ଡି ଜିଲ୍ଲା କଲମପୁର ଥାନା ଅଞ୍ଚଳରେ ଅଭାବ ଅନାଟନର ଶିକାର ହୋଇ ଗୋଟିଏ ପରିବାରର ଜଣୈକା ନାବାଳିକା ଦାଦନ ସର୍ଦ୍ଦାର ନିକଟରେ ବନ୍ଧକ ଥିବା ଭଳି ଘଟଣା ସାମ୍ନାକୁ ଆସିଛି । ଫଳରେ ଏହି ପରିବାରର କରୁଣ କାହାଣୀକୁ ନେଇ ଚାରିଆଡେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ମିଳିଥିବା ସୂଚନା ଅନୁସାରେ ଏହି ଥାନା ଅର୍ନ୍ତଗତ ମିନଗୁର ଧାନମଣ୍ଡି ପଡାରେ ବାସସ୍ଥାନ କରିଛନ୍ତି ବଟକୃଷ୍ଣ ଗୋପାଲଙ୍କ ପରିବାର । ବଟକୃଷ୍ଣଙ୍କ ପରିବାର କହିଲେ ସ୍ତ୍ରୀ ବିଳାସିନୀ ବଡ଼ଝିଅ ଲକ୍ଷ୍ମୀ, ଦିତୀୟ ଝିଅ ଲୟ, ତୃତୀୟ ଝିଅ ସରସ୍ୱତୀ, ଚତୁର୍ଥ ଝିଅ ବୈଦେହୀ, ପଞ୍ଚମ ଝିଅ ପାର୍ବତୀ ଓ ଏକମାତ୍ର ପୁଅ ହରିଶ ସମେତ ୮୫ଶର୍ଷିୟା ବୃଦ୍ଧା ମାଆଙ୍କୁ ନେଇ ତାଙ୍କ ପରିବାର । ଏହି ପରିବାରର ଛଅ ସନ୍ତାନ ମାନଙ୍କ ମଧ୍ୟରୁ ସରସ୍ୱତୀ ଓ ପାର୍ବତୀ ଦୁଇ ଝିଅ କଥା କହି ପାରୁଥିବା ବେଳେ , ଅନ୍ୟ ସମସ୍ତେ (ମୂକ) ଭିନ୍ନକ୍ଷମ । ଝାଟିମାଟି କୁଡିଆ ଘରେ ନଅ ପ୍ରାଣୀ କୁଟୁମ୍ବ କୌଣସି ପ୍ରକାରେ ରହି ଆସୁଛନ୍ତି । ସରକାରଙ୍କ ତରଫରୁ ତାଙ୍କୁ ଆବାସ ଘର ଖଣ୍ଡେ ଆସିଲା । ସେହି ଘର ନିର୍ମାଣ ପାଇଁ ପରିବାରବର୍ଗ ସବୁ ଲାଗି ପଡିଲେ । ଘରର ଏକମାତ୍ର ରୋଜଗାରିଆ ଭାବେ ବଟକୃଷ୍ଣ ପରିବାର



ପ୍ରତିପୋଷଣ କରି ଆସୁଥିବା ବେଳେ, ଘର ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେବାରୁ ଖାଦ୍ୟପେୟର ଅଭାବ ଦେଖାଦେଲା । ଏପଟେ ଘର ଅଧପନ୍ତରିଆ ରହିଥିବା ବେଳେ , ସବୁକୁ ଛାଡି ସେ ଦାଦନ ଯିବାକୁ ପ୍ରସ୍ତୁତ ହେଲେ । ଜଣେ ଦାଦନ ସର୍ଦ୍ଦାରଙ୍କ ସହିତ ଯୋଗାଯୋଗ କରି ସ୍ତ୍ରୀ ବିଳାସିନୀ, ଝିଅ ଲୟ ଓ ଝିଅ ସରସ୍ୱତୀଙ୍କୁ ଧରି ବାହାରି ପଡିଲେ । ସେଠାରେ ଦାଦନ ସର୍ଦ୍ଦାର ତାମିଲନାଡୁର ରାମଗୁଣ୍ଡାକୁ ନେଇ ଅନ୍ୟ ଜଣେ ସଂପର୍କୀୟ ଲୋକଙ୍କୁ ଏମାନଙ୍କୁ ଜିମା ଦେଲା । ସେହି ସଂପର୍କିୟ ଲୋକ ଏମାନଙ୍କୁ ଭଡାଘର ଯୋଗାଇବା ସହିତ ଘରକାମରେ ନିୟୋଜିତ କଲେ । କିଛି ଦିନ କାମ କରିବା ପରେ ଖାଦ୍ୟପେୟ ତଥା ଟଙ୍କାର ଅଭାବ ଦେଖାଦେବାରୁ ଏମାନେ ସେହି ଲୋକଙ୍କୁ କହିଲେ,ସେ ଟଙ୍କା ପଇସା କି ଖାଦ୍ୟ ବ୍ୟବସ୍ଥା ନ କରି ଓଲଟା ଗାଲି ଗୁଲଜ ଓ ମାରଧର କରିବାରେ ଲାଗିଲା । ନିର୍ଯ୍ୟାତନା ଅସହ୍ୟ ହେବାରୁ ବଟକୃଷ୍ଣର ପରିବାର ଘରକୁ ଫେରି ଯିବାକୁ ଅଡି ବସିଲେ । ସାମାନପତ୍ର ସଜାଡି ଘରକୁ ଆସିବାକୁ ସଜବାଜ ହେଉଥିବା ଖବର ପାଇ ଦାଦନ ସର୍ଦ୍ଦାରର ସଂପର୍କିୟ ବଟକୃଷ୍ଣ ପରିବାର ରହୁଥିବା ଭଡା ଘର ନିକଟରେ ପହଞ୍ଚିଥିଲେ । ସ୍ତ୍ରୀ ବିଳାସିନୀକୁ ଧକ୍କା ଦେଇ ୧୪ବର୍ଷିୟା ନାବାଳିକା ଝିଅ ସରସ୍ୱତୀଙ୍କୁ ଧରି ଫେରାର ହୋଇ ଯାଇଥିଲା । ବଟକୃଷ୍ଣର ପରିବାର ସେଠାରେ ଥିବା ପୋଲିସ ଷ୍ଟେସନକୁ ଯାଇ ଏ ବିଷୟରେ ଅଭିଯୋଗ କଲେ । ହେଲେ ରାମଗୁଣ୍ଡା ପୋଲିସ କିଛି ପଦକ୍ଷେପ ନେଲା ନାହିଁ । ଭୋକ ଉପାସରେ ୧୫ ଦିନ ଝିଅର ଫେରିବା ବାଟକୁ ଚାହିଁ ଅପେକ୍ଷା କଲେ, ମାତ୍ର ଝିଅ ଫେରିଲା ନାହିଁ । ଶେଷରେ ଭାଙ୍ଗିପଡି ଏହି ନିରିହ ଦାଦନ ପରିବାର ସ୍ୱଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିବାକୁ ବାଧ ହୋଇଛନ୍ତି । ଏସବୁ ସୂଚନା ଦେବା ସହିତ ଝିଅର ବାପା ମାଆ ଝିଅକୁ ଫେରାଇ ଆଣିବାକୁ ପ୍ରଶାସନ ପାଖରେ ଆକୂଳ ନିବେଦନ କରିଛନ୍ତି । ଝିଅର ଭବିଷ୍ୟତ ନଷ୍ଟ ହେବା ପୂର୍ବରୁ ଝିଅକୁ ଉଦ୍ଧାର କରାଯିବାର ଅତ୍ୟନ୍ତ ଆବଶ୍ୟକ ବୋଲି ମିନଗୁର ନାଏବ ସରପଞ୍ଚ ରାମଚନ୍ଦ୍ର ସାହୁ ମତବ୍ୟକ୍ତ କରିଛନ୍ତି ।

# ନାହାଙ୍ଗ ପଂଚାୟତରେ ଗ୍ରାମସଭା ବୈଠକ ଅନୁଷ୍ଠିତ

ମାହାଙ୍ଗା **୧୫/୨(ନି.ପ୍ର):** ମାହାଙ୍ଗା ବ୍ଲକ ଅର୍ନ୍ତଗତ ନାହାଙ୍ଗ ପଂଚାୟତ କାର୍ଯ୍ୟାଳୟ ପରିସରରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଏକ ଗ୍ରାମସଭା ବୈଠକ ପଂଚାୟତ ସରପଂଚଙ୍କ ପ୍ରତିନିଧି ଦେବରଂଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସମିତିସଭ୍ୟ ଦିଲ୍ଲିପ କୁମାର ସାମଲ, ପଂଚାୟତ ସଭାପତି ଜଳଧର ନାୟକ, ନାଏବସରପଂଚ ସତ୍ୟରଂଜନ ନାୟକ, ପଂଚାୟତ ନିବାହୀ ଅଧିକାରୀ ବିଜୟ କୁମାର ରାଉତ, ଏଡିଇଓ ମନୋରମା ମହାନ୍ତି, ପଂଚାୟତର ସମସ୍ତ ୱାର୍ଡସଭ୍ୟ/ସଭ୍ୟାଙ୍କ ସମେତ ଗ୍ରାମବାସୀମାନେ ଉପସ୍ଥିତ ରହି ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ବିଭିନ୍ନ ପ୍ରକଳ୍ପ ବିଷୟରେ ଆଲୋଚନା କରି ଗ୍ରାମସଭାରେ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଇଥିଲା। ଉକ୍ତ ଯୋଜନାରେ ଗ୍ରାମା□ଳର ବିକାଶ ସହିତ ଅର୍ଥନୀତିର ବିକାଶ କିଭଳି ସମ୍ଭବ ହୋଇପାରିବ ସେ ସଂପର୍କରେ ଆଲୋଚନା କରାଯାଇଥିଲା। ରାସ୍ତାଘାଟ, କଲର୍ଭଟ, ଡ୍ରେନେଜ୍, ସର୍ବସାଧାରଣ ସମ୍ପତିର ଉନ୍ନତିକରଣ, କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେ□ର, ଗାଧୋଇବା ଘାଟ, ପୁଷ୍କରଣୀ କୂଳରେ ପରିଧାନ ପରିବର୍ତ୍ତନ ପ୍ରକୋଷ୍ଠ, ଧର୍ମପୀଠର ଉନ୍ନତି କରଣ, ଶୌଚାଳୟ ନିର୍ମାଣ, ଭାଗବତ ଟୁଙ୍ଗୀ, ସ୍ୱଚ୍ଛଭାରତ ମିଶନ, ଶିକ୍ଷାର ଭିତ୍ତିଭୂମି ଉନ୍ନତିକରଣ, ଜଳଜୀବନ ମିଶନ, ଜଳଯୋଗାଣ ସୁବିଧା ଯୋଗାଇବା ପାଇଁ ଆଲୋଚନା ମାଧ୍ୟମରେ ବିଭିନ୍ନ ପ୍ରକଳ୍ପମାନ ସ୍ଥିର କରାଯାଇଥିଲା। ସରକାରଙ୍କ ବହୁମୁଖୀ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ସଭ୍ୟ/ସଭ୍ୟା ମାନଙ୍କଠାରୁ ପ୍ରସ୍ତାବ ଆଗତ କରାଯାଇଥିତଲା।

# ମାହାଙ୍ଗା ବିଜେପି ପକ୍ଷରୁ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



ନିଶ୍ଚିନ୍ତକୋଇଲି /ମାହାଙ୍ଗା **୧୫/୨(ନି.ପ୍ର):** ଦିଲ୍ଲୀ ବିଧାନସଭା ନିର୍ବାଚନରେ ସମୁଦାୟ ୭୦ଟି ଆସନରୁ ବିଜେପି ୪୮ଟି ଆସନ ପାଇ ଐତିହାସିକ ବିଜୟଲାଭ କରିଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀଙ୍କ ଦୃଢ ନେତୃତ୍ୱ ତଥା ମାର୍ଗଦର୍ଶନରେ ଦିଲ୍ଲୀବାସୀ ଭାରତୀୟ ଜନତା ପାର୍ଟି ଉପରେ ଆସ୍ଥା ପ୍ରକଟ କରି ବିପୁଳ ଜନସମର୍ଥନ ଜଣାଇଛନ୍ତି । ଦିଲ୍ଲୀରେ ମୋଦୀ ଗ୍ୟାରେଣ୍ଟି ଏବଂ କାର୍ଯ୍ୟକର୍ତ୍ତାଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁ ଭାରତୀୟ ଜନତା ପାର୍ଟି ସେଠାରେ ଏକକ ସଂଖ୍ୟା ଗରିଷ୍ଠତା ହାସଲ କରିପାରିଲା । ଦିଲ୍ଲୀ ନିର୍ବାଚନ ପରିଚାଳନାରେ ଭାରତୀୟ ଜନତା ପାର୍ଟି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡା ଲୋକସଭା ସାଂସଦ ବୈଜୟନ୍ତ ପଣ୍ଡା ନିର୍ବାଚନ ପ୍ରଭାରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ପ୍ରଭାରୀ ଭାବେ ଦାୟିତ୍ୱ ନେବା ପରେ ଶ୍ରୀ ପଣ୍ଡା ସଫଳ ଭାବେ ନିର୍ବାଚନୀ ଗୋଟି ଚାଳନା କରି ସୁପରିଚାଳନା କରିଥିଲେ । ଯାହାଫଳରେ ଦୀର୍ଘ ବର୍ଷ ବ୍ୟବଧାନରେ ଦିଲ୍ଲୀରେ ପଦ୍ମ ଫୁଟିଲା ଓ ଭାରତୀୟ ଜନତା ପାର୍ଟିର ସରକାର ହେବା ନିଶ୍ଚିନ୍ତ ହେଲା । ଦିଲ୍ଲୀ ବିଜୟ ପରେ ଶ୍ରୀ ପଣ୍ଡା ଗତ ତା.୧୩.୦୨.୨୦୨୫ ରିଖରେ ଦିଲ୍ଲୀରୁ ଫେରିବା ପରେ ଭାଜପା ପ୍ରଦେଶ କାର୍ଯ୍ୟାଳୟରେ ଶ୍ରୀଯୁକ୍ତ ପଣ୍ଡାଙ୍କୁ ରାଜ୍ୟ ବିଜେପି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ପରୀପ୍ରେକ୍ଷୀରେ ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେପି ନେତା ଶ୍ରୀ ସୁମନ୍ତ କୁମାର ଘଡେଇ ଶ୍ରୀଯୁକ୍ତ ପଣ୍ଡାଙ୍କୁ ଭେଟି ଦିଲ୍ଲୀ ବିଜୟ ପାଇଁ ଶୁଭେଚ୍ଛା ପ୍ରଦାନ କରିବା ସହ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଶ୍ରୀ ଘଡେଇଙ୍କ ସହିତ ଅସୁରେଶ୍ୱର ମଣ୍ଡଳ ବିଜେପି ସଭାପତି ପ୍ରଣବ କୁମାର ବେହେରା, ପୂର୍ବତନ ସମିତି ସଭ୍ୟ ମଳୟ କୁମାର ଘଡାଇ, ନଗସପୁର ବିଜେପି ମଣ୍ଡଳ ସଭାପତି କୈଳାସ ବେହେରା, ଅଶୋକ ସ୍ୱାଇଁ, ହରପ୍ରସାଦ ପୃଷ୍ଟି, ବିଜେପି ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ବିକାଶ ସ୍ୱାଇଁ, ପ୍ରସନ୍ନ କୁମାର ମହାପାତ୍ର, ଧନଞ୍ଜୟ ବଳ, ଶଙ୍କର୍ଷଣ ସ୍ୱାଇଁ, ଅଜୟ ମହାପାତ୍ର, ସଞ୍ଜୟ କୁମାର ନାୟକ, ଧୀରେନ୍ଦ୍ର ନାୟକ, କୁଳମଣୀ ରାଉତ, ଉତ୍କଳରଂଜନ ସ୍ୱାଇଁ, ତ୍ରିଲୋଚନ ବେହେରା, ଉମେଶ ବାରିକ, କରୁଣାକର ସେଠୀ, ଗୋକୁଳାନନ୍ଦ ନାୟକ, ସତ୍ୟରଂଜନ ମିଶ୍ର, ରଶ୍ମିରଂଜନ ମହାପାତ୍ର, ଟୁକୁନା ବେଉରା, ଦିଲ୍ଲୀପ ମିଶ୍ର, ଦିବାକର ଦାସଙ୍କ ସମେତ ମାହାଙ୍ଗା ବିଧାନସଭା କ୍ଷେତ୍ରର ବହୁ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଗମ୍ଭାରୀପାଲି ଶ୍ରୀ ଶ୍ରୀ ସୋମନାଥ ବାବା ମନ୍ଦିର ପ୍ରତିଷ୍ଠା ଉତ୍ସବ

ଅତାବିରା **୧୫/୨(ନି.ପ୍ର):** ଅତାବିରା ବ୍ଲକ ଅନ୍ତର୍ଗତ ଗମ୍ଭାରୀପାଲି ଗ୍ରାମ ଠାରେ ଶୁକ୍ରବାର ଠାରୁ ସୋମବାର ପ୍ରୟନ୍ତ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଛି। ପ୍ରଥମ ଦିନ ଗ୍ରାମର ସମସ୍ତ ମହିଳାମାନେ ଗମ୍ଭାରୀପାଲି ଫାର୍ମ ପୋଖରୀରୁ ପୂଜାର୍ଚ୍ଚନା କରି କଳସ ଶୋଭାଯାତ୍ରାରେ ଆସି ପୂଜାମଣ୍ଡପ ଠାରେ ସ୍ଥାପନା କରିଥିଲେ। ତା'ପରେ ପଣ୍ଡିତଙ୍କ ଦ୍ୱାରା ପୂଜାକାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।ଏହି ପୂଜାକାର୍ଯ୍ୟକ୍ରମର ମୂଖ୍ୟପଣ୍ଡିତ ହିମାଂଶୁ ତ୍ରିପାଠୀ ରହିଥିବାବେଳେ ସହଯୋଗୀ ରୂପେ ପଣ୍ଡିତ ଶୁଶାନ୍ତ କୁମାର ଦାସ, ଶୀତାଂଶୁ ତ୍ରିପାଠୀ ,କୈସର୍ଗୀ ମିଶ୍ର , ଆଜାଦ୍ ତ୍ରିପାଠୀ ପୂଜା କାର୍ଯ୍ୟ ସଂମ୍ପାଦନ କରୁଛନ୍ତି। ଏଥିରେ ୧୫ ଯୋଡ଼ି କର୍ତ୍ତା ଦାଇତ୍ୱ ତୁଲାଉଛନ୍ତି। ପ୍ରତ୍ୟେହ ସଂସ୍କୃତିକ କାର୍ଯ୍ୟକ୍ରମ ଯଥା ପାରାୟଣ , ଭଜନ , କୃଷ୍ଣଗୁରୁ ସହିତ ରାବଣ ଦରବାର ଆଦି କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେହ ଭକ୍ତଙ୍କ ପାଇଁ ଅନ୍ନଭୋଗ ର ବ୍ୟବସ୍ଥା କରାଯାଇଛି ବୋଲି ଗମ୍ଭାରୀପାଲି ଗ୍ରାମବାସୀ ବୃନ୍ଦ ଓ ମନ୍ଦିର ପ୍ରତିଷ୍ଠା କମିଟୀ ଜଣାଇଛନ୍ତି।

## ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ



ଚିକିଟୀ **୧୫/୨(ନି.ପ୍ର):** ଚିକିଟୀ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାରତୀୟ ଷ୍ଟେଟ ବ୍ୟାଙ୍କ ଉପରେ ରହିଥିବା ସାଇନାଥ ପାଥୋଲୋଜି କ୍ଲିନିକ ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସମରଝୋଳ ହିଞ୍ଜିଳିକାଟୁ ଙ୍କ ମିଳିତ ଆନୁକୂଲ୍ୟରେ ଏକ ମାଗଣା ପରଳ ଚକ୍ଷୁ ଚିକିତ୍ସା ଶିବିର ଏହି ସାଇନାଥ ପାଥୋଲୋଜି କ୍ଲିନିକ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରକୁ କ୍ଲିନିକ ପରିଚାଳକ ଶ୍ରୀ ଅଲେଖ ପ୍ରଧାନ ଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରି ଆରମ୍ଭ କରିଥିଲେ । ଏଥିରେ ସମସ୍ତ ପ୍ରକାର ଚକ୍ଷୁ ର ପରୀକ୍ଷା ମାଗଣା କରାଯାଇଥବା ବେଳେ ମୋଟ ୫୫ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୧୧ ଙ୍କୁ ଚଷମା ପ୍ରଦାନ କରାଯିବା ସହ ୨୫ ଜଣ ଙ୍କୁ ପରଳ ବା ମୋତିଆବିନ୍ଦୁ ଚିହ୍ନଟ କରାଯାଇ ୨୦ ଜଣ ଙ୍କ ଅସ୍ତ୍ର ପଚାର ସଫଳତା ର ସମ୍ପର୍ଣ୍ଣ କରାଯାଇଥିଲା ।ଏବଂ ୯ ଜଣ ଙ୍କ ରେଟିନା ଚେକ ଅପ କରାଯାଇଥିଲା ।ଏହି ଶିବିରକୁ କ୍ୟାମ୍ପ ମ୍ୟାନେଜର ଶ୍ରୀ ନଳିନୀ କାନ୍ତ ରାଉତ, ସାଗର ମହାନ୍ତି, ମିସ ଦୀପିକା ରାଉତ,ମିସ ସୋନାଲି ସ୍ୱାଇଁ, ମୁକେଶ ପାଣିଗ୍ରାହୀ, ମିସ ରଶ୍ମିନି ବାଡ଼ତ୍ୟା, ମିସ ସ୍ମୃତି ଗୌଡ଼, ମିସ ପ୍ରିୟଦର୍ଶିନୀ ରାଉତ, ଇପିଲି ସାକିଲି ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ ।

## ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ଗୁଣୁପୁର **୧୫/୨(ନି.ପ୍ର):** ଆଜି ଗୁଣପୁର ମହାବିଦ୍ୟାଳୟ ପରିସରରେ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧକ୍ଷ ଶଶୀ ଭୂଷଣ ମହାନ୍ତିଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟର ସୁପରିଟେନଡ଼େଣ୍ଟ ଡ଼କ୍ଟର ପ୍ରଦୀପ କୁମାର ପଣ୍ଡା ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ତମାଖୁ ସେବନର କୁ ପ୍ରଭାବ ଓ ପରିବାରର ଅର୍ଥନୈତିକ ଉପାର୍ଜନ ଉପରେ ତାର ପ୍ରଭାବ ବିଷୟରେ ମାର୍ଗଦର୍ଶନ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମ ଜାତୀୟ ସେବା ଯୋଜନା,ଏନ.ସି.ସି ଓ ଯୁବ ରେଡ଼କ୍ରସ ଦ୍ୱାରା ପରିଚାଳିତ ହୋଇଥିଲା । କାର୍ଯ୍ୟକ୍ରମ ଅଧିକାରିଣୀ ସୁଶ୍ରୀ ରଂଜୁମା ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ , ଆଇ.କ୍ୟୁଏ.ସି ସଂଯୋଜକ ଶ୍ରୀ ଅମୀୟ ରଂଜନ ମହାନ୍ତି ଏହି ସଚେତନତା କାର୍ଯ୍ୟକ୍ରମର ବାର୍ତ୍ତା ନେଇ ସମସ୍ତଙ୍କୁ ସଚେତନତା କରିବା ପାଇଁ ଉପସ୍ଥିତି ଛାତ୍ର ଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ଅଧ୍ୟାପକ ଲକ୍ଷ୍ମଣ ଶବର ଓ ଚନ୍ଦନ କୁମାର ଦାଶ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ । ଶତାଧିକ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ଉପଖଣ୍ଡ ଚିକିତ୍ସାଳୟର କିରଣ ପାତ୍ର , ଶର୍ମିଳା ପାତ୍ର ଓ ଅନ୍ୟ ମାନେ ଉପସ୍ଥିତ ଥିଲେ ।

## କନ୍ତିଆ ପଞ୍ଚାୟତରେ ବିଜେପିର ବନ୍ଧୁମିଳନ

ଜଟଣୀ **୧୫/୨(ନି.ପ୍ର):** ଜଟଣୀ ବିଧାନ ମଣ୍ଡଳୀରେ ବିଜେପି ସଂଗଠନକୁ ମଜବୁତ୍ କରିବାପାଇଁ ପଞ୍ଚାୟତ ତରଫରୁ ସମସ୍ତ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି ।କନ୍ତିଆ ପଞ୍ଚାୟତ ବିଜେପିର ସକ୍ରିୟ ସଦସ୍ୟ ଚିତ୍ତରଂଜନ ସାହୁଙ୍କ ପ୍ରୟାସରେ ବିଜେପିର ବନ୍ଧୁମିଳନ କାର୍ଯ୍ୟକ୍ରମ ବହୁ ଆଡମ୍ବରରେ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷିରେ ଜଟଣୀ ବିଜେପି ବିଧାୟକ ପ୍ରାର୍ଥୀ ବିଶ୍ୱରଂଜନ ବଡଜେନା , ସୋମନାଥ ମଣ୍ଡଳ ସଭାପତି ବିଜୟ କୁମାର ସ୍ୱାଇଁ,ଜଟଣୀ ନଗର ପ୍ରତିନିଧୀ ପ୍ରଶାନ୍ତ ବେହେରା,ସାଂସଦ ପ୍ରତିନିଧୀ ମନୋଜନନ୍ଦ,କନ୍ତିଆ ପଞ୍ଚାୟତର ସରପଞ୍ଚ ମନୋଜ ବେହେରା ପ୍ରମୁଖ ଆତିଥ୍ୟ ଗ୍ରହଣ କରି ବିଜେପିକୁ ପଞ୍ଚାୟତ ସ୍ତରରୁ ମଜବୁତ୍ କରିବା ପାଇଁ ବକ୍ତବ୍ୟ ରାଖିଥିଲେ ।କଂଗ୍ରେସର ପୁରୁଖା କର୍ମୀ ତୋଫାନବଡଜେନା ବିଜେପିରେ ଯୋଗ ଦାନ କରିଥିଲେ । କନ୍ତିଆ ପଞ୍ଚାୟତର ଜମିଜମା ସମସ୍ୟା ସହ ଅନେକ ଗୁଡିଏ ସମସ୍ୟା ଜନସାଧାରଣ ଉଲେଖ କରିଥିଲେ । ଏହାର ତୁରନ୍ତ ସମାଧାନ ଦିଗରେ ଚେଷ୍ଟା କରିବେ ବୋଲି ବିଶ୍ୱରଂଜନ ବଡଜେନା ମତରଖିଥିଲେ ।

# ଛତିଶଗଡ଼ ଓ ପଶ୍ଚିମବଙ୍ଗ କୁ ବଡ଼ ଧରଣର ଗଞ୍ଜେଇ ଚାଲାଣ

## ଯୋଜନା ଭଣ୍ଡୁର : ୧୧୭ କେଜି ଗଞ୍ଜେଇ ଜବତ : ଜଣେ ଗିରଫ

ବାଲିଗୁଡା **୧୫/୨(ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ପୁଲିସକୁ ମିଳିଛି ଏକ ବଡ଼ ସଫଳତା । ବାଲିଗୁଡା ବ୍ଲକ ପରମପାଙ୍ଗା ପଞ୍ଚାୟତରେ ବାଲିଗୁଡା ଥାନା ଏସଆଇ ପ୍ରମୋଦ କୁମାର ଜେନା ଙ୍କ ସହ ପୁଲିସ ସଦଳବଳ ପାଟ୍ରୋଲିଂ କରୁଥିବା ବେଳେ ଛତିଶଗଡ଼ ଓ ପଶ୍ଚିମବଙ୍ଗ ରାଜ୍ୟକୁ ବଡ଼ ଧରଣର ଗଞ୍ଜେଇ ଚାଲାଣ ହେଉଥିବା ଯୋଜନା କୌଣସି ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପରମପାଙ୍ଗା ପଞ୍ଚାୟତର କିଲୁପଡା ଗ୍ରାମରେ ପୁଲିସ ଅଚାନକ ପହଞ୍ଚି ଗଞ୍ଜେଇ ଚାଲାଣକୁ ଭଣ୍ଡୁର କରିପାରିଥିବା ବିଷୟ ବାଲିଗୁଡା ଏସଡିପିଓ ରାମେନ୍ଦ୍ର ପ୍ରସାଦ ଶୁକ୍ରବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଘଟଣାରୁ ପ୍ରକାଶ ଯେ, କିଲୁପଡା ଗ୍ରାମର ପୂଜୁରା ଦିଗାଲ ଓ ପାଉଲ ଦିଗାଲ ଙ୍କ ବାଡ଼ି ପଛ ପାଖ ଜଙ୍ଗଲରେ ୬ ଟି ବସ୍ତାରେ ୧୧୭ କେଜି ଗଞ୍ଜେଇ ସହ ପେକିଙ୍ଗ କରିବା ପାଇଁ ନିକଟରେ ଥିବା କିଛି ପଲିଥିନ ଓ ଅନ୍ୟାନ୍ୟ ସାମଗ୍ରୀ ପେକିଙ୍ଗ କରୁଥିବା ସମୟରେ ଜବତ ହୋଇଛି କ୍ଷ ଜବତ ଗଞ୍ଜେଇ ର ଆନୁମାନିକ ମୂଲ୍ୟ ତିନି ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି କ୍ଷ ଘଟଣା ସ୍ଥଳରେ ଗଞ୍ଜେଇ



ପେକିଙ୍ଗ କରୁଥିବା ପୂଜୁରା ଦିଗାଲଙ୍କୁ ପୋଲିସ କେଶ ନଂ. ୫୦/୨୫ ପ୍ରକାରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ପାଉଲ ଦିଗାଲ ଘଟଣା ସ୍ଥଳରୁ ଫେରାର ହୋଇଥିବା ଜଣାପଡିଛି । ଏହି ଖବର ପାଇ ବାଲିଗୁଡା ଥାନା ଅଧିକାରୀ ସମ୍ବିତ ସ୍ୱାଇଁ ଓ ତୁମୁଡିବନ୍ଧ ଥାନା ଅଧିକାରୀ ଆଶୁତୋଷ ସାହୁ ଏସଆଇ ପ୍ରମୋଦ କୁମାର ଜେନାଙ୍କ ସହ ଏକ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରୀ ରଖିଥିଲେ । ତଦନ୍ତ ବେଳେ ଛତିଶଗଡ଼ ଓ ପଶ୍ଚିମ ବଙ୍ଗ ରାଜ୍ୟରୁ କିଛି ଗାଡି ଗଞ୍ଜେଇ ନେବା ପାଇଁ ଆସି ଅଜଣା ସ୍ଥାନରେ ରହିଥିଲେ ବୋଲି ଜଣାପଡିଥିବା ବିଷୟ ଶୁଣିବାକୁ ପାଇଥିଲେ । ଏହି ଗଞ୍ଜେଇ ଚାଲାଣ ଘଟଣାରେ ଆଉ କେଉଁ କେଉଁ ବ୍ୟକ୍ତି ସଂଶ୍ଳିଷ୍ଟ ଅଛନ୍ତି, ସେ ନେଇ ପୁଲିସ ଅଧିକ ତଦନ୍ତ ଅବ୍ୟାହତ ରଖିବା ସହ ବେଆଇନ ଗଞ୍ଜେଇ ଚାଷ କରିବା ଅପରାଧ, ଚାଷ କରୁଥିବା ବ୍ୟକ୍ତି ଓ ବିକ୍ରି ପାଇଁ ଚାଲାଣ କରୁଥିବା ବ୍ୟକ୍ତିଙ୍କ ବିରୋଧ ରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏଣୁ ଏଥିରେ ନିଜର କ୍ଷତି ହେବ ସହ ପରିବାର ଲୋକଙ୍କ ମଧ କ୍ଷତି ଘଟୁଛି । ଏଣୁ ଏଥିରୁ ନିବୃତ ରହି ସରକାରଙ୍କ ତରଫରୁ ପ୍ରୋତ୍ସାହନ ଜରିଆରେ କନ୍ଧମାଳ ଜିଲ୍ଲାରେ ଷ୍ଟ୍ରବେରୀ ଚାଷ କରିବା ପାଇଁ ଚାଷୀଙ୍କୁ କୁହାଯାଉଛି, ଏହା ଦ୍ୱାରା ଚାଷୀ ମାନେ ଅଧିକ ଲାଭବାନ ହେଉଛନ୍ତି ଏଣୁ ସମସ୍ତେ ଗଞ୍ଜେଇ ଚାଷ ଛାଡି ଷ୍ଟ୍ରବେରି ଚାଷ ପାଇଁ ମନ ବଳାନ୍ତୁ ବୋଲି ଏସଡିପିଓ ରାମେନ୍ଦ୍ର ପ୍ରସାଦ ମତ ପ୍ରକାଶ କରିଥିଲେ ।

## ବାଇକ୍ ପଛପଟୁ ଧକ୍କା ଦେଲା ଟ୍ରକ୍ ଘଟଣା ସ୍ଥଳରେ ଯୁବକ ଙ୍କ ମୃତ୍ୟୁ

କେସିଙ୍ଗା ତା:୧୫/୨(ଜଗନ୍ନାଥ ଏକ୍ସପ୍ରେସ୍)କଳାହାଣ୍ଡି ଜିଲ୍ଲା କେସିଙ୍ଗା ରେ ଆଜି ପ୍ରାୟ ଅପରାହ୍ନ ୨ ଟା ସମୟରେ ସ୍ଥାନୀୟ ପୁରୁଣା ହୋଣ୍ଡା ସୋରୁମ୍ ପାଖରେ ଜଣେ ବାଇକ୍ ଆରୋହୀ ଯୁବକର ପଛପଟୁ ଏକ ଟ୍ରକ୍ ଧକ୍କା ଦେବା ଫଳରେ ଉକ୍ତ ଯୁବକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ଜଣାପଡିଛି । ସୂଚନାରୁ ପ୍ରକାଶ ଯେ କେସିଙ୍ଗା ଗୌନ୍ତିଆ ପଡ଼ାର ମୁକେଶ ଷଣ୍ଢ ନାମକ ଯୁବକ ନିଜ ବାଇକ୍ ରେ କେସିଙ୍ଗା – ବୋରିଙ୍ଗପଦର ଆଡ଼କୁ ଯାଉଥିବା ବେଳେ ପଛପଟୁ ଓଆର ଟ୍ରକ୍ ୧୯ ଏନ୍ ୪୭୦୩ ନମ୍ବର ର ଏକ ଟ୍ରକ୍ ଧକ୍କା ଦେବା ଯୋଗୁଁ ଶ୍ରୀ ଷଣ୍ଢ ତଳେ ପଡି ଯାଇଥିଲେ । କିନ୍ତୁ ଟ୍ରକ୍ ଡ୍ରାଇଭର ପ୍ରାଣ ଭୟରେ ପଳାଇ ଯିବାରୁ ଶ୍ରୀ ଷଣ୍ଢଙ୍କ ମୁଣ୍ଡ ଉପରେ ଟ୍ରକ୍ ଚଢ଼ି ଯିବା ଯୋଗୁଁ ଯୁବକର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା । ଏହାପରେ ପଡ଼ାର ଯୁବକମାନେ ଆସି ଶବକୁ ଆଣି ପଡ଼ାର ଛକ ରାସ୍ତା ଉପରେ ରଖି କ୍ଷତିପୂରଣ ଦାବି କରିଥିଲେ । ଅନ୍ୟପକ୍ଷରେ ପୋଲିସ ଘଟଣାସ୍ଥଳକୁ ଯାଉଥିବା ବେଳେ ରାସ୍ତା ଅବରୋଧକାରୀ ମାନେ ପୋଲିସକୁ ଛାଡିନଥିଲେ । ତେବେ ଆନ୍ଦୋଳନକାରୀ ଓ ଟ୍ରକ୍ ମାଲିକ ମଧ୍ୟରେ ବୁଝାମଣା ସହିତ ରେଡକ୍ରସ୍ ଫଣ୍ଡରୁ ୧୦ ହଜାର ଟଙ୍କା ଏବଂ ଇନ୍ସୁରାନ୍ସ ଟଙ୍କା ପାଇବା ଲାଗି ସ୍ଥିର ହେଲା ପରେ ରାସ୍ତାରୋକ ହଟିଥିଲା । ଏହାପରେ ପୋଲିସ ଶବକୁ ସ୍ଥାନୀୟ ସରକାରୀ ହସ୍ପିଟାଲକୁ ଶବ ବ୍ୟବଚ୍ଛେଦ ପାଇଁ ନେଇଥିଲେ ।

## ହନୁମାନ ଜିଉଙ୍କ ବିଗ୍ରହ ଏବଂ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ୧୫ରୁ ଆରମ୍ଭ



ବାଲିଗୁଡା **୧୫/୨(ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ଶ୍ରୀ ଶ୍ରୀ ଶ୍ରୀ ମା' ପାଟଖଣ୍ଡା ଦୁର୍ଗାପୂଜା ସମିତି ଆନୁକୂଲ୍ୟରେ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ପାଟଖଣ୍ଡାଙ୍କ ମନ୍ଦିର ପରିସରରେ ଶ୍ରୀ ଶ୍ରୀ ଶ୍ରୀ ହନୁମାନ ଜିଉଙ୍କ ବିଗ୍ରହ ଏବଂ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଚଳିତ ମାସ ୧୫ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ମହାସମାରୋହରେ ପାଳନ କରାଯିବ । ଏ ନେଇ ସମସ୍ତ କାର୍ଯ୍ୟ ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଛି । ଏହି ଅବସରରେ ୧୫ ତାରିଖ ଶନିବାର ଦିନ ଦୀକ୍ଷା ଗ୍ରହଣ, ଅଙ୍କୁରା ରୋପଣ ଓ ସାଲାବାସ , ୧୬ ତାରିଖ ରବିବାର ଦିନ ସକାଳେ କଳସ ଯାତ୍ରା, ଅପରାହ୍ନରେ ବନଯାଗ, ମଣ୍ଡଳ କରଣ ଏବଂ ଅଙ୍କୁରା ରୋପଣ ପୂଜା, ୧୭ ତାରିଖ ସୋମବାର ସକାଳୁ କର୍ମ ଆରମ୍ଭ, ସୂର୍ଯ୍ୟପୂଜା, ଅଗ୍ନି ସ୍ଥାପନ ଏବଂ ଦେବତା ଅଧିବାସ, ୧୮ ତାରିଖ ମଙ୍ଗଳବାର ସକାଳ ୯ ଘଣ୍ଟାରୁ ନାମଯଜ୍ଞ ଆରମ୍ଭ ଓ ସନ୍ଧ୍ୟା ୫.୦୦ ଘଟିକା ଠାରୁ ଦେବତା ମହାସ୍ନାନ, ମଧ ରାତ୍ରୀରେ ଦେବତା ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ଆୟୋଜନ ହେବ । ତତ ସଙ୍ଗେ ସଙ୍ଗେ ସ୍ଥାନୀୟ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନ୍ନ ପ୍ରସାଦ ସେବନର ବ୍ୟବସ୍ଥା ମଧ କରାଯାଇଛି । ୧୯ ତାରିଖ ବୁଧବାର ଦିନ ସକାଳ ୯ ଘଣ୍ଟ ରୁ କର୍ମାରମ୍ଭ, ଦେବତା ନଗର ଭ୍ରମଣ, ଶୁଭଲଗ୍ନରେ ଦେବତା ସିଂହାସନ ଆରୋହଣ, ଘୃତଯଜ୍ଞ ପୂର୍ଣ୍ଣାହୁତି ଏବଂ ନାମଯଜ୍ଞ ପୂର୍ଣ୍ଣାହୁତି, ନଗର କିର୍ତ୍ତନ ସହ ଦ୍ୱିତୀୟ ଦିନ ପାଇଁ ସ୍ଥାନୀୟ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନ୍ନ ପ୍ରସାଦ ସେବନର ବ୍ୟବସ୍ଥା ମଧ କରାଯାଇଛି । ଏଣୁ ଅଞ୍ଚଳବାସୀ ଉକ୍ତ ଧର୍ମୀୟ କାର୍ଯ୍ୟକ୍ରମରେ ତନ, ମନ, ଧନ ପ୍ରଦାନ ପୂର୍ବକ ଭକ୍ତି କୃପା ଲାଭ କରିବା ପାଇଁ ସମିତି ତରଫରୁ ଅନୁରୋଧ କରାଯାଇଛି ।

## ପୁଣି ଚୋରା ବାଲି ଘାଟରେ ଚଢ଼ାଉ ୧୯ ହାଇୱା ସହ ୨ ପୋକ୍ଲିନ ଜବତ

କେନ୍ଦ୍ରାପଡ଼ା(୧୫/୦୨) ଗରଦପୁର ତହସିଲ ଅଧିନସ୍ଥ ବିଞ୍ଚଣା ଅଞ୍ଚଳରେ ଚାଲିଥିବା ହରିଦାସପୁର ବେଆଇନ୍ ଘାଟ ଉପରେ ଜିଲ୍ଲା ପ୍ରଶାସନ,ଖଣି ବିଭାଗ ଏବଂ ପାଟକୁରା ଥାନା ର ମିଳିତ ସହଯୋଗରେ ଅତର୍କିତ ଚଢ଼ାଉ ହୋଇଛି । ଯେଉଁଥିରେ ୧୯ ହାଇୱା ସମେତ ୨ ଗୋଟି ପୋକ୍ଲିନ ଜବତ୍ କରାଯାଇ ପାଟକୁରା ଥାନାକୁ ହସ୍ତାନ୍ତର କରିଛନ୍ତି ସେହି ନୂଆକରି ଆସିଥିବା ଦବଙ୍ଗ ଖଣି ଅଧିକାରୀ ରଞ୍ଜିତ ବେହେରା । ସୂଚନା ମୁତାବକ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପ୍ରାୟ ୩୦ ରୁ ଉର୍ଦ୍ଧ୍ୱ ଛୋଟ ବଡ଼ ବାଲି ଖାଦାନ ବର୍ଷ ବର୍ଷ ଧରି ଚାଲି ଆସୁଛି । ଯେଉଁଥିରେ ଦିନକୁ ଲକ୍ଷାଧିକ ଟଙ୍କାର ଆୟ କୁ ଆଖି ଆଗରେ ରଖି ଚୋରା ବାଲି ମାଫିଆ ମଧ ସକ୍ରୀୟ ହୋଇ ଉଠିଛନ୍ତି । ବିଭିନ୍ନ ସମୟରେ ଏହି ବାଲି ଚୋରା ଚାଲାଣ ଏବଂ ନିଲାମ କୁ ନେଇ କେନ୍ଦ୍ରାପଡାରେ ମଧ ଦୁଇ ଗୋଷ୍ଠୀ ମୁହାମୁହିଁ ପରିସ୍ଥିତି ସୃଷ୍ଟି ହେବା ସହ ଅନେକ ସମୟରେ ପ୍ରଶାସନିକ ଅଧିକାରୀ ମାନେ ମଧ ମାଫିଆଙ୍କ ଆକ୍ରମଣର ଶିକାର ହୋଇଛନ୍ତି । କିନ୍ତୁ ଚୋର ଘର ସବୁବେଳେ ଅନ୍ଧାର ନଥିବା ଭଳି , ଗତ ଅକ୍ଟୋବର ୨୦୨୩ ରୁ କେନ୍ଦ୍ରାପଡ଼ା ଜିଲ୍ଲାରେ ନୂଆ କରି ଯୋଗଦେଇଥିବା ଖଣି ଅଧିକାରୀ ରଞ୍ଜିତ ବେହେରାଙ୍କ ଲଗାତାର ଚଢ଼ାଉ ପାଇଁ ଏବେ ବେଆଇନ୍ ଘାଟ ଗୁଡ଼ିକ ସାମ୍ନାକୁ ଆସୁଛି । ସେହିପରି ଗତକାଲି ଅର୍ଥାତ୍ ଶୁକ୍ରବାର ବିଳମ୍ବିତ ରାତ୍ରୀରେ ଗରଦପୁର ତହସିଲ ଅଧିନସ୍ଥ ବିଞ୍ଚଣା ଅଞ୍ଚଳରେ ଚାଲିଥିବା ବେଆଇନ୍ ବାଲି ଘାଟ ର ଖବର ପାଇ ନୂଆକରି ଆସିଥିବା ଉପଜିଲ୍ଲାପାଳ ଅରୁଣ ନାୟକଙ୍କ ସମେତ ଖଣି ଅଧିକାରୀ ରଞ୍ଜିତ ବେହେରା,ପାଟକୁରା ପୋଲିସ ଟିମ ଅତାର୍କିତ ଭାବେ ଚଢ଼ାଉ କରି ୧୯ ଗୋଟି ହାଇୱା ସମେତ ୨ ଗୋଟି ପୋକ୍ଲିନ୍ ଜବତ୍ କରି ପାଟକୁରା ଥାନାକୁ ଜିମା ଦେଇଥିବା କହିଛନ୍ତି ଖଣି ଅଧିକାରୀ ରଞ୍ଜିତ ବେହେରା ।

## ଅନନ୍ତ ଗୋପାଳ ଭକ୍ତ ସମାଜ ତରଫରୁ ରକ୍ତଦାନ ଆୟୋଜନ, ୪୦୦ ୟୁନିଟ ରକ୍ତ ସଂଗ୍ରହ ପାଇଁ ଲକ୍ଷ୍ୟ

କେନ୍ଦ୍ରାପଡ଼ା(୧୫/୦୨)ଶ୍ରୀ ଅନନ୍ତ ଗୋପାଳ ଭକ୍ତ ସମାଜ ସେବା ସଂଘ ଦ୍ୱାରା ଆସନ୍ତା ୧୯ ଫେବୃଆରୀ ୨୦୨୫ ରେ ଇନ୍ଦୁପୁର ଚାରିଗାଁ ରେ ଅବସ୍ଥିତ ଶ୍ରୀ ଶ୍ରୀ ଅନନ୍ତ ଗୋପାଳ ଆଶ୍ରମ ଠାରେ ରେଡକ୍ରସ ସହ ମିଳିତ ଉଦ୍ୟମରେ ଏକ ମେଗା ରକ୍ତ ଦାନ ଶିବିର ଆୟୋଜିତ ହେବାକୁ ଯାଉଛି । ଯେଉଁ ରକ୍ତ ଦାନ ଶିବିରରେ ପାଖା ପାଖି ୪୦୦ ୟୁନିଟ ରକ୍ତ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛି ଶ୍ରୀ ଅନନ୍ତ ଗୋପାଳ ଭକ୍ତ ସମାଜ ସେବା ସଂଘ । ଏହି ସେବା ସଂଘରେ ଥିବା ଭକ୍ତ ମାନଙ୍କ କହିବା ଅନୁଯାୟୀ , ରକ୍ତ ଦାନ ହେଉଛି ମହତ୍ ପୁଣ୍ୟ । ଏ ଦିଗରେ ଭିନ୍ନ ଲୋକଙ୍କ ଭିନ୍ନ ମତ ହୋଇପାରେ । ମାତ୍ର ରକ୍ତ ହେଉଛି ମଣିଷ ବଞ୍ଚିବା ପାଇଁ ଏକ ଜୀବନ ଧାରା ।ମାତୃ ଗର୍ଭରେ ମିଳିଥିବା ବୁନ୍ଦାଏ ରକ୍ତ ଆମ୍ଭକୁ ଜୀବନ ଦେଇଥାଏ ।ସେହି ରକ୍ତ ବୁନ୍ଦା ଜଣେ ନାରୀକୁ ମାତୃତ୍ୱ ପ୍ରଦାନ କରିଥାଏ ।ରକ୍ତ ସମ୍ପର୍କ ଏପରି କେବଳ ମା ଆମ୍ଭ ମାନଙ୍କୁ ରକ୍ତର ପରିଚୟ ଦେଇ ସଂସାର ର ସମସ୍ତ ବିପତ୍ତିରୁ ରକ୍ଷା କରିଥାଏ ।ତେଣୁ ରକ୍ତକୁ ଆମ୍ଭ ଶରୀରର ମା କହିଲେ ଅତ୍ୟୁକ୍ତି ହେବ ନାହିଁ ।ଶାସ୍ତ୍ରୀୟ ମତେ ୪ ଯୁଗ – ସତ୍ୟ, ତ୍ରେତୟା, ଦ୍ୱାପର ଆଉ କଳି । ୪ ବେଦ – ଋକ୍ , ସାମ୍, ଯର୍ଜୁ ଏବଂ ଅଥର୍ବ ସେମିତି ହିନ୍ଦୁ ମୁସଲିମ ଖ୍ରୀଷ୍ଟିଆନ ଜୈନ ଆଦି ହୋଇଥିଲେ ମଧ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ରକ୍ତ ଏକ ।ଆମ୍ଭେ ସମସ୍ତେ ଜାଣୁ ଆମ୍ଭ ରକ୍ତ ଦାନ ଅନେକ ଲୋକଙ୍କ ଜୀବନ ବଞ୍ଚାଇ ଥାଏ । ସେତେବେଳେ ଏ ଜାତିବାଦ ସମାଜ କୌଣସି ବାଛ ବିଚାର ନକରି ରକ୍ତକୁ ମହତ୍ତ୍ୱ ଦେଇଥାଏ ।ଏହା ମଧ ସତ୍ୟ ଯେ ଆମ୍ଭର ରକ୍ତ ଦାନ ଅନ୍ୟର ରକ୍ତରେ ଥିବା ସତ, ତମ, ରଜ ଗୁଣରେ ମଧ ପରିବର୍ତ୍ତନ ଆଣିଥାଏ । ତେଣୁ ଆସନ୍ତା ୧୯ ତାରିଖରେ ଇନ୍ଦୁପୁର ଚାରିଗାଁ ଆଶ୍ରମ ଠାରେ ସାମାଜିକ, ମାନବିକ ଓ ଆଧ୍ୟାତ୍ମିକ ଚିନ୍ତାଧାରାରେ ରକ୍ତ ପ୍ରଦାନ କରି ଏ ଭ୍ରଷ୍ଟାଚାର ପୂର୍ଣ୍ଣ ସମାଜରେ ସ୍ୱଚ୍ଛତା ଏବଂ ମାନବିକତା ଭରିଦେଇ ଏକ ସୁସ୍ଥ ଏବଂ ନିରାମୟ ସମାଜ ଗଠନରେ ସହଯୋଗ କରନ୍ତୁ ବୋଲି ଶ୍ରୀ ଅନନ୍ତ ଗୋପାଳ ଭକ୍ତ ସମାଜ ସେବା ସଂଘ ସମସ୍ତଙ୍କୁ ନିବେଦନ କରିଛନ୍ତି ।

## ଧୂଳିରେ ଜାମଦାବାସୀ ଅତିଷ୍ଠ,ପ୍ରଦୂର୍ଷଣ ପରିବେଶ

ମୟୂରଭଞ୍ଜ **୧୫/୨(ନି.ପ୍ର):** ମୟୂରଭଞ୍ଜ ଜିଲ୍ଲା ଆଦିବାସୀ ବହୁଳ ବ୍ଲକ ଜାମଦାରେ ସରକାରଙ୍କର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଚାଲିଛି ।ତା' ବ୍ୟତିତ ରାସ୍ତା ପ୍ରସାରଣ କାର୍ଯ୍ୟ ମଧ ଚାଲୁଛି ।ରାସ୍ତା ଚଉଡ଼ା ହେବା କାର୍ଯ୍ୟ ବିବିସି ଅଧିନରେ ହେଉଛି ।ଦେଖିବାକୁ ମିଳୁଛି ଯେ କଂକ୍ରିଟ୍ ହୋଇଥିବା ସ୍ଥାନରେ କିଛି ଦିନ ପାଣି ଦେବା ପରେ ଜନବସତି ଅଞ୍ଚଳ ଗୁଡ଼ିକରେ,ବ୍ଲକ ସମ୍ମୁଖରେ,ପିଚୁ ହେବାକୁ ଥିବା ମାଟି ଓ ମେଟାଲ ରାସ୍ତାରେ ଖୁବ୍ ଧୂଳି ଉଡୁଥିବାରୁ ଯାତାୟତ କରୁଥିବା ପଥଚାରୀ,ବାଇକ୍ ଚାଳକ,ଛାତ୍ରଛାତ୍ରୀ,ସରକାରୀ କର୍ମଚାରୀ ତଥା ଜାମଦା ଅଞ୍ଚଳର ଜନସାଧାରଣ ଧୂଳିକେ ଅତିଷ୍ଠ ହେଉଥିବା ଦେଖିବାକୁ ମିଳୁଛି ।ଧୂଳି ଉଡ଼ିବା ଯୋଗୁଁ ବାୟୁ ଦୂଷିତ ହେଉଛି ଏବଂ ଜାମଦା ଅଞ୍ଚଳବାସୀ ଥଣ୍ଡା ରୋଗରେ ଆକ୍ରାନ୍ତ ହୋଇ ଡାକ୍ତରଖାନା ଓ ଔଷଧ ଦୋକାନ ଗୁଡ଼ିକକୁ ଆସୁଥିବା ଲକ୍ଷ୍ୟ କରାଯାଉଛି ।ସମ୍ଭବତଃ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ,ଓଡ଼ିଶା ୟୁଏସ୍ଆଇ ସଂଗଠନ ଓ ମେଘାଚ୍ଛନ୍ନ ସାହିତ୍ୟ ସଂସଦ ପକ୍ଷରୁ ଦାବି ହେଉଛି ।

## ବ୍ଲକ ସ୍ତରୀୟ ବନାଗ୍ନି ପ୍ରତିରୋଧ ଓ ନିରାକରଣ ସଚେତନତା ଶିବିର ଅନୁଷ୍ଠିତ



ପୋଲସରା **୧୫/୨(ନି.ପ୍ର):** ପୋଲସରା ବ୍ଲକ ଅନ୍ତର୍ଗତ ପାଣ୍ଡିରିପଡା ପଞ୍ଚାୟତର କସିପଡା ସ୍ଥିତ ମାଁ ସିଂହାସନୀଙ୍କ ଶକ୍ତି ପୀଠ କଲ୍ୟାଣ ମଣ୍ଡପ ଠାରେ ବ୍ଲକ ସ୍ତରୀୟ ବନାଗ୍ନି ପ୍ରତିରୋଧ ଓ ନିରାକରଣ ସଚେତନତା ଶିବିର ୧୪/୦୨/୧୫ ତାରିଖ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ପୋଲସରା ବନାଞ୍ଚଳ ଅଧିକାରୀ ଅନିଲ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଚେତନତା ଶିବିରରେ ମୁଖ୍ୟ ଅତିଥି ରୂପେ ଦକ୍ଷିଣ ଘୁମୁସର ବନ ଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ, ଏସିଏଫ ପ୍ରଦିପ କୁମାର ବେହେରା, ପାଣ୍ଡିରିପଡା ସରପଞ୍ଚ ରଘୁନାଥ ଭୂୟାଁ, ବୁଗୁଡ଼ା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସମ୍ମାନୀତ ଅତିଥି ଭାବେ ସମାଜସେବୀ ଶୁଳପାଣି ଶତପଥୀ, ପୀତବାସ ପ୍ରଧାନ, ସୁରେଶ ସ୍ୱାଇଁ, ରବିନ୍ଦ୍ର ନାୟକ , ଶ୍ରୀଧର ମିଶ୍ର ଯୋଗଦେଇଥିଲେ । ବନାଗ୍ନି ଦାଉରୁ ଜଙ୍ଗଲ ସୁରକ୍ଷା, ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା, ପରିବେଶ ସୁରକ୍ଷା ପାଇଁ ଗଛଟିଏ ଲଗାଇବା ପାଇଁ ଅତିଥି ବୃନ୍ଦ ପରାମର୍ଶ ଦେଇଥିଲେ । ଏହି ଅବସରରେ ବନାଗ୍ନି ପ୍ରତିରୋଧ ସହ ଜଙ୍ଗଲ ସୁରକ୍ଷା, ବନ୍ୟପ୍ରାଣୀ ସୁରକ୍ଷା ପ୍ରଭୃତି ବିଷୟ ଉପରେ ଲୋକନୃତ୍ୟ ଦାସକାଠିଆ ମାଧ୍ୟମରେ ଜନସଚେତନତା କରାଯାଇଥିଲା । ପୋଲସରା ବନାଞ୍ଚଳର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଡାବୁଗାଁ ବାସୀମଣ୍ଡେଇ ଅବସରରେ ବସିଲା ପାରମ୍ପରିକ ବୈଠକ 'ବେହେରନ୍'

ଡାବୁଗାଁ **୧୫/୨(ନି.ପ୍ର):** ମଣ୍ଡେଇ ର ତୃତୀୟ ଦିନ କୁ ବାସୀମଣ୍ଡେଇ ବୋଲି କୁହାଯାଏ । ମଣ୍ଡେଇ ରେ ଆସିଥିବା ସମସ୍ତ ଦେବଦେବୀ ଙ୍କ ପୂଜାରୀ , ଶିରା, ଦିଶାରି, ଏବଂ ଅନ୍ୟମାନେ ନିଜ ନିଜ ଗାଁ କୁ ଫେରନ୍ତି । ପ୍ରତି ବର୍ଷ ଭଳି ଏହି ବର୍ଷ ମଧ ମଣ୍ଡେଇ ଉଦ୍ଯାପନ ପୂର୍ବରୁ ପାରମ୍ପରିକ ବୈଠକ ବେହେରନ୍ ବସିଥିଲା । କମିଟି ଉପ ସଭାପତି ସତ୍ୟ ରଞ୍ଜନ ପାତ୍ର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକ କୁ ପରିଚାଳନା କରିଥିଲେ କମିଟିର ଉପଦେଷ୍ଟା ଜୟନ୍ତ କୁମାର ପାତ୍ର । ବିଧାୟକ ମନୋହର ରନ୍ଧାରି, ସ୍ଥାନୀୟ ସରପଞ୍ଚ ତଥା କମିଟି ସଭାପତି ବିନୋଦ ସୌରା, ଦେବରାଜ ପାତ୍ର, ଏମ୍ ଅପା ରାଓ, ଜି ସାଇ ରାଜୁ, ବିଶ୍ୱ ରଞ୍ଜନ ପାତ୍ର ପ୍ରମୁଖ ବେହେରନ ରେ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସୁରେନ୍ଦ୍ର ମିଶ୍ର, ପାପନା ରେଲି, ସୁରେନ୍ଦ୍ର ରେଲି, ଈଶ୍ୱର ମାଝୀ, ଶିବ ପ୍ରସାଦ



ମିଶ୍ର, ତାରିଣୀ ରେଲି, ସାଙ୍କିରି ରାଓ, କୁନୁ ପାତ୍ର, ପୂର୍ଣ୍ଣ ପୂଜାରୀ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ । ପାରମ୍ପରିକ ପୂଜାରୀ, ଶିରା ଓ ବାଜା ବାଲା ମାନଙ୍କୁ ପେନସନ ବ୍ୟବସ୍ଥା ଲାଗୁ ପାଇଁ ସରକାର ଙ୍କୁ ଅନୁରୋଧ କରିବା ହେତୁ ଏକ ମିଳିତ କମିଟି ଗଠନ ପାଇଁ ବେହେରନ ରେ ନିଷ୍ପତ୍ତି ନିଆ ଯାଇଛି ।

# ମଣ୍ଡିରେ ଧାନ କାଟକୁ ବନ୍ଦ କରିବା ପାଇଁ ଅନଶନରେ ବସିଲେ ଅକ୍ଷୟ କୁମାର

ଭୁବନେଶ୍ୱର,୧୫!୨: ଧାନ ମଣ୍ଡି ଅବ୍ୟବସ୍ଥାକୁ ନେଇ ଅନଶନରେ ବସିଛନ୍ତି ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର । ଉପକୂଳ ଓଡ଼ିଶାରେ ଏବେ ମଣ୍ଡିରେ ଧାନ କିଣାବିକା ଚାଲିଛି । ଏହି ଧାନ କିଣାରେ ଚରମ ଅବ୍ୟବସ୍ଥା ଦେଖିବାକୁ ମିଳିଛି । ସମବାୟ ସଂପାଦକ, ମଣ୍ଡି ଦଲାଲ, ମିଲର ସମସ୍ତେ ମିଶି ଚାଷୀର ଅର୍ଥ ଡୋଷରପାତ କରିବାକୁ ଲାଗିପଡ଼ିଛନ୍ତି । ଏହି ତୋଷରପାତର ବଡ଼ ସୂତ୍ର ହେଉଛି, ଧାନ ଟେଷ୍ଟିଂ କଲେ ମିଲର ଧାନ ଉଠେଇବ ନାହିଁ । ଧାନ କାଟ ନଦେଲେ ମିଲର ଗାଡ଼ି ଫେରାଇ ନେବ । ସବୁଠାରୁ ବଡ଼ କଥା ହେଉଛି ଚାଷୀମାନଙ୍କୁ ପ୍ରଭାବିତ କରିବାକୁ ମିଲରଙ୍କ ଲୋକ ସମବାୟ ସଂପାଦକ ଓ ସ୍ଥାନୀୟ ନେତାଙ୍କୁ ଲଗାଇଦେଇଛନ୍ତି । ଯେଉଁମାନେ ମିଲରଙ୍କ ସମର୍ଥକ ସେମାନେ କହୁଛନ୍ତି ଧାନ କୌଣସି ପ୍ରକାର ଉଠିଯାଉ । ଧାନ ଚୋରିର ସିଣ୍ଡିକେଟ ଏତେ ସକ୍ରିୟ ଯେ, ସେମାନେ ଜନମତ ଏବଂ ଗଣମାଧ୍ୟମକୁ ମଧ ପ୍ରଭାବିତ କରିବାକୁ ଉଦ୍ୟମ କରିଛନ୍ତି । ଯାହାଫଳରେ ଧାନ ଦୁର୍ନୀତି ଭଳି ବଡ଼ ଗମ୍ଭୀର ଦୁର୍ନୀତି ସାଧାରଣରେ ବିଶେଷ ଚର୍ଚ୍ଚା ଆଲୋଚନା ହେଉନି । ଯେଉଁଠି ଚାଷୀମାନେ ଆମେ ଭଲ ଧାନ ଆଣିଛୁ କାହିଁକି କାଟ ହେବବୋଲି ପ୍ରତିବାଦ କରୁଛନ୍ତି ସେମାନଙ୍କୁ କୁହାଯାଉଛି, ତୁମ ଧାନ ଗ୍ରେନ୍ ଆନାଲାଇଜର ମେସିନରେ ପରୀକ୍ଷା ହେବ ତାପରେ ଉଠିବ । ଚଳିତ ବର୍ଷ ଧାନ କିଣାରେ ଆନାଲାଜର ମେସିନ୍ ମିଲରମାନଙ୍କୁ ବଞ୍ଚାଇଛି । ଆନାଲାଇଜର ମେସିନ ବାହାନାରେ ଚାଷୀମାନଙ୍କୁ ଭୟଭୀତ କରାଯାଉଛି । ଚାଷୀ ସଂଗଠନ ତରଫରୁ ଯେତେବେଳେ ବିକ୍ଷୋଭ ଶୋଭାଯାତ୍ରା କରି ଦାବୀ ପତ୍ର ଦିଆଯାଉଛି, ସେତେବେଳେ ଆନାଲାଇଜର ଟେଷ୍ଟିଂରେ ଧାନ ଏଫଏକ୍ୟୁ ଆସୁନି ବୋଲି ଚାଷୀଙ୍କୁ ଦେଖାଇଦିଆଯାଉଛି । ଚାଷୀମାନେ ଭୟରେ ମିଲରସାଙ୍ଗେ ବୁଝାବଣା କରୁଛନ୍ତି । ଅପରପକ୍ଷେ ଲଜ୍ୟାର କଥା ଯେ, ଉଚ୍ଚ ସ୍ତରର ଅଧିକାରୀ ବିଭାଗୀୟ ମନ୍ତ୍ରୀଙ୍କୁ କହିଛନ୍ତି, ଧାନ କିଣାରେ ଆମେ ମୁଣ୍ଡ ପୂରାଇବା ନାହିଁ ସେ ଚାଷୀ ମିଲର ବୁଝାବୁଝି ହୁଅନ୍ତୁ । ଅର୍ଥାତ୍ ସରକାରୀ ବ୍ୟବସ୍ଥା ସଂପୂର୍ଣ୍ଣ ଭୁଷୁଡ଼ିପଡ଼ିଛି । କାରଣ, ଯୋଗାଣ ବିଭାଗ ଜିଲ୍ଲାପାଳ ବିଶେଷ କରି ଜିଲ୍ଲାପାଳ କେଉଁଠି ଧାନ ଉଠିଲା କି ନଉଠିଲା ସେକଥା ଦୈନିକ ତଦାରଖ କରିବାକଥା କିନ୍ତୁ କାର୍ଯ୍ୟରେ ତାହା ଦେଖାଯାଏ ନାହିଁ । ଗୋଟିଏ ମଣ୍ଡିରେ ଉପଜିଲ୍ଲାପାଳ ମହୋଦୟ ସମବାୟ ସମିତି ସଭାପତିଙ୍କୁ କହିଲେ, ଆପଣ ମ୍ୟାନେଜ୍ କରିନିଅନ୍ତୁ । ଜିଲ୍ଲା କ୍ରୟ କମିଟି ବୈଠକରେ ଯାହା ପଢ଼ାହୁଏ ଓ ସେ ଅନୁସାରେ ଧାନ କିଣା ହୁଏନାହିଁ । ଚଳିତ ବର୍ଷ କଣ୍ଟାପଡ଼ା, ନିଆଳି,



ବାରଙ୍ଗ ଠାରୁ ଆରମ୍ଭ କରି ବଡ଼ମ୍ବା ନରସିଂହପୁର ପର୍ଯ୍ୟନ୍ତ ସବୁଠି ଅଘୋଷିତ କାଟ ଚାଲିଛି । ଏହି କାଟକୁ ସ୍ଥାନୀୟ କୁଜି ନେତା ଓ ଦଲାଲମାନେ ସମର୍ଥନ କରୁଛନ୍ତି । ଜଗତସିଂହପୁର, ନୟାଗଡ଼, ଗଜପତି ଭଳି ଜିଲ୍ଲାରେ ଆନ୍ଦୋଳନ ହେଲା ପରେ ଜିଲ୍ଲାପ୍ରଶାସନ ଦିନେ ଦୁଇଦିନ କାଟ ବନ୍ଦ କରିବା ପାଇଁ ଉଦ୍ୟମ କଲେ ମଧ ତାହା ଫଳପ୍ରଦ ହୋଇପାରୁନି । କାରଣ, ପ୍ରଶାସନ ତାଗିଦ୍ ପରେ ମିଲରମାନେ ପୁଣି କାଟ କରୁଛନ୍ତି । ମିଲର ସଂଘ ଏତେ ସକ୍ରିୟ ହୋଇଛି ଯେ, ସେମାନେ ଜିଲ୍ଲାପାଳଙ୍କୁ ଚାପଗ୍ରସ୍ତ କରୁଛନ୍ତି । କିନ୍ତୁ ରାଜ୍ୟ ସରକାର ଏହି କ୍ଷେତ୍ରରେ ମିଲରମାନଙ୍କୁ ଅନୁଶାସନ ଛାଟ ନମାରି ମୁକୁଳା ଷଣ୍ଢ ପରି ଚାଷୀ ଧାନ ଲୁଟିବାକୁ ଛାଡ଼ି ଦେଇଛନ୍ତି । ଯାହାଦ୍ୱାରା ଚାଷୀର କୋଟି କୋଟି ଟଙ୍କା ଧାନ ମିଲରମାନେ ଲୁଟି ନେଇଛନ୍ତି । ଅଥଚ୍ ରାଜ୍ୟର ଆଇନ୍ ବ୍ୟବସ୍ଥା ସେମାନଙ୍କ ଆଗରେ ଫୁଁ ହୋଇଯାଇଛି । ଯେଉଁଥିପାଇଁ ଆଜି ମଣ୍ଡି ବ୍ୟବସ୍ଥାରେ କଟନୀ ଛଟନୀ ତ୍ରୀବ୍ର ହୋଇଛି । ଏହି ବ୍ୟବସ୍ଥାରେ ଦୃତ ସୁଧାର ଆଣିବା ସହ କଟନୀ ଛଟନୀକୁ ସଂପୂର୍ଣ୍ଣ ବନ୍ଦ କରିବା ପାଇଁ ନବନିର୍ମାଣ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଆଜି ଠାରୁ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଅନଶନରେ ବସିରହିବେ ବୋଲି ନବନିର୍ମାଣ ରାଜ୍ୟକାର୍ଯ୍ୟାଳୟରେ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ରାଜ୍ୟ ସହ ସଂଯୋଜକ ରଶ୍ମିରଂଜନ ସ୍ୱାଇଁ, ନିମାଁଇ ଚରଣ ରାଏ, ଉମାକାନ୍ତ ଭାରତ ଓ ନବନିର୍ମାଣ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ମନୱର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୫ ଉଦଘାଟିତ



ଭୁବନେଶ୍ୱର,୧୫/୨: ମତ୍ସ୍ୟଚାଷୀ ଓ ପ୍ରାଣିପାଳକଙ୍କ ସମୃଦ୍ଧିର ମହାକୁମ୍ଭ ରାଜ୍ୟସ୍ତରୀୟ "ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୫" ଉଦଘାଟିତ ହୋଇଯାଇଛି । ସ୍ଥାନୀୟ ବରମୁଣ୍ଡା ବିଜୁ ପଟ୍ଟନାୟକ ପଡ଼ିଆଠାରେ ଆୟୋଜିତ ଏହି ତିନି ଦିନିଆ ସମାବେଶରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମାନ୍ୟବର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏହାର ଉଦ୍ଘାଟନ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି, ମତ୍ସ୍ୟ ଓ ପ୍ରାଣିପାଳନ ଭିତ୍ତିକ କୃଷି ଅର୍ଥନୀତି ଓଡ଼ିଶାର ପ୍ରଗତିକୁ ବହୁଗୁଣିତ କରିବାରେ ସହାୟକ ହେବ । ସମ୍ମାନନୀୟ ଅତିଥି ଭାବେ ମାନ୍ୟବର ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ସମାବେଶରେ ଯୋଗ ଦେଇ କହିଛନ୍ତି, "ବିକଶିତ ଓଡ଼ିଶା ଗଠନରେ ମତ୍ସ୍ୟଚାଷୀ ଓ ପ୍ରାଣିପାଳକମାନେ ସାରଥି ସାଜିବେ । ଜୀବନ୍ତ ପ୍ରଦର୍ଶନୀରୁ ପ୍ରତ୍ୟକ୍ଷ ଉପଲବ୍ଧି ଆହରଣ, ନୂତନ ଜ୍ଞାନ କୌଶଳ ସମ୍ପର୍କରେ ଜ୍ଞାନାର୍ଜନ, ବିଶେଷଜ୍ଞଙ୍କ ଠାରୁ ମାର୍ଗଦର୍ଶନ, ସଫଳ ଚାଷୀଙ୍କ ସହ ଭାବ ବିନିମୟ ଦ୍ୱାରା ପ୍ରେରିତ ହୋଇ ଚାଷୀମାନେ ଏହାକୁ କର୍ମ କ୍ଷେତ୍ରରେ ପ୍ରୟୋଗ କଲେ ସେମାନଙ୍କ ସାମାଜିକ-ଆର୍ଥିକ ସଶକ୍ତିକରଣ ହୋଇପାରିବ ବୋଲି କହିଛନ୍ତି । ଚାଷୀଙ୍କ ଆୟ ଦୁଇ ଗୁଣା କରିବା ହେଉଛି ଆମ ସରକାରଙ୍କ ଲକ୍ଷ୍ୟ ବୋଲି ବିଭାଗୀୟ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି । ୨୦୨୫ ବର୍ଷ ପାଇଁ ଥିମ ରହିଛି "ମତ୍ସ୍ୟ ଓ ପ୍ରାଣିପାଳନ, ଜୀବନଜୀବିକା ଜୈବସନ୍ତୁଳନ ।" ମୋଟ ୧୦ଟି ଇଣ୍ଟରାକ୍ଟିଭ୍ ପ୍ୟାନେଲ୍ ଆଲୋଚନାଚକ୍ର ଆୟୋଜନ ହୋଇଛି । "ମନ୍ତ୍ରୀଙ୍କୁ ପଚାରନ୍ତୁ" କାର୍ଯ୍ୟକ୍ରମରେ ସିଧାସଳଖ ଉତ୍ତର ରଖିବେ ବିଭାଗୀୟ ମନ୍ତ୍ରୀ ଶ୍ରୀ ଗୋକୁଳନନ୍ଦ ମଲ୍ଲିକ । ୨ଟି ହ୍ୟାଙ୍ଗର୍ ରେ ପ୍ରାୟ ୨୦୦ ଟି ଷ୍ଟଲ୍ ରେ ମତ୍ସ୍ୟ, ପ୍ରାଣିପାଳନ, ବିଭିନ୍ନ ବିଭାଗ ଓ କମ୍ପାନୀର ଉତ୍ପାଦ ପ୍ରଦର୍ଶିତ ହୋଇଛି । ସେହିପରି ୨ଟି ଖୋଲା ହ୍ୟାଙ୍ଗରରେ ଜୀବନ୍ତ ପ୍ରାଣୀ ଓ ମତ୍ସ୍ୟ ପ୍ରଦର୍ଶନୀ କରାଯାଇଛି । ସମାବେଶରେ ଆକର୍ଷଣର କେନ୍ଦ୍ର ସାଜିଛି ରାଜସ୍ଥାନର ମଇଁଷି ଷଣ୍ଢ 'ଭୀମ' । ଆନ୍ଧ୍ରପ୍ରଦେଶର 'ପୁଙ୍ଗାନୁର' ଗାଇ ସମାବେଶର ଅନ୍ୟତମ ଆକର୍ଷଣ ସାଜିଛି । 'ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା' ବୁଲିବାକୁ ଆସି ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିକାଶ କ୍ଷେତ୍ରରେ ଆଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ସମ୍ପର୍କରେ ଜ୍ଞାନ ଆହରଣ କରିବାକୁ କହିଛନ୍ତି ବିଭାଗୀୟ ମନ୍ତ୍ରୀ ସମସ୍ତଙ୍କୁ ନିବେଦନ କରିଛନ୍ତି । ଏହି ଉଦ୍ଘାଟନ ସମାରୋହରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠ, ଏମପେଡାର ଅଧ୍ୟକ୍ଷ ଡି ଭି ସ୍ୱାମୀ, ୱାର୍ଲ୍ଡଫିସର ମହାନିର୍ଦ୍ଦେଶକ ଡକ୍ଟର ଏସାମ ୟାସିନ ମହମ୍ମଦ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ଜିଲ୍ଲାରୁ ଯୋଗ ଦେଇଥିବା ମତ୍ସ୍ୟଚାଷୀ, ପ୍ରାଣିପାଳକ ପ୍ରମୁଖ ଉପସ୍ଥିତ ଥିଲେ । ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲମ୍ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶକ ଶ୍ରୀ ବିଜୟ ଅମୃତା କୁଲାଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ । ଆସନ୍ତାକାଲି 'ଡଗ ସୋ' ପ୍ରଦର୍ଶନ ହେବ । ଏଥିରେ ବିଭିନ୍ନ ପ୍ରଜାତିର କୁକୁରଙ୍କୁ ପ୍ରଦର୍ଶିତ କରାଯିବ । ସେହିପରି ରବିବାର ଦିନ 'ମନ୍ତ୍ରୀଙ୍କୁ ପଚାରନ୍ତୁ' କାର୍ଯ୍ୟକ୍ରମରେ ମତ୍ସ୍ୟଚାଷୀ ଓ ପ୍ରାଣିପାଳକମାନେ ସେମାନଙ୍କ ମନରେ ଥିବା ପ୍ରଶ୍ନ ପଚାରିପାରିବେ । ସାଧାରଣ ଲୋକଙ୍କ ସମସ୍ତ ପ୍ରଶ୍ନର ଉତ୍ତର ରଖିବେ ମାନ୍ୟବର ମନ୍ତ୍ରୀ ଶ୍ରୀ ଗୋକୁଳନନ୍ଦ ମଲ୍ଲିକ ।

## ଆକର୍ଷଣର କେନ୍ଦ୍ର ମଇଁଷି ଷଣ୍ଢ 'ଭୀମ'



ଭୁବନେଶ୍ୱର,୧୫/୨: ଭୁବନେଶ୍ୱର ବରମୁଣ୍ଡା ଖେଳ ପଡିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ, ଓଡ଼ିଶାରେ ସାମିଲ ହୋଇଛନ୍ତି ରାଜ୍ୟର ବିଭିନ୍ନ ଅଞ୍ଚଳର ମତ୍ସ୍ୟଚାଷୀ ଓ ବିଭିନ୍ନ ବର୍ଗର ପ୍ରାଣିପାଳକ । ଏହି ସମାବେଶରେ ସମସ୍ତଙ୍କର ଆକର୍ଷଣର କେନ୍ଦ୍ର ପାଲଟିଛି ରାଜସ୍ଥାନର ମଇଁଷି ଷଣ୍ଢ 'ଭୀମ' । 'ଭୀମ'ର ଜୀବନଶୈଳୀ, ଖାଦ୍ୟଶୈଳୀ ଓ ଭାବଭଙ୍ଗିମା ଲୋକଙ୍କ ମଧ୍ୟରେ ବିଶେଷ କୌତୁହଳ ଜାଗ୍ରତ କରୁଛି । ରାଜସ୍ଥାନ ଯୋଧପୁର ସହରରୁ ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ, ଓଡ଼ିଶାକୁ ଆସିଛି ମଇଁଷି ଷଣ୍ଢ 'ଭୀମ' । 'ଭୀମ' ହେଉଛି ମୁରା ପ୍ରଜାତିର ମଇଁଷି ଷଣ୍ଢ । 'ଭୀମ'ର ରଙ୍ଗ ଚିକ୍କଣ କଳା, ଓଜନ ପ୍ରାୟ ୧୫୦୦ କିଲୋଗ୍ରାମ ଓ ଉଚ୍ଚତା ପ୍ରାୟ ୬ ଫୁଟ ।'ଭୀମ'କୁ ବର୍ତ୍ତମାନ ୯ ବର୍ଷ କ୍ଷ ରାଜସ୍ଥାନର ଶ୍ରୀ ଜବାହରଲାଲ ଜାଙ୍ଗିଦଙ୍କ ଦ୍ୱାରା ପ୍ରତିପାଳିତ 'ଭୀମ'ର ସୁନ୍ଦର ଓ ବଳିଷ୍ଠ ସ୍ୱାସ୍ଥ୍ୟ, ବିଶାଳ ଆକାର ଓ ଉଚ୍ଚକୋଟିର ଶୁକ୍ରାଣୁ ପାଇଁ ସମଗ୍ର ଦେଶରେ ସ୍ୱତନ୍ତ୍ର ଖ୍ୟାତି ରହିଛି। ଶ୍ରୀ ଜବାହରଲାଲ ଜାଙ୍ଗିଦଙ୍କ ପ୍ରଦତ୍ତ ତଥ୍ୟ ଅନୁସାରେ ମଇଁଷି ଷଣ୍ଢ 'ଭୀମ'ର ପ୍ରତିପାଳନରେ ଦୈନନ୍ଦିନ ଖାଦ୍ୟ ପାଇଁ ପ୍ରାୟ ୫୦୦୦ ଟଙ୍କା ଖର୍ଚ୍ଚ ହୋଇଥାଏ । 'ଭୀମ' ପ୍ରତିଦିନ ୨୦ ଲିଟର ମହୁମିଶା କ୍ଷୀର ପିଇଥାଏ। ଏହା ସହ କାଜୁ , ପେସ୍ତାବାଦାମ, ଗାଜର, ବନ୍ଧାକୋବି, ଋତୁଜାତୀୟ ପରିବା, ଶୁଖିଲା ନଡ଼ା ଓ ସବୁଜ ଘାସ ଖାଇଥାଏ । ଏଥିସହିତ ଭୀମ ପ୍ରତିଦିନ ବିଲୋନା ଘିଅର ପ୍ରାୟ ୧ କିଲୋ ହାଲୁଆ ଖାଇବାକୁ ଭଲପାଏ ବୋଲି ତାର ପ୍ରତିପାଳକ କହିଛନ୍ତି। ସୁନ୍ଦର ଓ ବଳିଷ୍ଠ ସ୍ୱାସ୍ଥ୍ୟ ପାଇଁ ମଇଁଷି ଷଣ୍ଢ 'ଭୀମ' ପ୍ରତିଦିନ ଖୋଲା ପଡ଼ିଆରେ ବ୍ୟାୟମ କରିଥାଏ ଓ ସନ୍ତରଣ କୁଣ୍ଡରେ ପ୍ରତିଦିନ ସକାଳୁ ଓ ସନ୍ଧ୍ୟାରେ ସନ୍ତରଣ କରିଥାଏ। ଏହି ସମସ୍ତ କାରଣ ପାଇଁ 'ଭୀମ' ସମଗ୍ର ଦେଶରେ ଏକ ମଇଁଷି ଷଣ୍ଢରୂପେ ପରିଚିତି ପାଇଛି। ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ, ଓଡ଼ିଶା ମଇଁଷି ଷଣ୍ଢ 'ଭୀମ'ର ଉପସ୍ଥିତି ଯୋଗୁଁ ମତ୍ସ୍ୟଚାଷୀ ଓ ପ୍ରାଣିପାଳକମାନେ ତାକୁ ଦେଖିବାର ଓ ମୁରା ପ୍ରଜାତି ମଇଁଷିଙ୍କ ବିଷୟରେ ଜାଣିବାର ସୁଯୋଗ ପାଉଛନ୍ତି। ସୂଚନାଯୋଗ୍ୟଯେ, ମୁରା ପ୍ରଜାତିର ମଇଁଷିମାନଙ୍କ ଦୁଗ୍ଧ ଉତ୍ପାଦନ କ୍ଷମତା ଦିନକୁ ୨୦-୨୫ ଲିଟର ହୋଇଥାଏ।

## ପୁଙ୍ଗାନୁର ଗାଈକୁ ଦେଖିବାକୁ ଦର୍ଶକଙ୍କ ଭିଡ଼



ଭୁବନେଶ୍ୱର,୧୫/୨: ଯଦି ଆପଣଙ୍କୁ କୁହାଯାଏ ଯେ ଏକ ଗୋ ପ୍ରଜାତି ଯାହାର ଶରୀର କ୍ଷୁଦ୍ରତମ କିନ୍ତୁ ଏହାର କ୍ଷୀରର ସ୍ୱାଦ କ୍ରିମ୍ ଠାରୁ ବି ଅଧିକ ମିଠା, ଆପଣ ବିଶ୍ୱାସ କରିବେ ? କିନ୍ତୁ ଏହା ସତ । ଆମ ଭାରତରେ ହିଁ ରହିଛି ଏଭଳି ପ୍ରଜାତି । ଆନ୍ଧ୍ରପ୍ରଦେଶର ଚିତ୍ତୁର ଜିଲ୍ଲାରୁ ଆସି ଚଳିତବର୍ଷ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶାର ପହଞ୍ଚିଛି ବିଶ୍ୱର କ୍ଷୁଦ୍ରତମ କୁଜ ଥିବା ଗାଈ- ପୁଙ୍ଗାନୁର । ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡ଼ିଆଠାରେ ଆରମ୍ଭ ହୋଇଯାଇଛି ତିନି ଦିବସୀୟ ମତ୍ସ୍ୟ-ପ୍ରାଣୀ ସମାବେଶ । ଏହି ସମାବେଶର ଅନ୍ୟତମ ଆକର୍ଷଣ ସାଜିଛି ବିଶ୍ୱର ସବୁଠାରୁ କ୍ଷୁଦ୍ରତମ କୁଜ ଥିବା ଗୋ ପ୍ରଜାତି- 'ପୁଙ୍ଗାନୁର' । ଏହା ଏକ ଛୋଟ ପ୍ରଜାତିର ଗୃହପାଳିତ ଗାଈ ଭାବେ ଘରେ ଘରେ ଖ୍ୟାତି ଅର୍ଜନ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୪ ମସିହା ଜାନୁଆରୀ ୧୪ ମକର ସଂକ୍ରାନ୍ତି ଅବସରରେ ତାଙ୍କ ବାସଭବନରେ ପୁଙ୍ଗାନୁର ଗାଈଙ୍କୁ ଆଦର କରିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ୍ ହୋଇଥିଲା । ଏହାପରେ ଏହି ଗାଈ ଲୋକଲୋଚନକୁ ଆସିଥିଲା । ଏହି ଗାଈର ଉଚ୍ଚତା ୭୦-୯୦ ସେଣ୍ଟିମିଟର ହୋଇଥିବା ବେଳେ ଏହାର ଓଜନ ୧୧୫-୨୦୦ କିଲୋଗ୍ରାମ । ଏହା କମ୍ ଖାଦ୍ୟ ଆବଶ୍ୟକ କରିଥାଏ ଏବଂ ଉଭୟ ଶୁଷ୍କ ଓ ଉଷ୍ଣ ଜଳବାୟୁରେ ମଧ୍ୟ ଜୀବନଯାପନ କରିପାରେ । ଏହି ପ୍ରଜାତି ଭାରତୀୟ ଜଳବାୟୁ ସହ ଖାପ ଖୁଆଇ ରହିପାରିବ । ଏମାନେ ମୁଖ୍ୟତଃ ଶାନ୍ତ ସ୍ୱଭାବର ଅଟନ୍ତି । ଏହି ପ୍ରଜାତି ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାର ପ୍ରତୀକ । ଏହି ଗୋ ପ୍ରଜାତି ଦୈନିକ ହାରାହାରି ୩.୫ ଲିଟର ଦୁଗ୍ଧ ପ୍ରଦାନ କରିଥାନ୍ତି । ଏହାର ଦୁଗ୍ଧରେ ଘିଅ ଅଂଶ ୮ ପ୍ରତିଶତ ରହିଛି । ବିଶ୍ୱ ପ୍ରସିଦ୍ଧ ତିରୁପତି ଲଡ୍ଡୁ ପୁଙ୍ଗାନୁର ଗାଈର ଘିଅରୁ ପ୍ରସ୍ତୁତ ହୋଇଥାଏ । ଏହି ଗାଈ ଆଞ୍ଚଳିକ ପର୍ବ ପର୍ବାଣୀ, ଉତ୍ସବ ଓ ସମୃଦ୍ଧିର ପ୍ରତୀକ ।

## ମହିଳାଙ୍କୁ ଗଳାକାଟି ହତ୍ୟା

କଟକ,୧୫/୨: କଟକରେ ଶୁକ୍ରବାର ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଜଣେ ମହିଳାଙ୍କୁ ଗଳାକାଟି ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ପୋତାପୋଖରୀ ଗାନ୍ଧିପଲ୍ଲୀ ଅଞ୍ଚଳରୁ ଘର ଭିତରୁ ଜଣେ ମହିଳାଙ୍କ ରକ୍ତ ଜୁଡୁବୁଡ଼ ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳା ପ୍ରିୟତମା ଦଳାଇ ବୋଲି ଜଣାପଡ଼ିଛି। ଖବର ପାଇ ସିଆରଆରଆଇ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଛି। ପଡ଼ୋଶୀ ସନ୍ତୋଷ ସିଂହା ପ୍ରିୟତମାଙ୍କୁ ହତ୍ୟା କରି ଫେରାର ହୋଇଯାଇଥିବା ପୁଲିସ ସନ୍ଦେହ କରୁଛି। ଉଭୟଙ୍କ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିବା ପୁଲିସ ଜାଣିବାକୁ ପାଇଛି।

## ଲାଲ କୋଠା ପାଲଟିଛି ପାଠଶାଳା; ଆଦିବାସୀ ଯୁବକଙ୍କୁ ମିଳୁଛି କମ୍ପ୍ୟୁଟର ଶିକ୍ଷା

ମାଲକାନଗିରି,୧୫/୨: ପାଞ୍ଚ ଦଶନ୍ଧି ଧରି ମାଓବାଦୀଙ୍କ କବ୍ଜାରେ ବିଚ୍ଛିନ୍ନାଞ୍ଚଳ ରହିଥିଲା। ଯେଉଁଠି ପାଦେ ପାଦେ ବିପଦ ଥିଲା। ଲାଲବାହିନୀ ଆତଙ୍କରେ ଅଞ୍ଚଳ ଥରି ଉଠୁଥିଲା। ଲାଲବାହିନୀଙ୍କ ଗଡ଼ରେ ଲୋକେ ଭୟ ଓ ଆଶଙ୍କାରେ ଜୀବନ ବିତାଉଥିଲେ। ସଶସ୍ତ୍ର ହିଂସା ଓ ବନ୍ଧୁକ ମୁନରେ ଶାସନ ଚାଲିଥିଲା। ସେହି ଅଞ୍ଚଳରେ ସରକାରୀ ଅଧିକାରୀ ଓ ରାଜନେତାଙ୍କ ପାଦ ପଡୁ ନ ଥିଲା। ବର୍ତ୍ତମାନ ସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି। ବିଚ୍ଛିନ୍ନାଞ୍ଚଳ ଏବେ ସ୍ୱାଭିମାନ ଅଞ୍ଚଳ ହୋଇପାରିଛି। ମାଓବାଦୀଙ୍କ ଲାଲ କୋଠା ଏବେ ଆଦିବାସୀ ଯୁବକଙ୍କ ପାଠଶାଳା ପାଲଟିଛି। ସେଠି ଆଦିବାସୀ ଯୁବକଙ୍କୁ ସରକାରଙ୍କ ପକ୍ଷରୁ ମାଗଣାରେ କମ୍ପ୍ୟୁଟର ଶିକ୍ଷା ଦିଆଯାଉଛି। ଏପରି ଚିତ୍ର ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଜୋଡ଼ାମ୍ବ ସଦର ପଞ୍ଚାୟତରେ ଦେଖିବାକୁ ମିଳିଛି। ଉକ୍ତ ପଞ୍ଚାୟତରେ ୫ ଶହରୁ ଉର୍ଦ୍ଧ୍ୱ ଘର ରହିଛି। ପୂର୍ବରୁ ଜୋଡାମ୍ବରେ ମାଓବାଦୀଙ୍କ ଦ୍ୱାରା ଏକ ଲାଲ କୋଠା ନିର୍ମାଣ ହୋଇଥିଲା। ସେହି ସମୟରେ ପୁଲିସ ଗୁଳିରେ ମୃତ୍ୟୁବରଣ କରିଥିବା ମାଓ ନେତାଙ୍କ ଫଟୋ ସହ ଏକ ବିରାଟ ଲାଲ ସ୍ତୁପ ମଧ୍ୟ ନିର୍ମାଣ କରାଯାଇଥିଲା। କୋଠାରେ ବିଭିନ୍ନ ସମୟରେ ମାଓବାଦୀଙ୍କ ବୈଠକ ବସୁଥିଲା। ପୁଲିସକୁ ପ୍ରତିହତ କରିବା ପାଇଁ ମାଓବାଦୀମାନେ ଏହିଠାରୁ ଷଡ଼ଯନ୍ତ୍ର ଓ ବ୍ୟୁହ ରଚନା କରୁଥିଲେ। ବହୁ ମାଓବାଦୀ ସେହି କୋଠାରେ ଆଶ୍ରୟ ମଧ୍ୟ ନେଉଥିଲେ। ପୁଲିସ ସେଠି ପହଞ୍ଚିବା ଅସମ୍ଭବ ଥିଲା। ଗୁରୁପ୍ରିୟା ସେତୁ ନିର୍ମାଣ ପରେ ସ୍ଥିତି ବଦଳିଛି। ହନ୍ତାଳଗୁଡ଼ା ଘାଟି ନିର୍ମାଣ ପରେ ଜୋଡାମ୍ବ ପଞ୍ଚାୟତକୁ ସିଧାସଳଖ ରାସ୍ତା ନିର୍ମାଣ ହୋଇଛି। ପୂର୍ବରୁ ନଦୀ ପାର ହୋଇ ପଞ୍ଚାୟତକୁ ଆସିବାକୁ ହେଲେ ଭଙ୍ଗା, ଦଦରା ଲଞ୍ଚ, ଦେଶୀ ଡଙ୍ଗା ଲୋକଙ୍କ ଭରସା ଥିଲା। ହନ୍ତାଳଗୁଡ଼ା, ଜୋଡାମ୍ବ, ପଣସପୁଟ,








ଯନ୍ତ୍ରୀ ଅଞ୍ଚଳରେ ବିଏସ୍ଏଫ୍ ଶିବିର ପ୍ରତିଷ୍ଠା ପରେ ଲାଲବାହିନୀ ପଛଘୁଞ୍ଚା ଦେଇଛନ୍ତି। ମାଓ ମୁକ୍ତ ପରେ ଜୋଡାମ୍ବରେ ଥିବା ଲାଲ କୋଠାକୁ ଓଡ଼ିଶା ପୁଲିସ ନିଜ ଅଧୀନକୁ ନେଇଥିଲା। ଆଖପାଖ ପଞ୍ଚାୟତର ଯୁବକମାନଙ୍କୁ କମ୍ପୁଟର ଶିକ୍ଷା ଦେବା ପାଇଁ ସରକାରଙ୍କ ପକ୍ଷରୁ ମାଲକାନଗିରି ପୁଲିସ ଦ୍ୱାରା ପ୍ରଶିକ୍ଷଣ କେନ୍ଦ୍ର ଭାବେ ପରିଣତ କରାଯାଇଛି। ଆଖପାଖ ଅଞ୍ଚଳର କିଛି ଶିକ୍ଷିତ ଆଦିବାସୀ ଯୁବକମାନେ ମାଗଣାରେ କମ୍ପ୍ୟୁଟର ଶିକ୍ଷା ଗ୍ରହଣ କରୁଛନ୍ତି। ଜଣେ ପ୍ରଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ସେହି ଲାଲ କୋଠା ଚାରିଆଡେ ବିଏସ୍ଏଫ୍ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଆଦିବାସୀ ଝିଅମାନଙ୍କୁ ପାଠ ପଢ଼ିବା ପାଇଁ ସଚେତନତା କରାଯାଉଛି। ଯେଉଁ ଅଞ୍ଚଳର ନୀରିହ ଆଦିବାସୀ ଯୁବକମାନଙ୍କୁ ମାଓବାଦୀମାନେ ହିଂସାତ୍ମକ ପଥରେ ନେବା ଲାଗି ପ୍ରୋତ୍ସାହିତ କରୁଥିଲେ ଏବେ ସେଠାକାର ଯୁବଗୋଷ୍ଠୀ ଆଧୁନିକ ପ୍ରଯୁକ୍ତି ବିଦ୍ୟାର ଶ୍ରେଷ୍ଠ ଯନ୍ତ୍ର କଂପ୍ୟୁଟର ଚଳାଉଛନ୍ତି। ଜୀବନରେ ସେହି ଅଞ୍ଚଳର ଯୁବକମାନେ କେବେ କମ୍ପ୍ୟୁଟର ଦେଖି ନ ଥିଲେ। ଆଜି ଘର ପାଖରେ କମ୍ପ୍ୟୁଟର ଶିକ୍ଷା ସହ ଗାଁରେ ମୋବାଇଲ ଟାୱାର ବସିବା ପରେ ଇଣ୍ଟରନେଟ ସେବା ମଧ୍ୟ ପାଉଛନ୍ତି। ସରକାରଙ୍କ ପକ୍ଷରୁ ଉକ୍ତ ଅଞ୍ଚଳରେ ସ୍ୱତନ୍ତ୍ର ଶିକ୍ଷାଦାନ ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଗଞ୍ଜେଇ ଚାଷ କରୁଥିବା ଆଦିବାସୀମାନଙ୍କୁ ଜୀବନଜୀବିକା ମିଶନ ପକ୍ଷରୁ ପନିପରିବା ଚାଷ ସହ ଅନ୍ୟାନ୍ୟ ଚାଷ ପାଇଁ ସହଯୋଗ ଯୋଗାଇ ଦିଆଯାଇଛି। ମାଲକାନଗିରି ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ ଉକ୍ତ ଅଞ୍ଚଳକୁ ଦୁଇଦିନ ଧରି ଗସ୍ତ କରି ଲୋକଙ୍କୁ କୃଷି ଉପରେ ସଚେତନତା କରାଇଥିଲ। ଦୀର୍ଘ ବର୍ଷ ପରେ ବିନା ସୁରକ୍ଷାରେ ଜଣେ ସରକାରୀ ଅଧିକାରୀ ସେହି ଅଞ୍ଚଳକୁ ଯାଇଥିବାରୁ ଲୋକେ ନିଜର ଗୁହାରି ଜଣାଇଥିଲେ। ଉପଜିଲାପାଳ ସେମାନଙ୍କ ସମସ୍ୟା ବୁଝିଥିଲେ। ଆଗାମୀ ଦିନରେ ଅନ୍ୟାନ୍ୟ ସରକାରୀ ଯୋଜନା କିଭଳି ପହଞ୍ଚିବ ସେ ନେଇ ଉପଜିଲାପାଳ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ଅଞ୍ଚଳର ଛାତ୍ରଛାତ୍ରୀ କିପରି ବିଦ୍ୟାଳ୍ୟକୁ ଯାଇ ପାଠ ପଢ଼ିବେ ସେ ସମ୍ପର୍କରେ ମଧ୍ୟ ଲୋକଙ୍କୁ ସଚେତନ କରାଯାଇଛି। ଲାଲବାହିନୀଙ୍କ କୋଠା ବର୍ତ୍ତମାନ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ରରେ ପରିଣତ ହେବା ନିଶ୍ଚିତ ଗଣତାନ୍ତ୍ରିକ ପଦ୍ଧତିକୁ ଆପଣାଇବା ନେଇ ସରକାରଙ୍କ ସଫଳତା ଦର୍ଶାଉଛି।

## ସିଜିମାଳି ଖଣି ଖନନ ନିମନ୍ତେ ପ୍ରଭାବିତ ଅଞ୍ଚଳ ବାସୀଙ୍କ ବିଶାଳ ରେଲୀ




ଭବାନୀପାଟଣା ତା :୧୫/୦୨: କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ର ସିଜିମାଳି ପ୍ରଭାବିତ ଥୁଆମୂଳ ରାମପୁର ବ୍ଲକ ର ୨୪ ଗୋଟି ପଞ୍ଚାୟତ ର ପ୍ରାୟ ୩୦୦ ରୁ ଉର୍ଦ୍ଧ ଗ୍ରାମରୁ ପ୍ରାୟ ୧୫,୦୦୦ ହଜାର ରୁ ଉର୍ଦ୍ଧ ଅଞ୍ଚଳ ବାସୀ ଭବାନୀପାଟଣା ସହର ସ୍ଥିତ ଲାଲବହାଦୂର୍ ଷ୍ଟାଡିୟମ ଠାରେ ଏକତ୍ର ହୋଇଥିଲେ। ସେହିଠାରୁ ଏକ ବିଶାଳ ଶୋଭାଯାତ୍ରା ରେ ସହର ମଧ୍ୟ ରେ ପରିକ୍ରମା କରି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖ ରେ ପହଞ୍ଚି ସଜୀମାଳି ଓ ମୈତ୍ରୀ କମ୍ପାନୀ ସପକ୍ଷରେ ନାରା ଦେଇଥିଲେ। ଏହା ପରେ ସିଜିମାଳୀ ଖଣି ଖନନ ନିମନ୍ତେ କଳାହାଣ୍ଡି ଜିଲ୍ଲା ପାଳ ଙ୍କୁ ଏକ ଦାବି ପତ୍ର ଦେବାପାଇଁ ଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ପହଞ୍ଚି ଡେପୁଟି ଜିଲ୍ଲାପାଳ ସତ୍ୟନାରାୟଣ ମେହେର ଙ୍କୁ ହଜାର ହଜାର ଲୋକଙ୍କ ଦସ୍ତଖତ ଥିବା ନଥିପତ୍ର ଶହ ସିଜିମାଳି ଓ ମୈତ୍ରୀ କମ୍ପାନୀ କୁ ସମର୍ଥନ କରୁଥିବା ଏକ ଦାବୀ ପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ଜନସାଧାରଣ ମାନଙ୍କର ପ୍ରତିକ୍ରିୟା ରେ ଅଞ୍ଚଳରେ ଆଗାମୀ ଦିନରେ ରେ ଯଦି ଖଣି ଖନନ ହେଲେ ଆମ ଅଞ୍ଚଳ ର ଉନ୍ନତି ହେବା ସହ ବେକାରି ସମସ୍ୟା ଦୂରହେବ ଅଥି ସହିତ ଦାଦନ ସମଶ୍ୟା ମଧ୍ୟ ଦୁରି କରଣ ହୋଇ ପାରିବ ବୋଲି ପ୍ରକାଶ କରିଛନ୍ତି। ବର୍ତମାନ ସମୟରେ ମାସକୁ ପ୍ରାୟ ୧୦ ହଜାର ରୁ ଉର୍ଦ୍ଧ ପରିବାର ସିଧା ସଳଖ ଆର୍ଥିକ, ସ୍ୱାସ୍ଥ୍ୟ ସେବା, ଶିକ୍ଷା, ନିଯୁକ୍ତି ଓ ଧାର୍ମିକ କ୍ଷେତ୍ର ରେ ପ୍ରାୟ ୪୫ ରୁ ଉର୍ଦ୍ଧ ଆମ ଅଞ୍ଚଳରେ ମନ୍ଦିର ନିର୍ମାଣ କରାଯାଉଛି ଓ ଅନ୍ୟାନ୍ୟ ଉନ୍ନତି ମୂଳକ କାର୍ଯ୍ୟ ମଧ ମୈତ୍ରୀ କମ୍ପାନୀ ତରଫରୁ କରାଯାଉଛି । ସିଜିମାଳି ଖଣି ଖନନ ଯଥାଶୀଘ୍ର ଆରମ୍ଭ କରାଯାଉ, ଆଉ କିଛି ବାହାରିଆ ଲୋକ ଆସି ନିରୀହ ଆଦିବାସୀ ଲୋକ ମାନଙ୍କୁ ତାଙ୍କ ସ୍ୱାର୍ଥ ପାଇଁ କମ୍ପାନୀ କୁ ବିରୋଧ କରିବାକୁ ଉସ୍କାଉ ଛନ୍ତି ବୋଲି ଗ୍ରାମବାସୀ ମତ ପ୍ରକାଶ କରିଛନ୍ତି ।

## ଜୟଶୋଳ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଜଗତସିଂହପୁର ତା ୧୫୨(ନି.ପ୍ର)ରଘୁନାଥପୁର ଶିକ୍ଷା ମଣ୍ଡଳ ଅଧିନ ଜୟଶୋଳ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ପ୍ରଧାନ ଶ୍ରୀକ୍ଷୟତ୍ରୀ ଉର୍ମିଳା ପ୍ରଭା ବେଉରା ଙ୍କ ସଭାପତିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଆଲୁମିନୀ କମିଟି ସଦସ୍ୟ ଅକ୍ଷୟ କୁମାର ବେହେରା ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ବହୁ ମହତ ପୂର୍ଣ୍ଣ ଉପଦେଶ ଭାଷଣ ମାଧମରେ ରଖିଥିଲେ ।ଅନ୍ୟ ଅତିଥି ମାନଙ୍କ ମଧରେ ଜୟଚନ୍ଦ୍ର ମହାନ୍ତି, ଡଃ ବସନ୍ତ କୁମାର ସାହୁ, ବୈରାଗୀ ଚରଣ ବେହେରା, ଏସ୍ ଏମ୍ ସି ସଭାପତି ରବୀନ୍ଦ୍ର ନାଥ ସାହୁ, ଉପସଭାପତି ବନବାସିନୀ ବେହେରା, ସୀତାରାଣୀ ଦଳେଇ, ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ଉତ୍ତାରଉତ୍ତର ଭବିଷ୍ୟତ କାମନା କରିଥିଲେ। ଏଥିରେ ସଭା ପରିଚାଳନା କରିଥିଲେ ସଚଳା ମହାନ୍ତି। ସସ୍ମୀତା ସାହୁ ବାର୍ଷିକ ବୀବରଣୀ ପାଠ କରିଥିଲା ବେଳେ ଧନ୍ୟ ବାଦ ଅର୍ପଣ କରିଥିଲେ ସରୋଜିନୀ ରଥ ।ସମଟିଭ ୧ରେ କତକାର୍ଯ୍ୟ ହାସଲ କରିଥିବା ୩୦ ଜଣ ଛାତ୍ରଛାତ୍ରୀ ଓ ଆମ ସଂକତି ଆମ ଖେଳଣାରେ କତକାର୍ଯ୍ୟ ହୋଇଥିବା ୧୨ଜଣ ଛାତ୍ରଛାତ୍ରୀ ଏବଂ ସାଂକତିକ କାର୍ଯ୍ୟକ୍ରମରେ ଅଶଂଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ସାଟିଫିକେଟ ଓ ସିଲ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟତ୍ରୀ ମଞ୍ଜୁଲତା ଆଚାର୍ଯ୍ୟ, ଦେବଯାନୀ ମିଶ୍ର, ସୁପ୍ରିୟା କାଣ୍ଡି, ଇତିଶ୍ରୀ ରଥ, ଲିପସା ରଥ, ଦେବେନ୍ଦ୍ର ନାଥ ବେହେରା, ନିହାରିକା ସ୍ୱାଇଁ, ପଙ୍କଜିନୀ ମିଶ୍ର, ସୁଚିସ୍ମିତା ମିଶ୍ର ପ୍ରମୁଖ ଯୋଗଦେଇ ସହଯୋଗ ପ୍ରଦାନ କରିଥିଲେ।

## କେନ୍ଦ୍ରାପଡ଼ା ଜିଲ୍ଲାରେ ବଢ଼ିଛି ଖଣିଜ ସମ୍ପଦ ଆୟ । ବାହା ବାହା ନେଉଛି ଖଣି ବିଭାଗ

କେନ୍ଦ୍ରାପଡ଼ା(୧୫/୦୨)କେନ୍ଦ୍ରାପଡ଼ା ଜିଲ୍ଲାରେ ସମସ୍ତ ୭ ଗୋଟି ତହସିଲ୍ ରେ ୨୫ ରୁ ଉର୍ଦ୍ଧ୍ୱ ଲଘୁ ଖଣିଜ ପଦାର୍ଥ ବା ବାଲି ସୈରାତ ଅବସ୍ଥିତ ଅଛି । ଯେଉଁଥିରେ ଦିନକୁ ଆୟ ଲକ୍ଷାଧିକ ଟଙ୍କା ହେଉଥିବା ବେଳେ , ଗତ କିଛି ବର୍ଷରୁ ଏହା ପ୍ରଶାସନ ଏବଂ ମାଫିଆଙ୍କ ସହଭାଗିତାରେ ସମ୍ପୂର୍ଣ୍ଣ ଲୁଟ୍ କରାଯାଉଥିଲା ବୋଲି ଯାହା ଏବେ ସାଧାରଣରେ ଅନୁମେୟ । ପ୍ରକାଶ ଥାଉକି ଗତ ଦୁଇବର୍ଷ ତଳେ ଅର୍ଥାତ୍ ୨୦୨୩ ମସିହା ଜୁଲାଇ ମାସରେ ସମସ୍ତ ଖଣିଜ ପଦାର୍ଥ ମାଇନସ ବିଭାଗକୁ ହସ୍ତାନ୍ତର କରାଯାଇଥିଲା ।ସେହିପରି କେନ୍ଦ୍ରାପଡ଼ା ରେ ମଧ ଖଣି ଅଧିକାରୀ ଭାବେ ରାଜେନ୍ଦ୍ର ପ୍ରସାଦ ଖୁଣ୍ଟିଆ ଯୋଗ ଦେଇ , ପୁରୁଣା ଢାଞ୍ଚାରେ ବାଲି ମାଫିଆଙ୍କ ସହ ସହଭାଗିତା ରେ ବିବାଦୀୟ ହୋଇପଡ଼ିଥିଲେ । ତେଣୁ ତାଙ୍କୁ ତତକାଳ ବଦଳି କରାଯାଇ ଲଘୁ ଖଣିଜ ପଦାର୍ଥ ର ସମସ୍ତ ଦାୟିତ୍ୱ କଢ଼ିନେଇ ମୁଖ୍ୟ ଖଣିଜ ପଦାର୍ଥ,କଟକ କୁ ସ୍ଥାନାନ୍ତର କରାଯାଇଥିଲା ।ତାଙ୍କ ଜାଗାରେ କଟକରେ ସହାୟକ ଖଣି ଅଧିକାରୀ ଭାବେ କାର୍ଯ୍ୟରତ ଶ୍ରୀଯୁକ୍ତ ରଞ୍ଜିତ ବେହେରାଙ୍କୁ କେନ୍ଦ୍ରାପଡ଼ାର ଭାରାପ୍ରାପ୍ତ ଖଣି ଅଧିକାରୀ ଭାବେ କେନ୍ଦ୍ରାପଡ଼ାକୁ ସ୍ଥାନାନ୍ତର କରାଯାଇଥିଲା । ରଞ୍ଜିତ ବେହେରା ୨୦୨୪ ମସିହା ଅକ୍ଟୋବର ମାସରେ ଯୋଗ ଦେବାକ୍ଷଣି ଚଳ ଚଞ୍ଚଳ ହୋଇପଡ଼ିଲା କେନ୍ଦ୍ରାପଡ଼ା ଖଣି କାର୍ଯ୍ୟାଳୟ। ଦିନ ରାତି କେଉଁଠି ନା କେଉଁଠି ଚଢ଼ାଉ ଜାରି ରହିଥିବା ବେଳେ , ମାଫିଆଙ୍କ କବଳରେ ଥିବା ବାଲି ସୈରାତ କୁ ମୁକ୍ତ କରାଇ ନିଲାମ ପ୍ରକ୍ରିୟାକୁ ଆଣି ରାଜସ୍ୱ ଆଦୟକାର୍ଯ୍ୟ ଆରମ୍ଭ କରାଯାଇଥିଲା । ବିଭିନ୍ନ ବେଆଇନ୍ ବାଲି ଉସ୍ତ




ଗୁଡ଼ିକ ଆଇନ୍ ଗତ କରାଯାଇ ସେଥିରୁ ମଧ ମୋଟା ଅଙ୍କର ରାଜସ୍ୱ ଆଦାୟ କରାଯାଉଛି ବୋଲି ସୂଚନା ମିଳିଛି । ଖଣି ଅଧିକାରୀ ରଞ୍ଜିତ ବେହେରା କେନ୍ଦ୍ରାପଡ଼ା ଭାରା ପ୍ରାପ୍ତ ଖଣି ଅଧିକାରୀ ଭାବେ ଯୋଗ ଦେଲା ପରେ ୨୦୨୪ ଅକ୍ଟୋବର ମାସ ଠାରୁ ଚଳିତ ଫେବୃୟାରୀ ୨୦୨୫ ମାସ ସୁଦ୍ଧା ପାଖା ପାଖି ୨ କୋଟି ଟଙ୍କା ରାଜସ୍ୱ ଆଦାୟ କରିଥିବା ବେଳେ , ବେଆଇନ୍ ବାଲି ସୈରାତ ସହ ବେଆଇନ୍ ଭାବେ ବାଲି ବୋହୁଥିବ ଗାଡ଼ି ଗୁଡିକରୁ କେବଳ ୫୦ ଲକ୍ଷ ଟଙ୍କାର ରାଜସ୍ୱ ଆଦାୟ କରିଥିବା ସୂଚନା ଦେଇଛନ୍ତି କେନ୍ଦ୍ରାପଡ଼ା ଖଣି ଅଧିକାରୀ । ଆହୁରି ମଧ ଖଣି ଅଧିକାରୀ ସୂଚନା ଦେଇଛନ୍ତି ଯେ ଗତ ୨୧-୨୨ ଆର୍ଥିକ ବର୍ଷ ଠାରୁ ବାଲି ସୈରାତ ମାନଙ୍କର ବାକି ଥିବା ୬ କୋଟି ୨୪ ଲକ୍ଷ ୮୪ ହଜାର ୮ ଶହ ୭୨ ଟଙ୍କାର ବକେୟା ରାଜସ୍ୱ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଆଦାୟ କରାଯିବାର ଲକ୍ଷ୍ୟ ରଖିଛନ୍ତି ଖଣି ଅଧିକାରୀ ରଞ୍ଜିତ ବେହେରା ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ